SANCHAR
# ସଂଚାର
ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Website: sanchar.live mail Id: sanchar odisha@gmail.com
RNI NO :ODIODI/2001/04811 Postal Regd No : BN/249/15-17
Vol. 32 | ISSUE 166 | ଭାଗ ୩୨ | ସଂଖ୍ୟା ୧୬୬ | Bhubaneswar | Wednesday 4 September 2024 | Page 8 ₹ 4.00 | ଭୁବନେଶ୍ୱର | ବୁଧବାର ୪ ସେପ୍ଟେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


ମମତାଙ୍କ 'ଅପରାଜିତା' ବିଲ


କ୍ୱାର୍ଟର୍‌ରେ ସ୍ୱିଆଟେକ୍



## ଆଖିବୁଜିଲା ଖେର୍ସେଲ

ସମ୍ବଲପୁର,୩।୯ (ସଂଚାର ବ୍ୟୁରୋ): ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ଅଧୀନେ ଡେବ୍ରିଗଡ଼ ଅଭୟାରଣ୍ୟରେ ଚଳପ୍ରଚଳ ହେଉଥିବା ହାତୀ 'ଖେର୍ସେଲ'ର ମୃତ୍ୟୁ ଘଟିଛି। ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ବୁର୍ଲା ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସାଧୀନ ଅବସ୍ଥାରେ ସେପ୍ଟେମ୍ବର ୨ ତାରିଖ ଅପରାହ୍ଣ ୪ଟାରେ 'ଖେର୍ସେଲ' (୬୫)ର ମୃତ୍ୟୁ ହୋଇଛି ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମାହୁନ୍ତ ହେମଚନ୍ଦ୍ର ଭୁଏ, ହାତୀର ଯତ୍ନ ନେଉଥିବା ସମସ୍ତ କର୍ମଚାରୀ, ➪ପୃଷ୍ଠା-୬

## ଖୁବ୍‌ଶୀଘ୍ର ପେସା ଆଇନ

ଭୁବନେଶ୍ୱର,୩।୯ (ସଂଚାର ବ୍ୟୁରୋ): ଖୁବଶୀଘ୍ର ରାଜ୍ୟରେ ଲାଗୁ ହେବ ପଞ୍ଚାୟତ ଏକ୍ସଟେନସନ ସିଡ୍ୟୁଲଡ ଏରିଆ ଆଇନ (ପେସା) ୧୯୯୬ । ମଙ୍ଗଳବାର ବିଧାନସଭାରେ ଏହି ଉତ୍ତର ରଖିଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ସରପଞ୍ଚଙ୍କ କ୍ଷମତାକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି । ସରକାର ସରପଞ୍ଚଙ୍କ କ୍ଷମତାକୁ କ୍ଷୁର୍ଣ୍ଣ କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଯାହାକୁ ନେଇ ପଞ୍ଚାୟତିରାଜ ମନ୍ତ୍ରୀ ➪ପୃଷ୍ଠା-୬

## ହାଇକୋର୍ଟ ବେଞ୍ଚ ଦ୍ୱନ୍ଦ୍ୱରୁ ହଟିଲା ପରଦା

ଭୁବନେଶ୍ୱର,୩।୯ (ସଂଚାର ବ୍ୟୁରୋ): ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗରେ ଗୃହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିବୃତି ରଖିଛନ୍ତି। ସେ କହିଛନ୍ତି, ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ ସରକାରଙ୍କ ବିଚାରାଧୀନ ଅଛି। ଲୋକଙ୍କୁ ତ୍ୱରିତ ଗତିରେ ନ୍ୟାୟ ଦେବା ପାଇଁ ସରକାର ବଦ୍ଧପରିକର। ସେ ଆହୁରି କହିଛନ୍ତି, ହାଇକୋର୍ଟ ବେଞ୍ଚ ସମ୍ପର୍କରେ ଗତକାଲି ଯେଉଁ ଉତ୍ତର ଦିଆ ଯାଇଥିଲା ତାହା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ କୁହାଯାଇଥିଲା, କିନ୍ତୁ ମୁଁ ଗୃହକୁ ଅବଗତ ➪ପୃଷ୍ଠା-୬

ନବୀନ ଗଲେ, ମୋହନ ଆସିଲେ

# ବାସନ୍ତୀଙ୍କୁ ମିଳିଲାନି ଛପର

କେନ୍ଦ୍ରାପଡ଼ା, ୩।୯ (ସଂଚାର ବ୍ୟୁରୋ): ରାଜ୍ୟରେ ୨୪ ବର୍ଷ ଧରି ବିଜେଡି ସରକାରରେ ଥିଲା। ବିଜେଡି ପୁଣି କୁଆଡେ ସବୁ ବେସାହାରଙ୍କ ସାହାର ବନିଥିଲା। ସମସ୍ତଙ୍କ ମୁଣ୍ଡ ଉପରେ ଛାତ ଦେଉଥିବା ଦାବି କରୁଥିଲା। ହେଲେ ସରକାରରୁ ଯିବା ପରେ ଏମିତି କଛି ଘଟଣା ସାମନାକୁ ଆସୁଛି ଯାହା ବିଜେଡି ସରକାରର ଅସଲ ଚେହେରା ପଦାରେ ପକାଇଛି। ପ୍ରମାଣିତ କରିଦେଉଛି ଯେ, ବିଜେଡି ସରକାର ଥିଲା କେବଳ ପ୍ରଚାର ସର୍ବସ୍ୱ। କଥା କମ କାମ ବେଶି ନୁହେଁ, ବରଂ ରଙ୍ଗୀନ ଫଟୋର ପ୍ରଚାର ଥିଲା ବିଜେଡି ସଫଳତାର ଏକମାତ୍ର ପୁଂଜି। ରାଜ୍ୟ ରାଜନୀତିର ପେଣ୍ଠସ୍ଥଳୀ କୁହାଯାଉଥିବା କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ବ୍ଲକ କାଉପଡା ପଂଚାୟତ କାର୍ଯ୍ୟାଳୟ ପାଖରେ ରହୁଥିବା ବାସନ୍ତୀ ଦାସଙ୍କ ସ୍ଥିତି ବିଜେଡିର ପ୍ରଚାର ପ୍ରତି କ୍ରୁର ଉପହାସ୍ୟ ବୋଲି ଜଳ ଜଳ ହୋଇ ଦିଶୁଛି। ମୁଣ୍ଡ ଗୁଞ୍ଜିବାକୁ ଛାତଟିଏ ନାହିଁ, ସୋସାଇଟି ପିଣ୍ଡା ଓ ପଞ୍ଚାୟତର ତାଜା ହିଁ ଏକମାତ୍ର ସାହା ଭରଷା । ଅନ୍ୟର ହାତ ଟେକାରେ ପୁରୁଛି ପେଟ। ସବୁଠୁ ଦୁଃଖର କଥା ହେଲା ନା ଆଖିକୁ ଦେଖାଯାଉଛି ନା ବାଟ ଦିଶୁଛି। ବୟସ ପାଖା ପାଖି 50 ଛୁଇଁବ।ବାପା ମା ମରିଗଲା ପରେ ଭାଇ ଭାଉଜ ଅଲଗା କରିଦେଲ।ବାଧ୍ୟ ହୋଇ ପାଖରେ ଥିବା ପଞ୍ଚାୟତ କାର୍ଯ୍ୟାଳୟ ଝରକା ତାଜା ତଳେ ଆଶ୍ରୟ ନେଉଛନ୍ତି ବାସନ୍ତୀ। ରାତି ହେଲେ ନିକଟରେ ଥିବା ସୋସାଇଟିବାରଣ୍ଡାକୁ ପଳାଇଯାନ୍ତି। ➪ପୃଷ୍ଠା-୬



ବଢ଼ିଲା ଅଡୁଆ

# ଫେରିଲା ବବିଙ୍କ ବ୍ଲାକ୍‌ରୋଜ



ଜାହାଜ କାହାର, କିଏ ଚାଲାଣ କରୁଥିଲା ଲୁହାପଥର ?

ଜାହାଜର କ୍ୟାପଟେନ ମରିଗଲେ ନା ମାରିଦିଆଗଲା ?

ଭୁବନେଶ୍ୱର ୩/୯ (ସଂଚାର ବ୍ୟୁରୋ): କିଛିଦିନ ହେଲା ଥମିଯାଇଥିବା ବ୍ଲାକ୍‌ରୋଜ୍ ପ୍ରସଙ୍ଗ ପୁଣି ଥରେ ବିଧାନସଭାରେ ଉଠିଛି। ମଙ୍ଗଳବାର 'ବ୍ଲାକରୋଜ୍' ପ୍ରସଙ୍ଗ ଉଠାଇଛନ୍ତି ଜଗତସିଂହପୁର ବିଜେପି ବିଧାୟକ ଅମରେନ୍ଦ୍ର ଦାସ। ଖଣି ବିଭାଗର ଖର୍ଚ୍ଚ ଦାବି ଆଲୋଚନାବେଳେ ଏହି ପ୍ରସଙ୍ଗ ଉଠାଇ ପାରାଦୀପ ଉପକୂଳରେ ବୁଡି ଯାଇଥିବା ବିଦେଶୀ ଜାହାଜ ବ୍ଲାକ ରୋଜ୍ କାହାର ବୋଲି ପଚାରିଥିଲେ। ଏଥିସହ ଜାହାଜରେ କାହାର ଲୁହାପଥର ଚୋରା ଚାଲାଣ ହେଉଥିଲା, ଜାହାଜର କ୍ୟାପଟେନ୍ ମରିଗଲା ନା ମାରିଦିଆଗଲା ବୋଲି ପ୍ରଶ୍ନ କରିଛନ୍ତି ଅମରେନ୍ଦ୍ର। ବିଧାୟକ ଆହୁରି ମଧ୍ୟ କହିଛନ୍ତି ଯେ, ଏହି ସବୁ ତଥ୍ୟକୁ ଚପାଇବାକୁ ବହୁତ ପ୍ରୟାସ କରାଯାଇଛି। ତେଣୁ ରାଜ୍ୟର ନୂଆ ସରକାରକୁ ଅନୁରୋଧ ତଦନ୍ତ କରି ସଠିକ କାର୍ଯ୍ୟାନୁଷ୍ଠାନ ହେଉ। ସୂଚନାଯୋଗ୍ୟ ଯେ, ୨୦୦୯ ମସିହା ସେପ୍ଟେମ୍ବର ୯ ତାରିଖରେ ୨୩,୮୪୭ ମେଟ୍ରିକ୍ ଟନ୍‌ର ଲୁହାପଥର ଏବଂ ୯୨୦ ମେଟ୍ରିକ୍ ଟନ୍‌ର ଫରନେସ୍ ତେଲ ନେଇ ଚୀନ୍ ଅଭିମୁଖେ ଯାଉଥିଲା ଏମ୍. ଭି. ବ୍ଲାକ୍ ରୋଜ୍ ଜାହାଜ। ଭାରସାମ୍ୟ ହରାଇ ପାରାଦୀପ ସମୁଦ୍ର ଉପକୂଳରୁ ୫ କିଲୋମିଟର ଦୂରରେ ସମୁଦ୍ର ପତନରେ ବୁଡ଼ି ଯାଇଥିଲା ଜାହଜଟି। ଏଥିରେ ଜାହାଜର ଜଣେ ଯନ୍ତ୍ରୀଙ୍କ ମୃତ୍ୟୁ ମଧ୍ୟ ହୋଇଥିଲା। ନିକଟରେ ଦୀର୍ଘ ୧୫ବର୍ଷ ପରେ ପାରାଦୀପ ସମୁଦ୍ରରେ ଏମଭି ବ୍ଲାକରୋଜ୍ ଜାହାଜ ବୁଡ଼ି ଘଟଣାର ତଦନ୍ତ ଭାର ସିବିଆଇକୁ ହସ୍ତାନ୍ତର ହେବାର ସମ୍ଭାବନା ସୃଷ୍ଟି ହୋଇଥିଲା। ପାରାଦୀପ ସାମୁଦ୍ରିକ ଥାନାରେ ରୁଜୁ ଏହି ବ୍ଲାକରୋଜ୍ ବୁଡ଼ି ଘଟଣାର ତଦନ୍ତ ପ୍ରକ୍ରିୟାକୁ ➪ପୃଷ୍ଠା-୬



ଛତିଶଗଡ଼ରେ ଏନ୍‌କାଉଣ୍ଟର

# ୯ ନକ୍ସଲ ନିହତ

ରାୟପୁର, ୩।୯: ଛତିଶଗଡ଼ର ଦନ୍ତେୱାଡା ଜିଲ୍ଲା ଜଙ୍ଗଲରେ ପୋଲିସ-ମାଓବାଦୀ ଗୁଳି ବିନିମୟ ଘଟିଛି। ଏଥିରେ ୬ ମହିଳା ସମେତ ୯ ମାଓବାଦୀ ନିହତ ହୋଇଥିବା ସମୟରେ ଘଟଣାସ୍ଥଳରୁ ବିପୁଳ ବିସ୍ଫୋରକ ଜବତ କରାଯାଇଛି। ଅପରାହ୍ଣ ଯାଏଁ ଜଙ୍ଗଲରେ ସର୍ଚ୍ଚ ଅପରେସନ ଜାରି ରହିଛି।

ବସ୍ତର ରେଞ୍ଜ ଆଇଜି ପି ସୁନ୍ଦରାଜନ ସୂଚନା ଦେଇଛନ୍ତି, ପୁରାଞ୍ଜିଲ-ଆନ୍ଦ୍ରି ଜଙ୍ଗଲରେ ପିପୁଲ୍ସ ଲିବରେସନ ଗରିଲା ଆର୍ମି (ପିଏଲଜିଏ)ର ଅନେକ ମାଓବାଦୀ କ୍ୟାମ୍ପ କରି ରହିଥିବା ଗୋଇନ୍ଦା ବିଭାଗ ପକ୍ଷରୁ ସୂଚନା ମିଳିଥିଲା। ଯାହାକୁ ଆଧାର କରି ଛତିଶଗଡ଼ ପୋଲିସର ଡିଆର୍‌ଜି ବାହିନୀ ଏବଂ ସିଆର୍‌ପିଏଫ୍ ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନ ୧୦.୩୦ରେ କମ୍ବିଂ ଅପରେସନ ଆରମ୍ଭ ହୋଇଥିଲା।

କମ୍ବିଂ ସମୟରେ ପୋଲିସ-ମାଓବାଦୀ ମୁହାଁମୁହିଁ ହୋଇଥିଲେ। ପୋଲିସବାହିନୀକୁ ଦେଖି ମାଓବାଦୀ ପ୍ରଥମେ ଗୁଳିଚାଳନା କରିବାରୁ ସୁରକ୍ଷାକର୍ମୀ ପାଲଟା ଜବାବ ଦେଇଥିଲେ। ଏଥିରେ ୯ ଜଣ ମାଓବାଦୀ ନିହତ ହୋଇଥିବାବେଳେ ଅନ୍ୟମାନେ ଖସି ପଳାଇଥିଲେ। ପ୍ରାୟ ଦୁଇ ଘଣ୍ଟା ଧରି ଉଭୟ ପକ୍ଷ ମଧ୍ୟରେ ସଂଘର୍ଷ ଜାରି ରହିଥିଲା। ନିହତ ମାଓବାଦୀଙ୍କ ମୃତଦେହ ଠାବ କରାଯାଇଛି। ଏହାସହ ମାଓ କ୍ୟାମ୍ପରୁ ବିପୁଳ ବିସ୍ଫୋରକ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ସମଗ୍ର ଅଞ୍ଚଳକୁ ସିଲ୍ କରାଯାଇ ସର୍ଚ୍ଚ ଅପରେସନ ଜାରି ରଖାଯାଇଛି।

ଡିଜିପିଙ୍କ ସ୍ୱତନ୍ତ୍ର ବୈଠକ

# ୨୦୨୬ ମାର୍ଚ୍ଚ ସୁଦ୍ଧା ରାଜ୍ୟ ହେବ ନକ୍ସଲମୁକ୍ତ



ଭୁବନେଶ୍ୱର, ୩।୯( ସଂଚାର ବ୍ୟୁରୋ): ଓଡ଼ିଶାରୁ ୨୦୨୬ ମାର୍ଚ୍ଚ ସୁଦ୍ଧା ନକ୍ସଲ ସଂପୂର୍ଣ୍ଣ ମୂଳପୋଛ ହେବେ। ନକ୍ସଲ ଦମନରେ ଓଡ଼ିଶା ପୋଲିସ ଭଲ ପ୍ରଦର୍ଶନ କରିଛି। ରାଷ୍ଟ୍ରୀୟସ୍ତରରେ ରାଜ୍ୟକୁ ମାନ୍ୟତା ମିଳିଛି ବୋଲି ନକ୍ସଲ ନିରାକରଣ ନେଇ ଅନୁଷ୍ଠିତ ବୈଠକ ପରେ ପୁଲିସ୍ ଡିଜି କହିଛନ୍ତି। ଓଡ଼ିଶାକୁ କିପରି ମାଓବାଦୀଙ୍କ କବଳରୁ ମୁକ୍ତ କରାଯିବ ସେନେଇ ଜୋରଦାର ପ୍ରୟାସ ଜାରି ରହିଛି। କିପରି ନକ୍ସଲମାନେ ଓଡ଼ିଶାକୁ ନ ଆସିପାରିବେ ସେନେଇ ଧ୍ୟାନ ଦିଆଯାଉଛି। ବିଶେଷ କରି ବୌଦ୍ଧ ଜିଲ୍ଲାରେ ମାଓବାଦୀଙ୍କ ପ୍ରବେଶ ରୋକିବା ପାଇଁ ଜୋରଦାର ପ୍ରୟାସ ଚାଲିଛି। ଛତିଶଗଡ଼ରେ ପୁଲିସ ଗୁଳିରେ ୯ ନକ୍ସଲ ନିହତ ହେବା ପରିପ୍ରେକ୍ଷୀରେ ମଙ୍ଗଳବାର ମାଓ ମୁକାବିଲା ନେଇ ଡିଜିପି ୱାଇବି ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ନକ୍ସଲ ଉପଦ୍ରୁତ ଜିଲ୍ଲାଗୁଡ଼ିକର ଏସ୍‌ପି ଗୋଇନ୍ଦା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ଏଡିଜି (ଅପରେସନ) ଏସ୍ ଦେବଦତ୍ତ ସିଂହ, ଏସ୍‌ଆଇଡବ୍ଲ୍ୟୁ ଡିଆଇଜି କେବି ସିଂହ, ଦକ୍ଷିଣାଞ୍ଚଳ ଆଇଜି ଜୟନାରାୟଣ ପଙ୍କଜ ପ୍ରମୁଖ ଆଗାମୀ ଦିନରେ ଆଣ୍ଟି ନକ୍ସଲ ଅପରେସନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଆଲୋଚନା କରିଛନ୍ତି। ଗତ ୨୪ ତାରିଖରେ ରାୟପୁରରେ ମାଓ ମୁକାବିଲା ନେଇ ୧୧ ରାଜ୍ୟର ବୈଠକ ହୋଇଥିଲା। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଛତିଶଗଡ଼ରୁ ମାଓବାଦୀଙ୍କୁ ନିପାତ ପାଇଁ ➪ପୃଷ୍ଠା-୬

# କାର୍ଯ୍ୟକର୍ତ୍ତାଙ୍କୁ ଟାସ୍କ ଦେଲେ ପ୍ରଭାରୀ



ବିଜେପି ସଦସ୍ୟତା ଗ୍ରହଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩।୯ (ସଂଚାର ବ୍ୟୁରୋ): ବିଜେପିର ସଦସ୍ୟତା ଅଭିଯାନରେ ସାମିଲ ହେଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ତାଙ୍କ ସହ ରାଜ୍ୟ ସଭାପତି ମନମୋହନ ସାମଲ ମଧ୍ୟ ସଦସ୍ୟତା ଗ୍ରହଣ କରିଛନ୍ତି। ରାଜ୍ୟ ବିଜେପି ପକ୍ଷରୁ ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମରେ ତାଙ୍କ ସହ ଉପମୁଖ୍ୟମନ୍ତ୍ରୀ କେଭି ସିଂଦେଓ, ପ୍ରଭାରୀ ବିଜୟ ପାଲ ସିଂ ତୋମାର, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ସହ ବିଧାୟକ ଏବଂ ସାଂସଦମାନେ ଉପସ୍ଥିତ ରହି ସଦସ୍ୟତା ଗ୍ରହଣ କରିଛନ୍ତି। ଘରକୁ ଘରକୁ ଯାଇ ବିଜେପିକୁ ଭୋଟ ଦେଇଥିବା ଲୋକଙ୍କୁ ଖୋଜି ଦଳ ସହ ଯୋଡ଼ିବାକୁ କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି ରାଜ୍ୟ ସଭାପତି ମନମୋହନ ସାମଲ। ସେହିପରି ଏହି କ୍ରଯ୍ୟକ୍ରମରେ କାର୍ଯ୍ୟକର୍ତ୍ତାଙ୍କୁ ଟାସ୍କ ଦେଇଛନ୍ତି ପ୍ରଭାରୀ ବିଜୟ ପାଲ ସିଂ ତୋମାର। ରେଳଷ୍ଟେସନ, ବସଷ୍ଟାଣ୍ଡ, କଲେଜ ବାହାରେ ସଦସ୍ୟତା ଅଭିଯାନ ଆରମ୍ଭ କରିବା ସହ ପ୍ରତି ବୁଥ୍‌ରେ ୪୦୦ ସଦସ୍ୟ ଟାର୍ଗେଟକୁ ହାସଲ କରିବାକୁ ହେବ। ରାଜ୍ୟ ସରକାରରେ ଏକ ବର୍ଷର ଉପଲବ୍ଧି ୧୦୦ ଦିନ ପୂର୍ବରୁ ହୋଇଛି। ଏହି ସବୁ କଥା ଲୋକଙ୍କ ପାଖରେ ପହଞ୍ଚାଅ। କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ➪ପୃଷ୍ଠା-୬

# ଉପଜିଲ୍ଲାପାଳ ହେଲେ ୬ ନବାଗତ ଆଇଏଏସ

ଭୁବନେଶ୍ୱର, ୩।୯ (ସଂଚାର ବ୍ୟୁରୋ): ଓଡ଼ିଶା କ୍ୟାଡ଼ରର ୨୦୨୨ ବ୍ୟାଚର ୬ ଜଣ ଆଇଏଏସ୍ ନିଜର ଦ୍ୱିତୀୟ ପର୍ଯ୍ୟାୟ ଟ୍ରେନିଂ ସମାପ୍ତ ପରେ ଆଜି ବିଭିନ୍ନ ଜିଲ୍ଲାରେ ଉପଜିଲ୍ଲାପାଳ ଭାବେ ନିଯୁକ୍ତି ପାଇଛନ୍ତି । ରାଜ୍ୟ ସରକାର ସେମାନଙ୍କୁ ବଣାଇ, ଆଠଗଡ଼, ପଦମପୁର, ଜୟପୁର, ତାଳଚେର ଓ ରାଇରଙ୍ଗପୁରଠାରେ ଉପଜିଲ୍ଲାପାଳ ଭାବେ ଅବସ୍ଥାପିତ କରିଛନ୍ତି। ଆଜି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ଟ୍ରେନିଂ ସମାପ୍ତ କରି ଫେରିଥିବା ୨୦୨୨ ବ୍ୟାଚ୍ ଆଇଏଏସ୍ ଅଫିସର ଅକ୍ଷୟ ପିଲାଏଙ୍କୁ ବଣାଇ ଉପଜିଲ୍ଲାପାଳ ଭାବେ ନିଯୁକ୍ତି ମିଳିଛି । ସେହିପରି ତାଙ୍କ ବ୍ୟାଚର ପ୍ରହଲାଦ ନାରାୟଣ ଶର୍ମାଙ୍କୁ ଆଠଗଡ଼ ଉପଜିଲ୍ଲାପାଳ, ଅରୁଗୁଲା ସ୍ନେହାଙ୍କୁ ପଦମପୁର ଉପଜିଲ୍ଲାପାଳ, ➪ପୃଷ୍ଠା-୬

# ଜାରି ରହିବ 'ଆମ ଓଡ଼ିଶା ନବୀନ ଓଡ଼ିଶା'

ଭୁବନେଶ୍ୱର,୩।୯ (ସଂଚାର ବ୍ୟୁରୋ): ପୂର୍ବତନ ସରକାରଙ୍କ 'ଆମ ଓଡିଶା, ନବୀନ ଓଡ଼ିଶା' କାମ ଆଗେଇ ନିଆଯିବ ବୋଲି ବିଧାନସଭାରେ ପ୍ରତିଶ୍ରୁତି ଦେଇଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ। କଂଗ୍ରେସ ବିଧାୟକ ତାରା ବାହିନିପତିଙ୍କ ପ୍ରଶ୍ନରେ ପଞ୍ଚାୟତିରାଜ ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି, 'ଆମ ଓଡିଶା ନବୀନ ଓଡିଶା'ରେ ୩ ହଜାର ୪୫୭ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ପ୍ରାୟ ୩୦ରୁ ୪୦ ପ୍ରତିଶତ କାମ ସମ୍ପୂର୍ଣ୍ଣ ହୋଇଛି, ଯାହାର ପେମେଣ୍ଟ ବି ହୋଇଛି। ସେ କହିଛନ୍ତି, 'ଆମ ଓଡ଼ିଶା ନବୀନ ଓଡ଼ିଶା'ରେ ବିଜେଡି କର୍ମକର୍ତ୍ତା ଯାହା କହୁଥିଲେ ତାହା ହେଉଥିଲା। ବିଜେଡ଼ି ସରକାର ପଲ୍ଲୀ ସଭା କରୁ ନ ଥିଲା । କିନ୍ତୁ ଆମ ସରକାର ତାହା କରିବନି। ଗ୍ରାମ ସଭା ଓ ପଲ୍ଲୀ ସଭାକୁ ଆମ ସରକାର ପୂର୍ଣ୍ଣ କ୍ଷମତା ପ୍ରଦାନ କରିଛନ୍ତି। ସେ ଯାହା କହିବେ ତାହା ହେବ ବୋଲି। ➪ପୃଷ୍ଠା-୬

ଭୁବନେଶ୍ୱରର ଜଳବନ୍ଦୀ ସ୍ଥିତି

# ସମସ୍ତେ କାନ୍ଦୁଛନ୍ତି, କାହା ଆଖିରେ ଲୁହ ନାହିଁ

ଭୁବନେଶ୍ୱର, ୩/୯(ସଂଚାର ବ୍ୟୁରୋ): ଅସରାଏ ବର୍ଷା ହେଲେ ଭୁବନେଶ୍ୱର ଭାସୁଛି। ସହରବାସୀଙ୍କୁ ଏହି ବନ୍ୟା ପରିସ୍ଥିତିରୁ ମୁକାଳିବା ପାଇଁ ସମସ୍ତେ କାନ୍ଦୁଛନ୍ତି ହେଲେ କାହା ଆଖିରେ ଲୁହ ନାହିଁ। ଭୁବନେଶ୍ୱରରେ ଏବେ ବିଏମ୍‌ସି ଗୃହ ନିର୍ମାଣ ପାଇଁ ପ୍ଲାନ୍ ଦେଉଛି। ପୂର୍ବରୁ କିନ୍ତୁ ବିଡିଏ ପ୍ଲାନ୍ ଦେଉଥିଲା। ବର୍ଷା ଜଳର ମୁକ୍ତ ପ୍ରବାହରେ କେତେକ ନିର୍ମାଣ ବାଧା ସୃଷ୍ଟି କରୁଥିବାରୁ ଏଥିପାଇଁ ବିଡିଏକୁ ଦାୟୀ କରାଯାଉଛି। ସହର ଭିତରେ ପୂର୍ତ୍ତ ବିଭାଗର ସବୁଠାରୁ ଅଧିକ ଲମ୍ବାର ନଳା ଅଛି। ସେଗୁଡ଼ିକ ବର୍ଷା ଜଳ ନିଷ୍କାସନ ଉପଯୁକ୍ତ ହେଉ ନ ଥିବାରୁ ସହରୀ ବନ୍ୟା ପାଇଁ ପୂର୍ତ୍ତ ବିଭାଗ ବି ଦାୟୀ। ରାଜପଥ କଡ଼ରେ ଯେଉଁ ସବୁ ବଡ଼ ବଡ଼ ନଳା ତିଆରି ହୋଇଛି ତାହା ଜାତୀୟ ରାଜପଥ କର୍ତ୍ତୃପକ୍ଷ(ଏନ୍‌ଏଚ୍‌ଏଆଇ)ର। ଏଥିରେ ମଧ୍ୟ ନିର୍ମାଣ ଜନିତ ତ୍ରୁଟି ଥିବାରୁ ତାହା ଜଳ ନିଷ୍କାସନ ପାଇଁ ସମର୍ଥ ହେଉ ନାହିଁ। ଶିଳ୍ପାଞ୍ଚଳରେ ରହିଥିବା ନାଳ ସବୁ ଇଡ୍‌କୋର। ତାହାର ମଧ୍ୟ କାହା ସହିତ ସମନ୍ୱୟ ନାହିଁ। ବାକି ରହିଲା ବିଏମ୍‌ସି। ଭୁବନେଶ୍ୱର ଭାସିଲେ ବିଏମ୍‌ସି ମେୟର ଓ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଭୁବନେଶ୍ୱରବାସୀଙ୍କୁ ଆଶ୍ୱାସନା ଦିଅନ୍ତି। କିନ୍ତୁ ଏ ସବୁ ବିଭାଗକୁ ଦୋଷ ଠେଲି ବସି ଯାଆନ୍ତି। ନୂଆ ସରକାର ଆସିବା ପରେ ଏହି 'ଅର୍ବାନ୍ ଫ୍ଲଡିଂ'(ସହରୀ ବନ୍ୟା)କୁ ଗୁରୁତ୍ୱ ଦେଇଛନ୍ତି। ସବୁ ବିଭାଗକୁ ଏକାଠି କରି ସମନ୍ୱୟ ବୈଠକ କରିଛନ୍ତି। ଭୁବନେଶ୍ୱରକୁ ଜଳବନ୍ଦୀରୁ ମୁକ୍ତ କରିବା ପାଇଁ ନୀଳ ନକ୍ସା ପ୍ରସ୍ତୁତ ହୋଇଛି। କିନ୍ତୁ ସହରରୁ ବର୍ଜ୍ୟଜଳ ନିଷ୍କାସନରେ ମୁଖ୍ୟ ଭୂମିକା ନିଭାଉଥିବା ଗଙ୍ଗୁଆ ନାଳ ପାଇଁ ବିଧିବଦ୍ଧ ଭାବରେ ଯୋଜନା ପ୍ରସ୍ତୁତ ହୋଇ ନ ଥିବାରୁ ଏହି ନୀଳ ନକ୍ସା କେତେଦୂର ବାସ୍ତବ ରୂପ ନେବ ସେ ନେଇ ପ୍ରଶ୍ନ ଉଠିଛି।



ଗଙ୍ଗୁଆ ପୁନରୁଦ୍ଧାରରେ ଜବରଦଖଲ ବାଧକ

୪ ସଂସ୍ଥା ଦୋଷ ଠେଲାଠେଲି

୨୦ କିମି ଲମ୍ବା ଓ ୧୫ କିମି ପ୍ରସ୍ଥ ବିଶିଷ୍ଟ ଭୁବନେଶ୍ୱର ଦେଇ ୧୧ଟି ପ୍ରାକୃତିକ ନଳା ଯାଇଛି ଯାହା ବର୍ଷା ଓ ବର୍ଜ୍ୟଜଳ ନିଷ୍କାସନ କରିବାରେ ପ୍ରମୁଖ ଭୂମିକା ନିଭାଉଛି। ଏହି ୧୧ଟି ଯାକ ନଳା ଯାଇ ଗଙ୍ଗୁଆରେ ପଡ଼ିଛି ଓ ଗଙ୍ଗୁଆ ଦୟା ନଦୀରେ ମିଶିଛି। ଭୁବନେଶ୍ୱରରେ ପୂର୍ତ୍ତ ବିଭାଗର ୩୬୦ କିମି ଲମ୍ବାର ନଳା ରହିଛି। ଏହି ନଳା ଦେଇ ସହରର ବର୍ଜ୍ୟଜଳ ନିଷ୍କାସିତ ହେଉଛି। ପୂର୍ବରୁ ବିଏମ୍‌ସି ପୂର୍ତ୍ତ ବିଭାଗ ଦୋଷ ଦେଇ ଖସି ଯାଉଥିଲା କି ୩୬୦ କିମି ଲମ୍ବା ଡ୍ରେନ୍‌ର ଉପଯୁକ୍ତ ପରିଚାଳନା ପୂର୍ତ୍ତ ବିଭାଗ କରିପାରୁ ନ ଥିବାରୁ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେଉଛି। ଏହାକୁ ନେଇ ଟନାଘନା ଚାଲିବା ପରେ ଗତ ବର୍ଷ ଶେଷ ଆଡ଼କୁ ଏଡି ସବୁ ନଳା ବିଏମ୍‌ସିକୁ ହସ୍ତାନ୍ତର କରାଯାଇଛି। ଏବେ ବିଏମ୍‌ସି କହୁଛି, ପୂର୍ତ୍ତ ବିଭାଗ ନଳା ସହ ଯେତେବେଳେ ➪ପୃଷ୍ଠା-୬



'ଚୋରି ପୁଣି ସିନାଜୋରି' ସୁନୀତିଙ୍କୁ ମହଙ୍ଗା ପଡ଼ିଲା

# ଧକ୍କା ଦେଇ ବିଦା କଲେ ମହିଳା କର୍ମୀ

ଭୁବନେଶ୍ୱର,୩।୯ (ସଂଚାର ବ୍ୟୁରୋ): ନିର୍ବାଚନ ସମୟରେ ୧୦ ଲକ୍ଷ ଟଙ୍କା ନେବା ଅଭିଯୋଗ ବିଜେପିରୁ ସସ୍‌ପେଣ୍ଡ ହୋଇଥିବା ଭୁବନେଶ୍ୱର ମେୟର ପ୍ରାର୍ଥୀ ସୁନୀତି ମୁଣ୍ଡଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ଦଳୀୟ ଅନୁଶାସନ ଭଙ୍ଗ ଅଭିଯୋଗରେ ବିଜେପି ରାଜ୍ୟ ସଭାପତିଙ୍କ ନିର୍ଦ୍ଦେଶରେ ନିଲମ୍ବିତ ହୋଇଥିଲେ ବି ଶ୍ରୀମତୀ ମୁଣ୍ଡ ରାଜ୍ୟ କାର୍ଯ୍ୟାଳୟକୁ ଆସି ଦଳ ବିରୋଧରେ ବିବୃତି ଦେଇ ହଟହଟା ହୋଇଛନ୍ତି। ତାଙ୍କୁ ଦଳର କିଛି ନେତ୍ରୀ ଓ ମହିଳା କର୍ମୀମାନେ ଧକ୍କାଦେ ବିଦା କରିଦେଇଥିବା ଦେଖିବାକୁ ମିଳିଛି।

ମଙ୍ଗଳବାର ବିଜେପି ରାଜ୍ୟ କାର୍ଯ୍ୟାଳୟରେ ସଦସ୍ୟତା ଅଭିଯାନ-୨୦୨୪ ଚାଲିଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଏଥିପାଇଁ ରାଜ୍ୟ କାର୍ଯ୍ୟାଳୟ ବେଶ୍ ଭିଡ଼ ଥିଲା। ଏହି ସମୟରେ ସୁନୀତି ମୁଣ୍ଡ ➪ପୃଷ୍ଠା-୬

# ସୁଭଦ୍ରା ଯୋଜନା ପାଇଁ ଆଧାର କେନ୍ଦ୍ରରେ ଭିଡ଼

## ଆଧାର ସଂଶୋଧନ ପାଇଁ ଘଣ୍ଟା ଘଣ୍ଟା ଲାଇନରେ ଛିଡା ହେଉଛନ୍ତି ମହିଳା

**ଯାଜପୁର, ୩।୯ (ସଂଚାର ବ୍ୟୁରୋ):** ରାଜ୍ୟ ସରକାର ବହୁ ଦ୍ୱନ୍ଦ୍ୱ ପରେ ସୁଭଦ୍ରା ଯୋଜନା ପାଇଁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏଥିପାଇଁ ଅଙ୍ଗନବାଡି କେନ୍ଦ୍ର, ଜନସେବା କେନ୍ଦ୍ର ଓ ମୋ ସେବା କେନ୍ଦ୍ରମାନଙ୍କରେ ସୁଭଦ୍ରା ଫର୍ମ ମଧ୍ୟ ମହିଳାଙ୍କୁ ବଣ୍ଟା ଚାଲିଛି । ତେବେ ଏଥିପାଇଁ ଆବଶ୍ୟକ ଥିବା ଆଧାର କାର୍ଡକୁ ନେଇ ଦେଖାଦେଇଛି ସମସ୍ୟା । ସରକାରଙ୍କ ନିୟମ ଅନୁସାରେ ଉଭୟ ଆଧାର କାର୍ଡ ଏବଂ ବ୍ୟାଙ୍କରେ ଆବେଦନକାରୀଙ୍କର ସମାନ ମୋବାଇଲ ନମ୍ବର ଥିବା ଆବଶ୍ୟକ ଯେଉଥିପାଇଁ ସୁଭଦ୍ରା ଯୋଜନା ପାଇଁ ଆବେଦନ କରିବାକୁ ଚାହିଁଥିବା ମହିଳାମାନେ ବହୁ ହଇରାଣ ହେଉଥିବା ଦେଖାଦେଇଛି। ଆଜି ଯାଜପୁର ଜିଲ୍ଲା ମୁଖ୍ୟ ଡାକଘରେ ଏଭଳି କିଛି ଚିତ୍ର ସାମନାକୁ ଆସିଛି। ଡାକଘର ଫାଟକ ଖୋଲିବା ପୂର୍ବରୁ ଶହଶହ ମହିଳା ଆଧାର ସଂଶୋଧନ ଓ ମୋବାଇଲ ନମ୍ବର ସଂଯୋଗ ପାଇଁ ଭିଡ଼ ଜମାଇଥିବା ଦେଖିବାକୁ ମିଳିଛି। କେବଳ ଡାକଘର ନୁହେଁ ଏଭଳି ସମାନ ସ୍ଥିତି ସମସ୍ତ ଆଧାର କେନ୍ଦ୍ର ଆଗରେ ମଧ୍ୟ ପରିଲକ୍ଷିତ ହୋଇଛି ।



ସୂଚନା ଅନୁଯାୟୀ ଆସନ୍ତା ସେପ୍ଟେମ୍ବର ୧୭ ତାରିଖରେ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ଟଙ୍କା ମିଳିବ ବୋଲି ଜଣାପଡିଛି। ସେଥିପାଇଁ ଆବେଦନ କରିବାକୁ ଥିବା ସମସ୍ତ ମହିଳା ଏହାପୂର୍ବରୁ ଆବଶ୍ୟକୀୟ ଦସ୍ତାବିଜ ସହ ଆବେଦନ କରିବାକୁ ଚାହୁଁଛନ୍ତି । ହେଲେ ଆଧାର କେନ୍ଦ୍ରମାନଙ୍କରେ ଏଭଳି ଭିଡ଼ ସମସ୍ୟା ଓ ଆଧାର ସଂଶୋଧନର କେତେଦିନ ପରେ ସଂଶୋଧିତ ହେବ ଏବଂ ମହିଳାମାନେ ସୁଭଦ୍ରା ଯୋଜନାର ଲାଭ କିପରି ପାଇପାରିବେ ତାହାକୁ ନେଇ ମହିଳାଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି ।

# ରାଜନଗରରେ 'ସୁଭଦ୍ରା' ଫର୍ମ ବଣ୍ଟନ

**ରାଜନଗର, ୩।୯ (ସଂଚାର ବ୍ୟୁରୋ):** ଦୀର୍ଘ ୨୪ବର୍ଷର ନବୀନ ପଟ୍ଟନାୟକଙ୍କ ସରକାର ପରେ ଏବେ ପ୍ରଥମକରି ଭାରତୀୟ ଜନତା ପାର୍ଟି ସରକାର ଦାୟିତ୍ୱ ନେଇଛି। ନିର୍ବାଚନ ସମୟରେ ଭୋଟର ମାନଙ୍କୁ ଆକର୍ଷିତ କରିବା ପାଇଁ ପୁଳା ପୁଳା ନୂଆ ଯୋଜନା ସମ୍ବନ୍ଧରେ ସରକାର ପ୍ରତିଶ୍ରୁତି ଦେଇ କ୍ଷମତା ହାତେଇ ଥିଲେ। ନୂତନ ସରକାରଙ୍କ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ବିଧାନସଭାରେ ଦେଇଥିବା ପ୍ରତିଶ୍ରୁତି ଅନୁସାରେ ୯୦ ଲକ୍ଷ ମହିଳାଙ୍କୁ ଶୁଭଦ୍ରା ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ବୋଲି ଘୋଷଣା କରିବା ସହିତ ୫୦ ହଜାର ଟଙ୍କା ୫ ବର୍ଷ ଭିତରେ ମହିଳାଙ୍କୁ ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଛି।



ପ୍ରତିବର୍ଷ ରାଖି ପୂର୍ଣ୍ଣିମା ଓ ଆନ୍ତର୍ଯ୍ୟାତୀୟ ମହିଳା ଦିବସରେ ୫ ହଜାର ଟଙ୍କା ଲେଖାଏଁ ମହିଳାଙ୍କ ଖାତାକୁ ଯିବ। ଏ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦ ଚଳିତ ମାସ ୧୭ ତାରିଖରେ ଏହି ଯୋଜନାର ଶୁଭାରମ୍ଭ କରିବେ। ରାଜ୍ୟ ସରକାର ସେହଦିନ ପ୍ରଥମ କିସ୍ତି ଟଙ୍କା ମହିଳାଙ୍କ ବ୍ୟାଙ୍କ ଖାତାକୁ ଯୋଗାଇ ଦେବାର କାର୍ଯ୍ୟକ୍ରମ ରହିଥିବା ବେଳେ ଆଜି ରାଜନଗର ଗ୍ରାମ ପଂଚାୟତ ଓ ମହିଁଷାସୁର ଗ୍ରାମ ପଂଚାୟତର ମା' ମାନଙ୍କୁ ଶୁଭଦ୍ରା ଫର୍ମ ଯୋଗାଇ ଦିଆଯାଇଛି।

### ଡିଜିଟାଲ ଫସଲ ସର୍ବେକ୍ଷଣ ଅଭିଯାନ

# ଗାଁ ଗାଁ ବୁଲି ସର୍ବେକ୍ଷଣ ଅନୁଧ୍ୟାନ କଲେ ଜିଲ୍ଲାପାଳ

**ନୟାଗଡ଼, ୩।୯ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଆଜି ଜିଲ୍ଲାରେ ଚାଲିଥିବା ଡିଜିଟାଲ ଫସଲ ସର୍ବେକ୍ଷଣ ପରିଦର୍ଶନ କରିବା ସହ ସମୀକ୍ଷା କରିଛନ୍ତି । ଜିଲ୍ଲାପାଳ ଗାଁ ଗାଁରେ ବୁଲି ହେଉଥିବା ଡିଜିଟାଲ ଫସଲ ସର୍ବେକ୍ଷଣର ସ୍ଥିତି ପରଖିଥିଲେ । ଆଜି ଜିଲ୍ଲାପାଳ ନୟାଗଡ଼ ବ୍ଲକର ନବଘନପୁର ଓ ପିଆଶାଳିଆ ଗ୍ରାମ ପରିଦର୍ଶନ କରିଥିଲେ । ସେହିପରି ଭାବେ ଓଡ଼ଗାଁ ବ୍ଲକର ବ୍ରାହ୍ମଣଡିହି ଓ ଭାଡିକିଳା ଗ୍ରାମରେ ଫସଲ ସର୍ବେକ୍ଷଣ କାର୍ଯ୍ୟର ପରିଦର୍ଶନ କରିଥିଲେ । ଡିଜିଟାଲ ଫସଲ ସର୍ବେକ୍ଷଣର ସଠିକ ବ୍ୟବହାର ଓ ଉପକାରିତା ବିଷୟରେ କୃଷକ ସର୍ଭେକାରୀ ଦଳ ଓ ଅନ୍ୟ କର୍ମଚାରୀ ମାନଙ୍କ ସହ ଆଲୋଚନା କରିଥିଲେ। ଆଜିର ଏହି ସର୍ବେକ୍ଷଣ କାର୍ଯ୍ୟକ୍ରମରେ ଜିଲ୍ଲା କୃଷି ଅଧିକାରୀ ସଞ୍ଜୟ କୁମାର ଦଳେଇ, ଏଡିଏଏସଟିଏଲ ଲଲାଟେନ୍ଦୁ ମହାପାତ୍ର, ନୟାଗଡ଼ ତହସିଲଦାର ରାଜେଶ କେଶରୀ ସ୍ୱାଇଁ, ଓଡ଼ଗାଁ ତହସିଲଦାର ନୟାଗଡ଼ ବ୍ଲକ ସହକାରୀ କୃଷି ଅଧିକାରୀ ମୁକ୍ତିଲିନା ମୋନିକା, ବ୍ଲକ ଗୋଷ୍ଠି କୃଷି ଅଧିକାରୀ ପ୍ରତିଭା ପ୍ରଧାନ, ଓଡ଼ଗାଁ ସହକାରୀ କୃଷି ଅଧିକାରୀ କାଳନ୍ଦୀ ପରିଡା ପ୍ରମୁଖ ଉପସ୍ଥିତ ରହିଥିଲେ । ଜିଲ୍ଲାପାଳ ସର୍ଭେର ସଫଳ ରୂପାୟନ ନିମନ୍ତେ ଉପସ୍ଥିତତା ସ୍ଥାନୀୟ ଭଦ୍ର ବ୍ୟକ୍ତି, ଚାଷୀ ଓ କୃଷକ ମାନଙ୍କ ସହ



ଆଲୋଚନ କରିଥିଲେ। ସର୍ଭେ କରଣ କାର୍ଯ୍ୟର ବିଭିନ୍ନ ଦିଗ ପ୍ରତି ସ୍ଥାନୀୟ ଲୋକ ମାନଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟର ସଠିକ ତଦାରଖ ପାଇଁ ଜିଲ୍ଲାପାଳ, ଜିଲ୍ଲା କୃଷି ଅଧିକାରୀ ଓ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥି ସହିତ ଓଡ଼ଗାଁ ବ୍ଲକର ଆମ୍ବରାପୁର କେନ୍ଦ୍ର ଗସ୍ତ କରି ଅଙ୍ଗନାୱାଡି କର୍ମୀଙ୍କ ସହ ଶୁଭଦ୍ରା ଯୋଜନାରେ ସାଧାରଣ ମହିଳାମାନେ କିପରି ସେମାନଙ୍କର ନାମ 'ମୋ ସେବା' କେନ୍ଦ୍ର ଓ 'ଜନ ସେବା କେନ୍ଦ୍ର' ମାଧ୍ୟମରେ ବିନା ପ୍ରଲୋଭନ ଓ ଦଲାଲମାନଙ୍କର ପ୍ରରୋଚନାରେ ନପଡି ସଠିକ ଭାବେ ପଞ୍ଜିକୃତ କରି ପାରିବେ ସେ ନିମନ୍ତେ ଜିଲ୍ଲାପାଳ ଆଲୋଚନା କରିଥିଲେ।

# ସୁଭଦ୍ରା ଯୋଜନାର ଆବେଦନ ଫର୍ମ ବଣ୍ଟନ

**କେନ୍ଦ୍ରାପଡ଼ା, ୩।୯ (ସଂଚାର ବ୍ୟୁରୋ):** ଗରାପୁର ଅଙ୍ଗନୱାଡି (ମୁସଲିମ ବସ୍ତି ) କେନ୍ଦ୍ରରେ ରାଜ୍ୟ ସରକାରଙ୍କ ବହୁ ପ୍ରତିକ୍ଷୀତ ସୁଭଦ୍ରା ଯୋଜନାର ହିତାଧିକାରୀ ମହିଳାମାନଙ୍କୁ ଫର୍ମ ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ବିଜେପି ଜିଲ୍ଲା ଉପସଭାପତି ତଥା କପାଳେଶ୍ୱର ଗ୍ରାମ ପଂଚାୟତ ର ପୂର୍ବତନ ସରପଞ୍ଚ ଅଭିମନ୍ୟୁ ଗୋଛାୟତ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁପରଭାଇଜର ମାନସୀ ଦାସ, ଗ୍ରାମ ପଂଚାୟତ ନିର୍ବାହୀ ଅଧିକାରୀ ସାରଦା ପ୍ରସନ୍ନ ରାଉତ ପ୍ରମୁଖ ଯୋଗଦେଇ ସୁଭଦ୍ରା ଯୋଜନାରେ କିପରି ମହିଳା ମନେ ଉପକୃତ ହେବେ ସେଥିନେଇ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୱାର୍ଡସଭ୍ୟ ମଲ୍ଲିକ ଅଲିଜାନ, ଅଜମେରୀ ବେଗମ ବସ୍ତିର ସର୍ଦ୍ଦାର ଆୟୁନୁଲ ଇସଲାମ, ଅଙ୍ଗନୱାଡି କର୍ମୀ ସମସେରା ବେଗମ, ଯୁବନେତା ସୟଦ ସମସେର ଅଲ୍ଲୀ ଓ ଅବଦୁଲ ସଲିମ ଖାଁ ପ୍ରମୁଖ ଉପସ୍ଥିତ ଥିଲେ।



### ଜଳିଗଲା ଦୋକାନ

# ଲକ୍ଷାଧିକ ଟଙ୍କାର ସାମଗ୍ରୀ ପାଉଁଶ

**ଖଣ୍ଡପଡା, ୩।୯ (ସଂଚାର ବ୍ୟୁରୋ):** ନୟାଗଡ ଜିଲ୍ଲା ଭାପୁର ବ୍ଲକ କରବର ଗ୍ରାମର ଏକ ଦୋକାନ ଘରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ଦୋକାନ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି। ଘଟଣାରୁ ପ୍ରକାଶ, କରବର ଗ୍ରାମର ମନ୍ଦର ଧର ସାହୁ (୪୫) ପ୍ରତି ଦିନ ଭଳି ସୋମବାର ରାତ୍ର ୧୦ ଘଟିକା ସମୟରେ ଦୋକାନ ବନ୍ଦ କରି ନିଜ ଘରକୁ ଫେରିଥିଲେ। ମାତ୍ର, ରାତ୍ର ପ୍ରାୟ ୨ଘଟିକା ସମୟରେ ଦୋକାନ ଘରେ ଅଗ୍ନିକାଣ୍ଡ ଘଟି ଜଳୁଥିଲା। ମାତ୍ର, ପଡୋଶୀ ଘର ଲୋକ ଦୋକାନ ଘରେ ଅଗ୍ନିକାଣ୍ଡ ଘଟି ଥିବା ନେଇ ମନ୍ଦର କୁ ଖବର ଦେଇଥିଲେ। ଖବର ପାଇ ମନ୍ଦର ଆସି ଦୋକାନ ଘରେ ନିଆଁ ଜଳୁଥିବା ନେଇ ଭାପୁର ଅଗ୍ନିଶମ ବାହିନୀ କୁ ଖବର ଦେଇଥିଲେ। ଖବର ପାଇ ଭାପୁର ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁ କୁ କରିଥିଲେ ମଧ୍ୟ ଦୋକାନ ଘରେ ଥିବା ୨ଟି ଫ୍ରିଜ, ଡାଲି, ତେଲ, ଅଟା, ଚାଉଳ ସହ ସମସ୍ତ ଦୋକାନ ସାମଗ୍ରୀ ଓ ଅସବାପତ୍ର ପୋଡି ପାଉଁଶ ହୋଇଯାଇଛି। ବିଦ୍ୟୁତ ସର୍ଟ ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟିଛି ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ମିଳିଛି। ଅଗ୍ନିକାଣ୍ଡ ଘଟି ମନ୍ଦର ସର୍ବସ୍ୱାନ୍ତ ହୋଇଥିବାରୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ସ୍ଥାନୀୟ ଅଞ୍ଚଳ ବାସୀ ଦାବି କରିଛନ୍ତି।



# ଭିନ୍ନ ଭିନ୍ନ ମାମଲାରେ ୩ ଗିରଫ

**ବ୍ରହ୍ମପୁର, ୩।୯ (ସଂଚାର ବ୍ୟୁରୋ):** ବ୍ରହ୍ମପୁର ପୋଲିସ ଜିଲ୍ଲା ଅନ୍ତର୍ଗତ ଗୋଲନ୍ଥରା ଥାନା ଦୁଇ ଜଣ ଏବଂ ବଡ ବଜାର ପୋଲିସ ଜଣକୁ ଗିରଫ କରିଛି । ଚୋରାରେ ବାଣ ରଖିଥିବା ନେଇ ବଡ ବଜାର ପୋଲିସ ରାମ ଚନ୍ଦ୍ର ସାହୁ (୨୧)କୁ ଗିରଫ କରିଛି । ଓମ୍ ନଗର ସ୍ଥିତ ଚନ୍ଦନ ବିହାର ୨ୟ ସାହିରେ ପୋଲିସ୍ ଚଢ଼ାଉ କରିଥିଲା । ଗଣେଶ ପୂଜା ଅବସରରେ ସେ ବାଣ ଆଣିଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି । ୪୨ ପ୍ୟାକେଟ ତାଳ ଫୋଟକା ଜବତ କରାଯାଇଛି । ସେହିଭଳି ଜମି ଜାଲିଆତି ଘଟଣାରେ ଗୋଲନ୍ଥରା ପୋଲିସ ଦଲାଲ ପି ପ୍ରଭାକର ରାଓ ଓ ଲେଖାଳି ମଣ୍ଟୁ ପାତ୍ରକୁ ଗିରଫ କରିଛି । ଘଟଣାରେ ତଦନ୍ତ ଜାରି ରହିଛି । କନିଶି ସବ୍ ରେଜିଷ୍ଟର କର୍ଯ୍ୟାଳୟ ନିକଟରୁ ଦୁହେଁଙ୍କୁ ଉଠାଇଥିଲା ।

# ଖାଦ୍ୟ ଆୟୋଗ ଅଧ୍ୟକ୍ଷଙ୍କ ବଲାଙ୍ଗିର ଗସ୍ତ



**ବଲାଙ୍ଗିର, ୩।୯ (ସଂଚାର ବ୍ୟୁରୋ):** ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଇଂ ଅବନୀକାନ୍ତ ସାହୁ ଦୁଇ ଦିନିଆ ବଲାଙ୍ଗିର ଗସ୍ତରେ ଆସିଛନ୍ତି। ଆଜି ପୂର୍ବାହ୍ନରେ ସେ ପୁଇଁତଲା ବ୍ଲକରେ ବିଭିନ୍ନ ଗ୍ରାମାଞ୍ଚଳରେ ଅଙ୍ଗନୱାଡି, ସ୍କୁଲ ଗସ୍ତ କରି ଜନହିତକର ଯୋଜନାର ସମୀକ୍ଷା କରିଛନ୍ତି। ପୁଇଁତଲା ବ୍ଲକ ଅଧୀନ ବିଭିନ୍ନ କାର୍ଯ୍ୟାଳୟ ପରିଦର୍ଶନ ସମୟରେ ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ଶ୍ରୀ ପ୍ରିୟବ୍ରତ ସାମନ୍ତରାୟ ,ଶ୍ରୀ ପ୍ରଭାସ କୁମାର ନାୟକ ଉପସ୍ଥିତ ଥିଲେ। ବୁବେଲ ଗ୍ରାମ ପଞ୍ଚାୟତ ବାହଲବୁକା ଗ୍ରାମ କୁ ଯାଇ ହିତାଧିକାରୀଙ୍କୁ ଚାଉଳ ଯୋଗାଣ ସମୟରେ ହଉଚି ନା ନାହିଁ ନିଜେ ପଚାରି ତଦନ୍ତ କରିଥିଲେ । ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ଓ ମାନ ଯାଞ୍ଚ କରିବା ସହ ବିଭିନ୍ନ ଅଙ୍ଗନବାଡିମାନଙ୍କରେ ମା ଏବଂ ଛୁଆଙ୍କ ସୁବିଧା ଓ ସମସ୍ୟା ପଚାରି ବୁଝିଥିଲେ। ଏହା ସହ ଏକଲବ୍ୟ ମଡେଲ ରେସିଡେନସିଆଲ ସ୍କୁଲ ଯାଇ ପ୍ରଧାନ ଶିକ୍ଷକ ଏବଂ ଶିକ୍ଷକ ଶିକ୍ଷୟତ୍ରୀଙ୍କ ସହ ଆଲୋଚନା କରିଥିଲେ । ଏହା ପରେ ସେ ଠେଲୋକମୁଣ୍ଡା ସ୍କୁଲ ଏବଂ ଅଙ୍ଗନବାଡି ବୁଲିଦେଖିଥିଲେ। ଏହି ଗସ୍ତ ସମୟରେ ସେଠାରେ ଉପସ୍ଥାନ ରେଜିଷ୍ଟର, ପିଲାଙ୍କ ଖାଦ୍ୟର ମାନ, ପାରିପାର୍ଶ୍ୱିକ ସ୍ଥିତି ସମୀକ୍ଷା କରିଥିଲେ । ବ୍ଲକ, ଗ୍ରାମ ପଂଚାୟତ, ହିତାଧିକାରୀଙ୍କ ରେସନ୍ କାର୍ଡ଼ ସଂପର୍କରେ ଯେ କୌଣସି ସମସ୍ୟାର ଆଶୁ ସମାଧାନ ନିମନ୍ତେ ଏକ ଟୋଲ ଫ୍ରି ନମ୍ବର ବ୍ୟବସ୍ଥା ଏବଂ ଏହି ପରିପ୍ରେକ୍ଷୀରେ ନିର୍ବାଚିତ ଲୋକ ପ୍ରତିନିଧିଙ୍କ ସହିତ ସମନ୍ୱୟ ରକ୍ଷା ନିମନ୍ତେ ଓଡ଼ିଶା ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଶ୍ରୀଯୁକ୍ତ ସାହୁ ଗୁରୁତ୍ୱାରୋପ କରିଥିଲେ । ଏହି ସମୀକ୍ଷା ବୈଠକରେ ମୁଖ୍ୟ ଖାଉଟି ଯୋଗାଣ ଅଧିକାରୀ ଶ୍ରୀଯୁକ୍ତ ବେଣୁଧର ପାଣିଗ୍ରାହୀ, ବି.ଡି.ଓ ଅମରେନ୍ଦ୍ର ସ୍ୱାଇଁ , ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା ପ୍ରମୁଖ ଉପସ୍ଥିତ ଥିଲେ ।

# ରେଳବାଇ କବଚ ବ୍ୟବସ୍ଥା କାର୍ଯ୍ୟକାରୀ ପାଇଁ ଦାବି

**ବ୍ରହ୍ମପୁର, ୩।୯ (ସଂଚାର ବ୍ୟୁରୋ):** ପ୍ରତି ବର୍ଷ ବହୁ ସଂଖ୍ୟାରେ ବୃଦ୍ଧି ପାଉଥିବା ରେଳ ଦୁର୍ଘଟଣାରେ ହଜାର ହଜାର ଯାତ୍ରୀ ଅକାଳରେ ମୃତ୍ୟୁବରଣ କରୁଛନ୍ତି। ଯାତ୍ରୀଙ୍କ ସୁରକ୍ଷାରେ କେନ୍ଦ୍ର ସରକାରଙ୍କ ଚରମ ଅବହେଳା ବିରୁଦ୍ଧରେ ଆଜି ମାନବ ଅଧିକାର ସୁରକ୍ଷା ମଞ୍ଚର ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ମଞ୍ଚ ଆବାହକ ଆଇନଜୀବୀ ଅବନୀ ଗୟାଙ୍କ ଅଧ୍ୟକ୍ଷତାରେ ଆଜି ବିଜିପୁର କମ୍ୟୁନିଟି ହଲଠାରେ ଆୟୋଜିତ ବୈଠକରେ ରେଳବାଇରେ ବିଭିନ୍ନ ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ସରକାରଙ୍କ ଗୁରୁତର ଅବହେଳାକୁ ଦୃଢ଼ ନିନ୍ଦା କରାଯାଇଛି। ଓଡିଶାବାସୀ ବାର୍ଷିକ ୪୦ହଜାର କୋଟି ଟଙ୍କା ଟିକସ ଦେଉଥିବା ସତ୍ତ୍ୱେ ଓଡିଶା ମୁଖ୍ୟତଃ ଦକ୍ଷିଣ ଓଡିଶା ପ୍ରତି ଚରମ ଅବହେଳା କରାଯାଉଛି। ଭାରତ ବିଶ୍ୱଗୁରୁ ହେବାର ପ୍ରଚାର ସତ୍ତ୍ୱେ ବିଭିନ୍ନ ପ୍ରକାର ଅବହେଳା ପାଇଁ ବହୁ ସଂଖ୍ୟାରେ ରେଳ ଦୁର୍ଘଟଣା ଘଟୁଛି। ଦୁର୍ଘଟଣା ପରେ ସରକାର କୁମ୍ଭୀର କାନ୍ଦଣା କାନ୍ଦି କେବଳ ଅନୁକମ୍ପା ରାଶି ଦେଇ ସରକାର ଚୁପଚାପ ବସିପଡୁଛନ୍ତି। ବାର୍ଷିକ ହଜାର ହଜାର ଯାତ୍ରୀଙ୍କ ଜୀବନ ଅକାଳରେ ଦୁର୍ଘଟଣାରେ ଚାଲିଯାଉଥିବାବେଳେ ଆଜି ପର୍ଯ୍ୟନ୍ତ ସରକାର ଦୁର୍ଘଟଣାକୁ ଆଡେଇବାପାଇଁ କବଚ ବ୍ୟବସ୍ଥା କାର୍ଯ୍ୟକାରୀ କରିପାରିନାହାନ୍ତି। ୨୦୧୨ରୁ ରେଳ ଦୁର୍ଘଟଣା ରୋକିବା ପାଇଁ କାମ ଆରମ୍ଭ ହୋଇଥିବା କବଚ ବ୍ୟବସ୍ଥା ଓଡିଶାରେ ଆଦୌ ଆରମ୍ଭ ହିଁ ହୋଇନାହିଁ। ଏତଦସହ କେନ୍ଦ୍ରରେ ପୂର୍ବ ସରକାରଙ୍କ ସମୟରୁ ରେଳବାଇରେ ବରିଷ୍ଠ ନାଗରିକଙ୍କ ଯାତ୍ରାରେ ରହିଥିବା ମହିଳାଙ୍କ ପାଇଁ ୫୦ ଓ ପୁରଷଙ୍କ ପାଇଁ ୪୦ଶତକଡା ରିହାତି ପୁନଃ ଲାଗୁ କରିବା, ବନ୍ଦେ ଭାରତ ଏକ୍ସପ୍ରେସକୁ ଛାଡ଼ିବାପାଇଁ ଅନ୍ୟ ସମସ୍ତ ଦ୍ରୁତଗାମୀ ଟ୍ରେନ ଗୁଡିକୁ ମାତ୍ରାଧିକ ବିଳମ୍ବ କରିବା ବନ୍ଦ,ଦୀର୍ଘ ବର୍ଷରୁ ଚାଲିଥିବା ବ୍ରହ୍ମପୁର ରେଳ ଷ୍ଟେସନର କାମ ଶୀଘ୍ର ଶେଷ କରିବା, ପାସେଞ୍ଜର ଗାଡି ଗୁଡିକୁ ନାମକୁ ମାତ୍ର ଏକ୍ସପ୍ରେସର ନାମକରଣ କରି ଯାତ୍ରୀଙ୍କ ଉପରେ ଅଧିକ ଭଡା ଲଦିବା ବନ୍ଦ କରିବା, ମୁମ୍ବାଇ, ବାଙ୍ଗାଲୋର, ଅହମଦବାଦ ଆଦି ସହରକୁ ଯାଉଥିବା ଟ୍ରେନରେ ବ୍ରହ୍ମପୁରଠାରେ ସ୍ୱତନ୍ତ୍ର ସାଧାରଣ ବଗି ସଂଯୋଗ କରିବା, ଦକ୍ଷିଣ ଓଡିଶା ପ୍ରତି ରେଳବାଇର ପାତର ଅନ୍ତର ନୀତି ବନ୍ଦ କରିବା ଆଦି ଦାବୀ ସହ ରେଳବାଇ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆସନ୍ତା ୯ତାରିଖରୁ ଆରମ୍ଭ ହେଉଥିବା ଆନ୍ଦୋଳନକୁ ମାନବ ଅଧିକାର ସୁରକ୍ଷା ମଞ୍ଚ ସମର୍ଥନ ଜଣାଇଛି ।




## ଯାଜପୁର ପୋଲିସ ହାତରେ ୬ ଆନ୍ତଃଜିଲ୍ଲା ଲୁଟେରା

# ୪ ଲକ୍ଷ ଟଙ୍କା ସହ ମାରଣାସ୍ତ୍ର ଜବତ

**ଯାଜପୁର, ୩।୯ (ସଂଚାର ବ୍ୟୁରୋ):** ଯାଜପୁର ପୋଲିସ ଏବେ ଆକ୍ଟିଭ ମୁଡ଼ରେ । ଖୋଜି ଖୋଜି ସହରରୁ ଲୁଟୁଥିବା ଅପରାଧୀଙ୍କୁ ଧରୁଛି ଯାଜପୁର ପୋଲିସ । ଗତ କିଛିଦିନ ହେବ ଯାଜପୁର ଥାନା ଅଞ୍ଚଳରେ ଏକାଧିକ ଚୋରି ସହରବାସୀଙ୍କ ନିଦ ହଜାଇ ଦେଇଥିଲା। ସେଥିମଧ୍ୟରୁ ଯାଜପୁର ପୁଲିସ କେତେକ ଚୋରି ଘଟଣାର ପର୍ଦ୍ଦାଫାସ୍ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଥିଲେ। ତାଙ୍କ ଠାରୁ ଚୋରି ସାମଗ୍ରୀ ଉଦ୍ଧାର କରାଯାଇଥିଲା । ଆଜି ଛଅ ଅନ୍ତଃଜିଲ୍ଲା ଲୁଟେରାଙ୍କୁ ଗିରଫ କରାଯିବା ନେଇ ଯାଜପୁର ଟାଉନ ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା ସୂଚନା ଦେଇଛନ୍ତି । ସୂଚନା ମୁତାବକ ଯାଜପୁର ସହରର କିଛି ଚୋରି ଅଭିଯୋଗ ର ତଦନ୍ତ ସମୟରେ ଏହି ଲୁଟେରା ମାନଙ୍କୁ ଗିରଫ କରାଯାଇଛି। ଆରକ୍ଷୀ ଅଧିକ୍ଷକ ଭିନୀତ ଅଗ୍ରୱାଲଙ୍କ ନିର୍ଦ୍ଦେଶ କ୍ରମେ ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ରଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ତଦନ୍ତକାରୀ ଦଳ ବିଭିନ୍ନ ସ୍ଥାନ ଚଢ଼ଉ କରିଥିଲେ। ତଦନ୍ତ ଅଧିକାରୀ ଯାଜପୁର ଥାନା ହୀରାପୁର ଗ୍ରାମର ପ୍ରକାଶ ଚନ୍ଦ୍ର ସ୍ୱାଇଁ(୨୮), ଭଣ୍ଡାରିପୋଖରୀ ଥାନା ଅଞ୍ଚଳର ସୀତାରାମ ବେହେରା(୪୦), ଧାମନଗର ଦିଗି ଗ୍ରାମର ଅତୁଲ ବେହେରା(୪୦)ଚିଲାବନ୍ଧୀ ଗ୍ରାମର ସୁଦର୍ଶନ ରାଉତ(୪୯), ବେଲାମାଲା ଗ୍ରାମର ମାନସ କୁମାର ନାୟକ(୩୪), ଥାନା ଧାମନଗର ଦକ୍ଷିଣବନ୍ଧ ଗ୍ରାମର ସୂର୍ଯ୍ୟକାନ୍ତ ପଲେଇ(୫୯)କୁ ବିଭିନ୍ନ ସ୍ଥାନ ଚଢ଼ଉ କରି ଗିରଫ କରିଥିଲେ। ସେମାନଙ୍କ ଠାରୁ ନଗଦ ୪ଲକ୍ଷ ଟଙ୍କା ଚୋରିରେ ବ୍ୟବହୃତ ୩ଟି ଅସ୍ତ୍ର ଓ ୨ଟି ମୋବାଇଲ ଜବତ କରିଥିଲେ। ୬ଜଣ ଅଭିଯୁକ୍ତଙ୍କୁ ଅଦାଲତ ଚାଲାଣ କରାଯାଇଛି। ଏ ନେଇ ଯାଜପୁର ଟାଉନ ଥାନାରେ ଏକ ସାମ୍ବାଦିକ ସମ୍ମିଳନୀରେ ଯାଜପୁର ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା ଓ ଥାନାଧିକାରୀ ଶ୍ରୀ ପାତ୍ର ସୂଚନା ଦେଇଛନ୍ତି। ଯାଜପୁର ଜିଲାରେ ଏକାଧିକ ଚୋରିରେ ଏମାନେ ସଂପୃକ୍ତ ବୋଲି କହିବା ସହ ଭଦ୍ରକ ଜିଲାର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ଏହି ଚୋରି ଘଟଣାରେ ଧାମନଗର ଦୋବଲ ଅଞ୍ଚଳର ଜଣେ ସୁନା ଦୋକାନୀକୁ ମଧ୍ୟ ଗିରଫ କରାଯାଇଛି ।



# ଭୋଟର ତାଲିକା ସଂଶୋଧନ ନେଇ ସଚେତନତା ବୈଠକ

**ସୁବର୍ଣ୍ଣପୁର, ୩।୯ (ସଂଚାର ବ୍ୟୁରୋ):** ଜିଲ୍ଲାରେ ତ୍ରୁଟିଶୁନ୍ୟ ଭୋଟର ତାଲିକା ପ୍ରସ୍ତୁତି ନେଇ ଅଗଷ୍ଟ ୨୦ ତାରିଖରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟସୂଚୀ ସମ୍ବନ୍ଧରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ଜିଲ୍ଲାର ପ୍ରମୁଖ ରାଜନୈତିକ ଦଳର ପ୍ରତିନିଧି ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀମତୀ ଅନ୍ୟା ଦାସଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଉପଜିଲ୍ଲାପାଳ ସୋନପୁର ସୂରଜ ପଟ୍ଟନାୟକ, ଉପଜିଲ୍ଲାପାଳ ବୀରମହାରାଜପୁର ଲଲାଟେନ୍ଦୁ ସି, ଡେପୁଟି କଲେକ୍ଟର ନିର୍ବାଚନ ଶାଖା ଯଶସ୍ୱିନି ପୋଥାଳ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ଭୋଟର ତାଲିକା ସଂଶୋଧନର କାର୍ଯ୍ୟସୂଚୀ, ପ୍ରଣାଳୀ, ରାଜନୈତିକ ଦଳର ପ୍ରତିନିଧି ମାନଙ୍କ ଦାୟିତ୍ୱ, ବୁଥ ଲେବେଲ ଅଫିସର, ବୁଥ ଏଜେଣ୍ଟ, କର୍ମୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟ ପାଇଁ ବୁଥ ଲେବେଲ ଅଫିସରମାନେ ୧୮ ଅକ୍ଟୋବର ମଧ୍ୟରେ ଘରକୁ ଘର ଯାଇ ଭୋଟର ତାଲିକାରେ ଆବଶ୍ୟକ ସଂଶୋଧନ କରିବେ। ନୂତନ ଭୋଟର ଯୋଗଦାନ, ମୃତ୍ୟୁ, ଅନୁପସ୍ଥିତି, ବିବାହ ଜନିତ ବଦଳ, ସଠିକ ଫଟୋ, ଠିକଣା, ଭୋଟ କେନ୍ଦ୍ରର ଆବଶ୍ୟକ ସ୍ଥାନାନ୍ତର ସହ ମୌଳିକ ସୁବିଧା ନିମନ୍ତେ ପଦକ୍ଷେପ ଇତ୍ୟାଦି ସଂଶୋଧନ କରି ୦୧/୦୧/୨୫ ତାରିଖ ସୁଦ୍ଧା ଚୂଡାନ୍ତ ଭୋଟର ତାଲିକା ପ୍ରସ୍ତୁତ କରାଯିବ । ୦୬/୦୧/୨୫ ତାରିଖ ଦିନ ସଂଶୋଧିତ ଚୂଡାନ୍ତ ତାଲିକା ପ୍ରକାଶିତ ହେବ । ଭୋଟର ତାଲିକାର ସମ୍ବନ୍ଧୀୟ କୌଣସି ପ୍ରକାର ଦାବି କିମ୍ବା ଆପତ୍ତି ନିମନ୍ତେ ଜନସାଧାରଣ ୨୯/୧୦/୨୪ ରୁ ୨୮/୧୧/୨୪ ପର୍ଯ୍ୟନ୍ତ ସମୟ ସୀମା ରହିଛି। ସେହିପରି ଏହି ସମୟ ଅବଧି ମଧ୍ୟରେ ସମସ୍ତ ଶନିବାର ଓ ରବିବାର ଦିନ ସଂକ୍ଷିପ୍ତ ଭୋଟର ତାଲିକା ନିମନ୍ତେ ଆବଶ୍ୟକ ସ୍ୱତନ୍ତ୍ର ସଚେତନତା ଅଭିଯାନ ଅନୁଷ୍ଠିତ କରାଯିବା ଉପରେ ଆଲୋଚନା ହୋଇଥିଲା।



### ଗଭୀର ସମୁଦ୍ରରେ ଘଟିଥିଲା ଦୁର୍ଘଟଣା

# ଉପକୂଳ ସୁରକ୍ଷାକୁ ନେଇ ଉଠିଲା ପ୍ରଶ୍ନ

**ରାଜନଗର, ୩।୯ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକର ଶେଷ ସୀମା ବଂଗୋପସାଗର ତଟବର୍ତୀ ପୁରୁଣା ସାତଭାୟାର ବେଳାଭୂମିରେ ଗତକାଲି ଲାଗିଥିବା ୨ଟି ବିଶାଳକାୟ କଣ୍ଟେନରରୁ ସାତଭାୟା ଅଂଚଳର ଲୋକେ ବିଭିନ୍ନ ଘରକରଣା ଦ୍ରବ୍ୟ ଓ ଖାଦ୍ୟ ସାମଗ୍ରୀ ବୋହି ନେଇଥିଲେ। ୨ଟି କଣ୍ଟେନର ଲାଗିବାର ଦିନକ ପରେ ପ୍ରକୃତ ଘଟଣାର ରହସ୍ୟ ଉନ୍ମୋଚନ ହେବାରେ ଲାଗିଛି। ମିଳୁଥିବା ସୁଚନା ଅନୁଯାୟୀ ଏ.ଭି. ଆଇ.ଟି.ଆଇ. ପୁମା ମୁମ୍ବାଇରେ ରେଜଷ୍ଟ୍ରେଟ ହୋଇଥବା ଜେନେରାଲ କାର୍ଗୋ ଭେସେଲ ଅଗଷ୍ଟ ୨୬ ତାରିଖ ସୋମବାର ଦିନ କଲିକତାରୁ ଆଣ୍ଡାମାନର ପୋର୍ଟବ୍ଲେୟାର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା। ଗତିପଥରେ ଗଭୀର ସମୁଦ୍ରରେ ସାମୁଦ୍ରିକ ଝଡ ଯୋଗୁଁ କୂଳ ଠାରୁ ୯୦ ନଟିକାଲ ମାଇଲ ଦୂରରେ ଦୁର୍ଘଟଣାର ଶିକାର ହୋଇଥିଲା। ଦୁର୍ଘଟଣା ପରେ ଦୁଇଟି କଣ୍ଟେନର ଭାସି ଭାସି ଆସି ସାତଭାୟା ବେଳାବଭୂମୀରେ ଲାଗିଥିଲା। କାର୍ଗୋ ଭେସେଲ ଦୁର୍ଘଟଣାଗ୍ରସ୍ତ ହେବା ପରେ କଣ୍ଟେନର ଦୁଇଟି ଗଭୀର ସମୁଦ୍ରରେ ଭାସି ଭାସି ପଶ୍ଚିମବଙ୍ଗ, ବାଲେଶ୍ୱର ଦେଇ ସାତଭାୟା ନିକଟରେ ପହଁଚିଛି। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ, ବାବୁବାଲି ଦ୍ୱୀପ ଓ ଡଃ.ଅବଦୁଲ କଲାମ କ୍ଷେପଣାସ୍ତ୍ର ଘାଟି ଅଂଚଳ ଦେଇ ଏହି ଦୁଇଟି ବିରାଟକାୟ କଣ୍ଟେନର ଆସି ସାତଭାୟାରେ ଲାଗିଥିଲେ ବି ତଟରକ୍ଷୀ ବାହିନୀ, ଧାମରା ଓ ତାଳଚୁଆ ମାରାଇନ ପୁଲିସ କିପରି ଜାଣିପାରିଲେ ନାହିଁ, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅପରପକ୍ଷରେ ଭାରତ ସରକାରଙ୍କ ସବୁଠୁ ସମ୍ବେଦନଶୀଳ ପ୍ରତିରକ୍ଷା ବିଭାଗର କ୍ଷେପଣାସ୍ତ୍ର ଘାଟି ଥିବାରୁ ଅହୋରାତ୍ର ତଟରକ୍ଷୀ ବାହିନୀ ତଟ ସୁରକ୍ଷା ଦାୟିତ୍ୱରେ ଥିବା ବେଳେ କିଭଳି ଓ କେଉଁ ପରିସ୍ଥିତିରେ ସେମାନଙ୍କ ନଜର ଆଢୁଆଳରେ ଏହି ବିରାଟକାୟ କଣ୍ଟେନର ଦୁଇଟି ସାତଭାୟା କୂଳରେ ଲାଗିଲା, ଏହାକୁ ନେଇ ସନ୍ଦେହ ଘନିଭୂତ ହେବାରେ ଲାଗିଛି। ଆଜି ବିଭିନ୍ନ ଗଣମାଧ୍ୟମରେ ଏହି ଘଟଣା ସଂପର୍କରେ ଖବରପ୍ରକାଶ ପାଇବାରେ ବନବିଭାଗ ଏବଂ ପୁଲିସ ପ୍ରଶାସନ ଏ ଦିଗରେ ତତ୍ପର ହୋଇ ଉଠିଛନ୍ତି। ରାଜନଗର ଡିଏଫଓ ସୁଦର୍ଶନ ଗୋପିନାଥ ଯାଦବ ଏହି ସମ୍ବେଦନଶୀଳ ଘଟଣା ସଂପର୍କରେ କେନ୍ଦ୍ରାପଡା ଏସପି ସିଦ୍ଧାର୍ଥ କଟାରିୟାଙ୍କୁ ଚିଠି ଲେଖି ଜଣାଇବା ସହିତ ଏ ଦିଗରେ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେବାପାଇଁ ଉଲ୍ଲେଖ କରିଛନ୍ତି।



# ଜଗତସିଂହପୁର ଜିଲ୍ଲାର ପର୍ଯ୍ୟଟନ କ୍ଷେତ୍ର ଅବହେଳିତ

**ଜଗତସିଂହପୁର, ୩।୯ (ସଂଚାର ବ୍ୟୁରୋ):** ସରକାର ବ୍ରହ୍ମପୁର ସହରର ପରିତ୍ୟକ୍ତ ରାମଲିଙ୍ଗମ୍ ବନ୍ଦର ପୁନରୁଦ୍ଧାର କରି କୋଟି କୋଟି ଟଙ୍କା ଖର୍ଚ୍ଚ ରେ ଦର୍ଶନୀୟ ସ୍ଥାନ କରିଦେଲେ, ବିରଜା କ୍ଷେତ୍ରରେ ମଧ୍ୟ କୋଟି କୋଟି ଅଜାଡ଼ି ଦେଲେ, ପୁରୀ ଶ୍ରୀକ୍ଷେତ୍ର ହେଉ ଅବା ଏକାମ୍ର କ୍ଷେତ୍ରରେ ସବୁଠି ପର୍ଯ୍ୟଟନ ସମ୍ଭାର ଖଞ୍ଜିଦେଲେ, କିନ୍ତୁ ପ୍ରାକୃତିକ ସମ୍ପଦ ଐତିହାସିକ, ପୌରାଣିକ ତୀର୍ଥକ୍ଷେତ୍ରରେ ଭରପୁର ଅବହେଳିତ ଜଗତସିଂହପୁର ଜିଲ୍ଲାର ପର୍ଯ୍ୟଟନ କ୍ଷେତ୍ରପ୍ରତି ଆଡ଼ଆଖିରେ ସୁଦ୍ଧା ଦେଖୁନାହାନ୍ତି। ବିଡ଼ମ୍ବନା ୫ ବର୍ଷ ହେଲା ଜିଲ୍ଲାରେ ସ୍ଥାୟୀ ପର୍ଯ୍ୟଟନ ଅଧିକାରୀ ନାହାନ୍ତି। ୨୦୧୭ରେ ଅରବିନ୍ଦ ଜେନାଙ୍କ ଅବସର ପରଠୁ ଏଠାରେ ଜିଲ୍ଲା ଅଧିକାରୀ ପଦ ଖାଲିପଡିଛି। କଟକରେ ଅବସ୍ଥାପିତ ପର୍ଯ୍ୟଟନ ଅଧିକାରିଣୀ ସୁଜାତା ପଟ୍ଟନାୟକ ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲା ପର୍ଯ୍ୟଟନ ଦାୟିତ୍ୱରେ ରହିଛନ୍ତି। ଗତ କିଛି ଦିନ ତଳେ ସେ ପଦୋନ୍ନତି ପାଇ ଉପନିର୍ଦ୍ଦେଶକ ଭାବେ ନିଯୁକ୍ତି ପାଇଛନ୍ତି। କଟକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାର ଦାୟିତ୍ୱରେ ଥିବାରୁ ମାସକୁ ୩ଥର ଆସିବା ବି ତାଙ୍କ ପାଇଁ କଷ୍ଟ। ଏହି କାର୍ଯ୍ୟାଳୟକୁ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ରାଧାମୋହନ ଜେନା କେବଳ ପର୍ଯ୍ୟଟନ କାର୍ଯ୍ୟାଳୟ ସମ୍ଭାଳିଛନ୍ତି। ଜିଲ୍ଲାର

## ୫ବର୍ଷ ହେଲା କଟକ, କେନ୍ଦ୍ରାପଡ଼ା ପର୍ଯ୍ୟଟନ ଅଧିକାରିଣୀ ଜଗତସିଂହପୁର ଦାୟିତ୍ୱରେ!



ମଠ ମନ୍ଦିର, ପର୍ଯ୍ୟଟନସ୍ଥଳ ମୁରବ୍ବୀବିହୀନ, ଶ୍ରୀହୀନ ହୋଇ ପଡିରହିଛି। ବିସ୍ତୃତ ବେଳାଭୂମି, ବଣଜଙ୍ଗଲ, ନଦନଦୀ,ଦର୍ଶନୀୟ ସ୍ଥାନ କେଉଁଥିରେ ବି ପଛରେ ନାହିଁ ବାଣୀକ୍ଷେତ୍ର। ମା ଶାରଳାଙ୍କୁ ଦର୍ଶନ ହେଉ ବା ପାରାଦ୍ୱୀପ ବନ୍ଦର କିମ୍ବା ଶିଆଳି ବେଳାଭୂମି, ଆଖି ଯେଉଁ ଆଡ଼କୁ ଲମ୍ବିବ ସେଠି ଗଢ଼ିଉଠିଛି ପର୍ଯ୍ୟଟନ କ୍ଷେତ୍ର। ସବୁ ବ୍ଲକରେ ରହିଛି ପର୍ଯ୍ୟଟନର ସମ୍ଭାର। ପ୍ରତିଦିନ ଜିଲ୍ଲା ତଥା ଜିଲ୍ଲା ବାହାରରୁ ପର୍ଯ୍ୟଟନ ଆସୁଥିବା ବେଳେ ପର୍ଯ୍ୟଟନ କ୍ଷେତ୍ର ଭିତ୍ତିଭୂମି ବିକାଶ ଦିଗରେ ଆଖିଦୃଶିଆ ବିକାଶ କରାଯାଉନାହିଁ। ସରକାରୀ ତଥ୍ୟ କହୁଛି ଏଯାଏଁ ଜିଲ୍ଲାରେ ଜଗତସିଂହପୁର ମୁଚୁକୁନ୍ଦ ସୋମନାଥ ପୀଠ, ଝଙ୍କଡ଼ ଶାରଳା ମନ୍ଦିର, ରଘୁନାଥପୁର ବ୍ଲକ ଗୋରେଖନାଥ ମନ୍ଦିର, ପାରାଦ୍ୱୀପ ପୋର୍ଟ ମାଛଧରା ବନ୍ଦର ଓ ସମୁଦ୍ର କୂଳ, ଗଡ଼କୁଜଙ୍ଗ ଜଗନ୍ନାଥ ମନ୍ଦିର ଓ କୁଞ୍ଜବିହାରୀ ମଠ, ପାରାଦ୍ୱୀପ ଗଡ଼ ଷଣ୍ଡକୁଦ ଏବଂ ଚାନ୍ଦପୁର (ମହିଳୋ) ରଘୁନାଥଜୀଉ ମନ୍ଦିର, ବାଲିକୁଦା ବ୍ଲକ ମରିଚିପୁରର ମା ବନ୍ଦରେଇଙ୍କ ପୀଠ, ଏରସମା ବ୍ଲକ ଆମ୍ବିକି ପଞ୍ଚାୟତର ଶିଆଳି ବେଳାଭୂମି, ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିଛି। ସେସବୁ ସ୍ଥଳକୁ ପର୍ଯ୍ୟଟକମାନଙ୍କ ଯାତାୟତ ବର୍ଷ ତମାମ୍ ଲାଗି ରୁହେ। କିନ୍ତୁ ପର୍ଯ୍ୟଟନସ୍ଥଳୀ ଘୋଷଣା କରି ଚୁପ ହୋଇ ବସିଛନ୍ତି ସରକାର। ପର୍ଯ୍ୟଟନ ରହିବା ଓ ଖାଇବା ସୁବିଧା ତ ଦୂରର କଥା ସାମାନ୍ୟ ପରିମଳ ବ୍ୟବସ୍ଥା ପ୍ରତି ମଧ୍ୟ ଧ୍ୟାନ ଦିଆଯାଉନାହିଁ। କେବଳ କେମିତି ସରକାରୀ ଆର୍ଥିକ ଅନୁଦାନ ଆସିଲେ ତାହା ଶତପ୍ରତିଶତ ବାଟମାରଣା ହେଉଥିବା ଅଭିଯୋଗ ହେଉଛି। ପର୍ଯ୍ୟଟନସ୍ଥଳୀକୁ ଗାଇଡ଼ କରାଯିବା ଉଦେଶ୍ୟରେ କେଉଁଠି ହେଲେ ପର୍ଯ୍ୟାପ୍ତ ସୂଚନା ନାହିଁ। ଏହାବାଦ ବିରିଡ଼ି ବ୍ଲକ ହାଜିପୁରରେ ଧ୍ୟାନକୁଦ ପଞ୍ଚଶଖା ଧ୍ୟାନପୀଠ, ନାଇଲୋ ଯଶୋବନ୍ତପୀଠ, ନାଉଗାଁ ବ୍ଲକ ଗାରୋଇ ଆଶ୍ରମ ଜଗନ୍ନାଥ ମନ୍ଦିର,ଶାଳିଜଙ୍ଗା ମଠ, ଏରସମା ବ୍ଲକ ଗଡ଼ ହରିଶପୁର ହାୱାଖାନା ଓ ସମୁଦ୍ର ବେଳାଭୂମି, ବାଲିକୁଦା ବ୍ଲକ ପଞ୍ଚପଲ୍ଲୀ ଗ୍ରାମେଶ୍ୱର ମନ୍ଦିର,ରଘୁନାଥପୁର ବ୍ଲକ ଧଳତଙ୍ଗଡ଼ ଜଙ୍ଗଲ ପ୍ରଭୃତି ସ୍ଥାନକୁ ଦୀର୍ଘ ବର୍ଷ ହେଲା ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇଁ ସରକାରଙ୍କ ନିକଟରେ ଦାବୀ କରାଯାଉଥିଲେ ସୁଦ୍ଧା ସରକାର ଏଥିପ୍ରତି କର୍ଣ୍ଣପାତ କରୁନଥିବା ଦେଖିବାକୁ ମିଳିଛି। ଏସବୁ ଦର୍ଶନୀୟ ପୀଠ ଭଳି ସ୍ଥାନର ମାନ୍ୟତା ସହ ବିକାଶର ଅବଶ୍ୟକତା ରହିଛି। ଦୀର୍ଘ ୨୫ବର୍ଷରେ ନୂଆସରକାର ରାଜ୍ୟରେ ଶାସନ କରିବାକୁ ଯାଉଛି, ଯାହା ନୂଆ ସରକାର ଓ ନୂଆ ବିଧାୟକ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିବା ବେଳେ ଖୁବ ଶୀଘ୍ର ଏହି ପର୍ଯ୍ୟଟନ ସ୍ଥଳର ମାନ୍ୟତା ସମସ୍ୟାର ସମାଧାନ ହେବ ବୋଲି ଅଞ୍ଚଳବାସୀ ଆଶା ରଖିଛନ୍ତି।

# 'ଏକ ପେଡ୍ ମା କେ ନାମ' ଅଭିଯାନରେ ୫୨ କୋଟି ବୃକ୍ଷରୋପଣ



**ନୂଆଦିଲ୍ଲୀ/ଭୁବନେଶ୍ୱର, ୩।୯ (ସଂଚାର ବ୍ୟୁରୋ):** କେନ୍ଦ୍ର ପରିବେଶ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଶ୍ରୀ ଭୂପେନ୍ଦ୍ର ଯାଦବ ଆଜି ଏକ୍ସରେ ଏକ ପୋଷ୍ଟ ମାଧ୍ୟମରେ ସୂଚନା ଦେଇଛନ୍ତି ଯେ 'ଏକ ପେଡ୍ ମା କେ ନାମ' ଅଭିଯାନ ଅଧୀନରେ ଦେଶ ବୃକ୍ଷରୋପଣ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ହାସଲ କରିଛି ଏବଂ ଏହି ଅଭିଯାନ ଅଧୀନରେ ସମଗ୍ର ଭାରତରେ ୫୨ କୋଟିରୁ ଅଧିକ ଚାରା ରୋପଣ କରାଯାଇଛି। ବିଶ୍ୱ ପରିବେଶ ଦିବସ ୦୫.୦୬.୨୦୨୪ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ଏକ ପେଡ୍ ମା କେ ନାମ' ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି ଅଭିଯାନ ପାଇଁ ଆହ୍ୱାନ ଦେଇ ପ୍ରଧାନମନ୍ତ୍ରୀ ଏହି ପଦକ୍ଷେପ ମାଧ୍ୟମରେ ଏକ ଉନ୍ନତ ପୃଥିବୀ ଏବଂ ସ୍ଥାୟୀ ବିକାଶରେ ଯୋଗଦାନ କରିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ।

# ଆଜି ଏନ୍ଏଲ୍ଏଫ୍ଟି-ଏଟିଟିଏଫ ଏମ୍ଓୟୁ

**ନୂଆଦିଲ୍ଲୀ/ଭୁବନେଶ୍ୱର, ୩।୯ (ସଂଚାର ବ୍ୟୁରୋ):** କେନ୍ଦ୍ର ଗୃହମନ୍ତ୍ରୀ ତଥା ସମବାୟ ମନ୍ତ୍ରୀ ଅମିତ ଶାହଙ୍କ ଉପସ୍ଥିତିରେ ଭାରତ ସରକାର, ତ୍ରିପୁରା ସରକାର ଏବଂ ନେସନାଲ ଲିବରେସନ ଫ୍ରଣ୍ଟ ଅଫ୍ ତ୍ରିପୁରା (ଏନଏଲଏଫଟି) ଏବଂ ଅଲ୍ ତ୍ରିପୁରା ଟାଇଗର ଫୋର୍ସ (ଏଟିଟିଏଫ) ର ପ୍ରତିନିଧିଙ୍କ ମଧ୍ୟରେ ବୁଧବାର, ୦୪ ସେପ୍ଟେମ୍ବର, ୨୦୨୪ରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହେବ । ବୁଝାମଣାପତ୍ର ସ୍ୱାକ୍ଷର ସମୟରେ ତ୍ରିପୁରା ମୁଖ୍ୟମନ୍ତ୍ରୀ ପ୍ରଫେସର ଡକ୍ଟର ମାଣିକ ସାହା ଏବଂ ଗୃହ ମନ୍ତ୍ରଣାଳୟ ଓ ତ୍ରିପୁରା ସରକାରଙ୍କ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହିବେ । ଉଗ୍ରବାଦ, ହିଂସା ଏବଂ ସଂଘର୍ଷମୁକ୍ତ ବିକଶିତ ଉତ୍ତର- ପୂର୍ବ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱପ୍ନକୁ ସାକାର କରିବା ଲାଗି ଗୃହ ମନ୍ତ୍ରଣାଳୟ ଅକ୍ଳାନ୍ତ ପରିଶ୍ରମ କରୁଛି । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ସରକାର ଉତ୍ତର-ପୂର୍ବାଞ୍ଚଳରେ ଶାନ୍ତି ଏବଂ ସମୃଦ୍ଧି ଆଣିବା ପାଇଁ ୧୨ଟି ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷର କରିଛନ୍ତି, ଯେଉଁଥିରୁ ୩ଟି ତ୍ରିପୁରା ରାଜ୍ୟ ସହିତ ଜଡିତ । ମୋଦୀ ସରକାରଙ୍କ ଅନେକ ଚୁକ୍ତି ସ୍ୱାକ୍ଷରିତ ହେବା ଫଳରେ ପାଖାପାଖି ୧୦ ହଜାର ଲୋକ ଅସ୍ତ୍ର ତ୍ୟାଗ କରି ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି।



# ଛାତ୍ର ସଂସଦ ନିର୍ବାଚନ ଦାବିରେ ରାସ୍ତାକୁ ଓହ୍ଲାଇବ ଛାତ୍ର କଂଗ୍ରେସ

**ଭୁବନେଶ୍ୱର, ୩।୯ (ସଂଚାର ବ୍ୟୁରୋ):** ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ ଏକ ସାମ୍ବାଦିକ ସମ୍ମିଳନୀରେ କହିଲେ ଯେ ଆଇନ ମନ୍ତ୍ରୀ ଏବର୍ଷ ଛାତ୍ର ସଂସଦ ନିର୍ବାଚନ ନ ହେବା ନେଇ ଘୋଷଣା କରିବା ଦୁର୍ଭାଗ୍ୟଜନକ। ବିଜେଡ଼ି ରାସ୍ତାରେ ବିଜେପି ସରକାର ଯାଉଛି ବୋଲି ଶ୍ରୀ ପ୍ରଧାନ ଅଭିଯୋଗ କରିଛନ୍ତି। ଗତ ୨୦୧୭ ମସିହାରେ ଶେଷ ନିର୍ବାଚନ ହୋଇଥିଲା। ୧୮ ଅଗଷ୍ଟ୨୦୧୭ ତାରିଖରେ ନିର୍ବାଚନ ସିଡୁଲ ଘୋଷଣା କରାଯାଇଥିଲା। ୨୦୨୪ ରେ ଅଗଷ୍ଟ ୧୯ ତାରିଖ ଦିନ ନିର୍ବାଚନ ହେବ ନାହିଁ ବୋଲି ଆଇନ ମନ୍ତ୍ରୀ ଘୋଷଣା କଲେ। ମାତ୍ର ଗୋଟିଏ ଦିନ ପରେ କହିଲେ ଯେ ନୂଆ ସରକାର, ସମୟର ଅଭାବ ଏବଂ ପ୍ରସ୍ତୁତିର ଅଭାବ ପାଇଁ ନିର୍ବାଚନ ହୋଇପାରିବ ନାହିଁ। ମୂଳ କଥାଟି ହେଉଛି ସରକାରୀ କଳକୁ ଲଗାଇ ସମସ୍ତ ସରକାରୀ ଏବଂ ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟ ମାନଙ୍କୁ କବଜା କରିବାପାଇଁ ଷଡ଼ଯନ୍ତ୍ର ଚାଲିଛି। ସେଥିପାଇଁ ଆରବର୍ଷ ନିର୍ବାଚନ କରିବା ପାଇଁ କୁହାଗଲା। ହୁଏତ ଆରବର୍ଷ ନିର୍ବାଚନ ନ ହୋଇବି ପାରେ। ଯେପରି ବିଭିନ୍ନ ଆଳରେ ୨୦୧୭ ମସିହା ଠାରୁ ୨୦୨୩ ମସିହା ପର୍ଯ୍ୟନ୍ତ ବିଜେଡ଼ି ସରକାର ରାଜ୍ୟରେ ବିଭିନ୍ନ ଆଳନେଇ ନିର୍ବାଚନ ବନ୍ଦ କଲେ। କ୍ୟାମ୍ପସରେ ହିଂସା ଆଳରେ ୨୦୧୯, ୨୦୨୨ ଓ ୨୦୨୩ ରେ ଛାତ୍ର ସଂସଦ ନିର୍ବାଚନକୁ ବନ୍ଦ କରିଦିଆଗଲା। ୨୦୨୦ ଓ ୨୦୨୧ରେ କରୋନା ପାଇଁ ଏବଂ ୨୦୧୮ରେ ତିତିଲି ମହାବାତ୍ୟା ପାଇଁ ନିର୍ବାଚନ ବନ୍ଦ ହୋଇଥିଲା। ଏଠାରେ ଉଲ୍ଲେଖ୍ୟ ଯୋଗ୍ୟଯେ ଏବିଭିପି ଛାତ୍ର ସଂସଦ ନିର୍ବାଚନ ପୂର୍ବରୁ ହାଇକୋର୍ଟରେ କେସ କରିଥିଲା ମାତ୍ର ଏବେ ଏହାର ଆଭିମୁଖ୍ୟ ବଦଳି ଯାଇଛି। ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ନିର୍ବାଚନ ବନ୍ଦ ଘୋଷଣାକୁ ଏବିଭିପି ପକ୍ଷରୁ ସ୍ୱାଗତ କରାଯାଇଛି।

ଛାତ୍ରମାନଙ୍କର ସ୍ୱାର୍ଥ ଏବଂ ଶିକ୍ଷାନୁଷ୍ଠାନର ଉନ୍ନତି ପାଇଁ ସ୍ୱର ଉତ୍ତୋଳନ କରିବା ପାଇଁ ଛାତ୍ର ପ୍ରତିନିଧି ମାନଙ୍କର ଆବଶ୍ୟକତା ରହିଛି। ନିର୍ବାଚିତ ଛାତ୍ର ପ୍ରତିନିଧି ନ ରହିଲେ ଶିକ୍ଷାନୁଷ୍ଠାନରେ ଉନ୍ନତି ଓ ଶୃଙ୍ଖଳା ସମ୍ଭବପର ନୁହେଁ। ଛାତ୍ର ସଂସଦ ନିର୍ବାଚନ ଦାବିରେ ଛାତ୍ର କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବା ପାଇଁ ନିଷ୍ପତି ଗ୍ରହଣ କରିଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବିଶ୍ୱଭୂଷଣ ମହାପାତ୍ର ଏବଂ ଶ୍ରୀକାନ୍ତ ବିଶ୍ୱାଳ ଉପସ୍ଥିତ ଥିଲେ।



# ମଧୁସୂଦନ ଲ'ବିଶ୍ୱବିଦ୍ୟାଳୟରେ ସ୍ୱାଗତ ସମାରୋହ ଉଦ୍ଯାପିତ

**କଟକ, ୩।୯ (ସଂଚାର ବ୍ୟୁରୋ):** ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟରେ ନୂତନ ଭାବେ ଯୋଗଦାନ କରିଥିବା ପାଞ୍ଚବର୍ଷୀୟ ଆଇନ ଛାତ୍ରଛାତ୍ରୀଙ୍କ ନିମନ୍ତେ ସ୍ୱାଗତ ସମାରୋହ କାର୍ଯ୍ୟକ୍ରମ ଉଦ୍ଯାପିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ତାଳଚେରର ବିକାଶ ଫାଉଣ୍ଡେସନ୍ ଟ୍ରଷ୍ଟ ଓ ପବିତ୍ର ମୋହନ ବୈଷୟିକ ଅନୁଷ୍ଠାର ଅଧ୍ୟକ୍ଷା ଡଃ ମୃଦଳା ଠାକୁର ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମଟି ଜାତୀୟ ସଙ୍ଗୀତଗାନ ସହ ସରସ୍ୱତୀଙ୍କ ନିକଟରେ ପ୍ରଦ୍ୱୀପ ପ୍ରଜ୍ୱଳନ ସହ ଆରମ୍ଭ ହୋଇଥିଲା। ପ୍ରଥମେ ବିଶ୍ୱବିଦ୍ୟାଳୟର ପଞ୍ଚବର୍ଷୀୟ ଆଇନ ବିଭାଗର ଅଧ୍ୟକ୍ଷା ଡଃ ନିଧି ଚୌହ୍ୱାନ ବିଶ୍ୱବିଦ୍ୟାଳୟ ସମ୍ବନ୍ଧରେ ସୌମେକ୍ ଧାରଣା ଦେବା ସହ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ। କୁଳସଚିବ ନିରୂପମା ସ୍ୱାଇଁ ସଭାକୁ ସମ୍ବୋଧନ କରି ବିଭିନ୍ନ ଉପଦେଶ ଛାତ୍ରଛାତ୍ରୀଙ୍କୁ ଦେଇଥିଲେ। ଏହାପରେ ମୁଖ୍ୟ ଅତିଥି ଡଃ ପ୍ରଧାନ ଜାଗତିକ ବିଶ୍ୱରେ କିପରି ସମସ୍ୟାକୁ ସମାଧାନ କରାଯିବ ତଥା ସମୟର ସଦୁପଯୋଗ ବିଷୟରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ର.ଡଃ କମଲଜିତ୍ ସିଂ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ସହ ଶୃଙ୍ଖଳିତ ଜୀବନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହା ପରେ ବିଶ୍ୱବିଦ୍ୟାଳୟ ତରଫରୁ ନୂତନ ଛାତ୍ରଛାତ୍ରୀଙ୍କୁ ବ୍ୟାଗ୍ ଓ ପୁସ୍ତକ ଆଦି ବଣ୍ଟନ କରାଯାଇଥିଲା।



# ରେଭେନ୍ସା ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନରେ ଅସୁବିଧା ନାହିଁ

**କଟକ, ୩।୯ (ସଂଚାର ବ୍ୟୁରୋ):** ରେଭେନ୍ସା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ପ୍ରସ୍ତାବକୁ ଓଡ଼ିଶା ସରକାରୀ କଲେଜ ଶିକ୍ଷକ ସଂଘର ପୂର୍ବତନ ସାଧାରଣ ସମ୍ପାଦକ ଡକ୍ଟର ନାରାୟଣ ମହାନ୍ତି ସମର୍ଥନ ଜଣାଇଛନ୍ତି। ସେ ଏକ ବିବୃତିରେ କହିଛନ୍ତି ଯେ, ୧୮୬୮ ମସିହାରେ କଟକ ଜିଲ୍ଲା ସ୍କୁଲରେ କଲେଜ ଶ୍ରେଣୀ (ଏଫ.ଏ. ଶ୍ରେଣୀ) ଖୋଲିଥିଲା ଏବଂ ଏହାର ନାମ କଟକ ହାଇସ୍କୁଲ ରଖାଯାଇଥିଲା। ପରେ ୧୮୭୬ ମସିହାରେ କଟକ ହାଇସ୍କୁଲରେ ବି.ଏ. ଶ୍ରେଣୀ ଖୋଲିଥିଲା। ଏଥି ସଙ୍ଗେସଙ୍ଗେ ଏହାର ନାମ କଟକ କଲେଜ ହୋଇଥିଲା। ତା'ର ତିନିବର୍ଷ ପରେ ଟି.ଇ. ରେଭେନ୍ସାଙ୍କ ନାମରେ କଲେଜର ନାମକରଣ କରିବାକୁ ମୟୂରଭଞ୍ଜର ମହାରାଜା ପ୍ରସ୍ତାବ ଦେଇଥିଲେ ଏବଂ ତାହା କାର୍ଯ୍ୟକାରୀ ହୋଇଥିଲା। ଯେଉଁ ଶିକ୍ଷାନୁଷ୍ଠାନର ନାମ ଦୁଇଥର ବଦଳିଛି, ତାହା ତୃତୀୟ ଥର ପରିବର୍ତ୍ତନ କରିବାରେ କିଛି ଅସୁବିଧା ନାହିଁ। ପୁଣି 'ରାଜ୍ୟର ପାପ ରାଜା ମୁଣ୍ଡରେ' ନ୍ୟାୟରେ ନଅଙ୍କ ଦୁର୍ଭିକ୍ଷ ପାଇଁ ଟି. ଇ. ରେଭେନ୍ସା ହିଁ ଦାୟୀ। ଏହି ପରିପ୍ରେକ୍ଷୀରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ପ୍ରସ୍ତାବକୁ ଡକ୍ଟର ମହାନ୍ତି ସମର୍ଥନ ଜଣାଇଛନ୍ତି।

# ୪ବର୍ଷ ହେଲା ବସିନି ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ବୈଠକ

**ଭୁବନେଶ୍ୱର, ୩।୯(ତଥ୍ୟ):** ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଅଧ୍ୟକ୍ଷଙ୍କ ଉପସ୍ଥିତିରେ ଚାଢେ ଚାରିବର୍ଷ ହେଲା ବୈଠକଟିଏ ବସିନାହିଁ। ଶେଷ ବୈଠକଟି ବସିଥିବାବେଳେ ୨୦୨୦ ମସିହା ଜାନୁୟାରୀ ୧୦ ତାରିଖରେ ବୋଲି ସୂଚନା ଦେଇଛନ୍ତି ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରବର୍ତ୍ତନ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ।

ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ସୂଚନା ଦେଇଛନ୍ତି ଯେ ଉନ୍ନୟନ କର୍ତ୍ତୃପକ୍ଷର ଅଧ୍ୟକ୍ଷ ପଦବୀରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଥିବାବେଳେ ସଦସ୍ୟ ଭାବେ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ, ପରିବେଶ ନିର୍ଦ୍ଦେଶକ ଓ ସ୍ୱତନ୍ତ୍ର ଶାସନ ସଚିବ, ଜଳସେଚନ ବିଭାଗର ମୁଖ୍ୟଯନ୍ତ୍ରୀ, ମତ୍ସ୍ୟ ନିର୍ଦ୍ଦେଶକ, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅର୍ଥ ନିର୍ଦ୍ଦେଶକ ରହିଛନ୍ତି। ଆବଶ୍ୟକ ସ୍ଥଳେ ଜଣେ ବିଶେଷଜ୍ଞଙ୍କୁ ନିମନ୍ତ୍ରିତ ସଦସ୍ୟ ଭାବେ ନିଆଯିବାର ବ୍ୟବସ୍ଥା ଥିବାବେଳେ ଉନ୍ନୟନ କର୍ତ୍ତୃପକ୍ଷର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏହାର ସଦସ୍ୟ ସଂଯୋଜକ ରହିଛନ୍ତି। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ଗତ ୫ବର୍ଷ ମଧ୍ୟରେ ଚିଲିକାରୁ ପଙ୍କ ଉଦ୍ଧାର ପାଇଁ ୬୯୪.୩୭ଲକ୍ଷ ଟଙ୍କା ବ୍ୟୟ ହୋଇଥିବାବେଳେ ଆର୍ଦ୍ରଭୂମି ଗବେଷଣା, ପ୍ରଶିକ୍ଷଣ, ପର୍ଯ୍ୟବେକ୍ଷଣ ଏବଂ ଅନୁଶୀଳ ପାଇଁ ୨୯.୨୮ ଲକ୍ଷ ଟଙ୍କା, ଚିଲିକା ଅନ୍ତଃନଳୀର ପୁନରୁଦ୍ଧାର ପାଇଁ ୯୨.୫୧ଲକ୍ଷ ଟଙ୍କା, ଡଙ୍ଗା ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ୨୬.୮୮ଲକ୍ଷ, ମତ୍ସ୍ୟ ସମ୍ପଦର ବିକାଶ ପାଇଁ ୧୦୩.୮୨ଲକ୍ଷ, ସାମାଜିକ ଅର୍ଥନୀତିକ ବିକାଶ ପାଇଁ ୫୩.୨୬ଲକ୍ଷ, ମା'କାଳିଜାଇ ଦ୍ୱୀପ ଓ କାଙ୍କଣଶିଖରୀ ଦ୍ୱୀପର ଉନ୍ନତିମୂଳକ କାର୍ଯ୍ୟ ପାଇଁ ଯଥାକ୍ରମେ ୩୫.୪୬ ଲକ୍ଷ ଏବଂ ୪.୪୩ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି।




ଆଗାମୀ ଦିନ ଲାଗି ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ପଙ୍କ ଉଦ୍ଧାର ଓ ଜଳର ଲବଣାଂଶ ଓ ଗୁଣବତ୍ତା ଅକ୍ଷୁର୍ଣ୍ଣ ରଖିବାପାଇଁ ୨୮୧ଲକ୍ଷ ଟଙ୍କାର ଏକ ପ୍ରସ୍ତାବ ଅନୁମୋଦନ ହୋଇଛି। ଜହ୍ନିକୁଦାରୁ ସାତପଡା ପର୍ଯ୍ୟନ୍ତ ଫେରି ଯାତାୟତ କରୁଥିବା ନାଳର ଖନନ କରିବାପାଇଁ ୧୨୫୯ଲକ୍ଷ ଟଙ୍କାର ପ୍ରସ୍ତାବ ସାଗରମାଳା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ସେହିଭଳି ଆଉ ଦୁଇଟି ନୂଆ ଜଳତରୀ ଖରିଦର ମଧ୍ୟ ଯୋଜନା ରହିଛି। ବାଲିପାଟପୁର ଜେଟୀରୁ ଚିଲିକା ଭିତରକୁ ୯ କିଲୋମିଟର ନାଳ ଖନନ ପାଇଁ ୨୦୮୯ଲକ୍ଷ ଟଙ୍କାର ପ୍ରସ୍ତାବ କେନ୍ଦ୍ର ସରକାରଙ୍କୁ ପଠାଯାଇଛି।

ଏହାଛଡା ଜୈବ ବିବିଧତାର ସଂରକ୍ଷଣ, ମତ୍ସ୍ୟ ସମ୍ପଦର ବିକାଶ, ଆର୍ଦ୍ରଭୂମି ଗବେଷଣା, ପ୍ରଶିକ୍ଷଣ, ପର୍ଯ୍ୟବେକ୍ଷଣ ଏବଂ ଅନୁଶୀଳନ, ଜନସଚେତନ କାର୍ଯ୍ୟକ୍ରମ ଓ ସାମାଜିକ ଅର୍ଥନୈତିକ ବିକାଶରେ ବିଭିନ୍ନ କାର୍ଯ୍ୟକ୍ରମ ହେବାର ବ୍ୟବସ୍ଥା କରାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।




# ଦାବି ପୂରଣ ନ ହେଲେ ୧୦ରେ ବିଧାନସଭା ଘେରିବେ ୫୦ହଜାରରୁ ଊର୍ଦ୍ଧ୍ୱ ଗାଁସାଥୀ

**ଭୁବନେଶ୍ୱର, ୩।୯ (ସଂଚାର ବ୍ୟୁରୋ):** ଗାଁସାଥୀ (ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି, ଓଡ଼ିଶା ପ୍ରଦେଶର ସଭାପତି ଶ୍ରୀ ଲକ୍ଷ୍ମୀଧର ବିଶ୍ୱାଳଙ୍କ ନେତୃତ୍ୱରେ ସଂଘ ୪ ଦଫା ଦାବିନେଇ ଉତ୍କଳ ସାମ୍ବାଦିକ ଭବନ, ଭୁବନେଶ୍ୱର ଠାରେ ଏକ ସାମ୍ବାଦିକ ସମ୍ମିଳନୀ କରିଛନ୍ତି । (୧) ରାଜ୍ୟର ସମସ୍ତ ନ୍ୟାୟ ଆଶାୟୀ ଲିଗାଲ୍ ଗାଁସାଥୀ (ମେଟ୍) ଙ୍କୁ ସଠିକ୍ ଚିହ୍ନଟ କରି ମାସିକ ୧୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ପ୍ରୋତ୍ସାହନ ରାଶି ପ୍ରଦାନ (୨) ରାଜ୍ୟରେ ଫାଙ୍କା ହୋଇଥିବା ହଜାର ହଜାର ଜି.ଆର.ଏସ୍. ପଦବୀରେ ଯୋଗ୍ୟ ଗାଁସାଥୀ (ମେଟ୍)ଙ୍କୁ ନିଯୁକ୍ତି (୩) ଚଳିତ ଅଗଷ୍ଟ୧ରେ ଜିଆରଏସ୍ ପୋଷ୍ଟିଂ ପାଇଁ ରାଜ୍ୟ ପାୟତିରାଜ ବିଭାଗ ତରଫରୁ ହୋଇଥିବା ଚିଠି ନଂ - ୧୬୯୯୬ର କ୍ରିୟାନ୍ୱୟନ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ବନ୍ଦ ରଖାଯାଉ । (୪) ଗାଁସାଥୀ (ମେଟ) ଙ୍କ ଦାବିର ସମାଧାନ ବାବଦରେ ଅବିଳମ୍ବେ ଏକ ଉଚ୍ଚସ୍ତରୀୟ ମିଳିତ ସରକାରୀ ବୈଠକ କରାଯିବା ଲାଗି ସଂଘ ଦାବି ଜଣାଇଛି । ବିଭାଗୀୟ ଅଧିକାରୀମାନେ ତୁରନ୍ତ ସଠିକ୍ ପଦକ୍ଷେପ ନ ନେଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଶ୍ରୀ ବିଶ୍ୱାଳ ଜଣାଇଛନ୍ତି । ଚଳିତ ସେପ୍ଟେମ୍ବର ୫ ସୁଦ୍ଧା ଗାଁସାଥୀ (ମେଟ୍)ଙ୍କ ଦାବି ପୁରଣ ନ ହେଲେ ଏହି ସେପ୍ଟେମ୍ବର ୧୦ରେ ଥିବା ବଜେଟ୍ ଅଧିବେଶନର ବ୍ୟୟ ମଞ୍ଜୁରୀ ବିଲ୍ ପାରିତ ଦିନରେ ୫୦ ହଜାରରୁ ଊର୍ଦ୍ଧ୍ୱ ଗାଁସାଥୀ (ମେଟ୍) ବାଧ୍ୟହୋଇ ବିଧାନସଭା ଘେରିବେ ବୋଲି ସଂଘ ଜଣାଇଛି।

# ପ୍ରାଣଘାତୀ ଶବ୍ଦ ସୃଷ୍ଟିକାରୀ ଡିଜେ ନିଷିଦ୍ଧ ଦାବି

**ଖୋର୍ଦ୍ଧା, ୩।୯ (ସଂଚାର ବ୍ୟୁରୋ):** ସାମାଜିକ ଉତ୍ସବ, ବିବାହ ଓ ଦେବାଦେବୀଙ୍କ ବିସର୍ଜନ ଶୋଭାଯାତ୍ରାରେ ଆନନ୍ଦ ଦେବା ପରିବର୍ତ୍ତେ ଦୁଃଖର କାରଣ ସାଜିଛି । ଡ଼ିଜେ ଶବ୍ଦ ବୟସ୍କ ଓ ଶିଶୁମାନଙ୍କ ଜୀବନ ଉପରେ ବିପଦ ସୃଷ୍ଟି କରିବା ସହିତ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଉଅଛି। ଏହା ସାଧାରଣ ମଣିଷମାନଙ୍କ ପାଇଁ ମଧ୍ୟ ଯନ୍ତ୍ରଣାଦାୟକ ହୋଇପଡୁଛି । ଏପରିକି ଡ଼ିଜେ ସମ୍ମୁଖରେ ଉନ୍ମାଦ ଗ୍ରସ୍ତ ଯୁବକ ଆନନ୍ଦ ଉପଭୋଗ କରିବା ନିମନ୍ତେ ଉଦଣ୍ଡ ନୃତ୍ୟ କରୁଥିବା ବେଳେ ଅନେକ ସମୟରେ ଏଥିପାଇଁ ମୃତ୍ୟୁ ମୁଖରେ ପଡୁଛନ୍ତି । ସାମାଜିକ ଉତ୍ସବ, ବିବାହ ଶୋଭାଯାତ୍ରା, ପର୍ବପର୍ବାଣୀରେ ଡ଼ିଜେ ବ୍ୟବହାର ନ କରିବା ପାଇଁ ସ୍ୱତଃ ପ୍ରବୃତ ଭାବରେ ନିଷ୍ପତି ଗ୍ରହଣ କରାଯାଉଥିବା ଏକ ସ୍ୱାଗତଯୋଗ୍ୟ ପଦେକ୍ଷପ । ପ୍ରାଣଘାତୀ ଶବ୍ଦ ସୃଷ୍ଟିକାରୀ ଡ଼ିଜେ ବ୍ୟବହାର ଉପରେ ନିଷେଧାଦେଶ ପାରିତ କରିବା ପାଇଁ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଓ ଉପ-ଜିଲ୍ଲାପାଳ ତୁରନ୍ତ ପଦକ୍ଷେପ ନେବାକୁ ବରିଷ୍ଠ ନାଗରିକ ମଂଚ ଖୋର୍ଦ୍ଧା ତରଫରୁ ଦାବୀ ପତ୍ର ପ୍ରଦାନ କରାଯାଇଅଛି । ବରିଷ୍ଠ ନାଗରିକ ମଂଚର ଭୀମସେନ ପ୍ରଧାନ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଦେବ ପ୍ରସାଦ ମଜୁମ୍ ଦାର, ବସନ୍ତ କୁମାର ଦାସ, ସନ୍ତୋଷ କୁମାର ଦାସ, ନବ କିଶୋର ମହାପାତ୍ର, ସତ୍ୟବ୍ରତ ଦାସ, ବିପ୍ରଚରଣ ବେଉରା, ବିପିନ ଚନ୍ଦ୍ର ମିଶ୍ର, ସୌଦାମିନି ପଟ୍ଟନାୟକ, ନବିନ ସାମନ୍ତସିଂହାର, କୃଷ୍ଣଚନ୍ଦ୍ର ହରିଚନ୍ଦନ, ପ୍ରହଲ୍ଲାଦ ପ୍ରଧାନ, ଶରତ ମହାପାତ୍ର, ଗଦାଧର ଗୋଚ୍ଛି, ବିଜୟ ପଣ୍ଡା, ଶରତ ପ୍ରଧାନ, ଜିତେନ୍ଦ୍ର ପଟ୍ଟନାୟକ, ନିରଞ୍ଜନ ମହାନ୍ତି, ବୈକୁଣ୍ଠ ମହାପାତ୍ର ପ୍ରମୁଖ ପ୍ରଶାସନିକ ଅଧିକାରୀଙ୍କୁ ସାକ୍ଷାତ କରିଥିଲେ । ଜନସାଧାରଣ ଏ ଦିଗରେ ସଚେତନ ହୋଇ ପ୍ରାଣଘାତୀ ଡ଼ିଜେ ବ୍ୟବହାର ନ କରିବା ପାଇଁ ମଂଚର ସମ୍ପାଦକ ରାମଶଙ୍କର ଅନୁରୋଧ କରୁଛନ୍ତି ।




# ଗଣେଶ ପୂଜା ପ୍ରସ୍ତୁତି ବୈଠକ

**କଟକ, ୩।୯ (ସଂଚାର ବ୍ୟୁରୋ):** ଗଣେଶ ପୂଜା-୨୦୨୪କୁ ସରସ ସୁନ୍ଦର ଓ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ନିମନ୍ତେ ଏଥିସହ ସଂପୃକ୍ତ ସମସ୍ତ ବିଭାଗୀୟ ଅଧିକାରୀ,ବିଭିନ୍ନ ଶାନ୍ତି କମିଟିର କର୍ମକର୍ତ୍ତା ତଥା ପୂଜା କମିଟିର କର୍ମକର୍ତ୍ତାମାନଙ୍କୁ ନେଇ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ପୂର୍ବାହ୍ନ ୧୧ଘଟିକା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ଗଣେଶ ପୂଜା ପାଳନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। କଟକ ମହାନଗର ପୂଜା କମିଟି ସମ୍ପାଦକ ଶ୍ରୀ ପ୍ରଭାତ କୁମାର ତ୍ରିପାଠୀ ପୂଜା ପ୍ରସ୍ତୁତି ଓ ଭସାଣୀ ସମ୍ବନ୍ଧିତ ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରଶାସନ ସହିତ ସମସ୍ତ ପୂଜା କମିଟିମାନେ ସମନ୍ୱୟ ରକ୍ଷା କରି ଗଣେଶ ପୂଜା ପାଳନ କରିବା ପାଇଁ ସେ ବୈଠକରେ ଆଲୋଚନା କରିଥିଲେ। ବୈଠକରେ ପୂଜା ଦିନ ଓ ଭସାଣୀ ସମୟରେ ରାତ୍ରୀ ୧୦ଘଟିକା ପରେ ଡାକବାଜି ଯନ୍ତ୍ରର ବ୍ୟବହାର ନିଷେଧ ଏବଂ ସଂବେଦନଶୀଳ ସ୍ଥାନମାନଙ୍କରେ ବିଶେଷ କରି ଡାକ୍ତରଖାନା ପରିସର ଏବଂ ନିକଟସ୍ଥ ଅଞ୍ଚଳମାନଙ୍କରେ କମ ଧ୍ୱନି କରିବା ସହ ଲେଜର ଲାଇଟକୁ ପୂଜାମଣ୍ଡପ ଓ ଭସାଣୀ ଉତ୍ସବରେ ବ୍ୟବହାର ନକରିବା ଏବଂ ଭସାଣୀ ଶୋଭାଯାତ୍ରାରେ ଡିଜେକୁ ସଂପୂର୍ଣ୍ଣ ଭାବେ ବନ୍ଦ କରିବା ସହ ନିଶା ସେବନ ନକରି ଗଣେଶ ପୂଜାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବାକୁ ଜିଲ୍ଲାପାଳ ଶ୍ରୀ ସିନ୍ଦେ ପରାମର୍ଶ ଦେଇଥିଲେ । ଆସନ୍ତା ୭ ତାରିଖରେ ଗଣେଶ ପୂଜା ପାଳନ କରାଯିବ ଏବଂ ପର୍ଯ୍ୟାୟ କ୍ରମେ ତା୧୫.୦୯.୨୦୨୪ରିଖ, ତା୨୨.୦୯.୨୦୨୪ରିଖ ଏବଂ ତା୨୯.୦୯.୨୦୨୪ରିଖ ଭସାଣୀ ଉତ୍ସବ ଅନୁଷ୍ଠିତ ହେବ । ଭସାଣୀ ସମୟରେ ବିଦ୍ୟୁତ ସରବରାହ, ରାସ୍ତା ମରାମତି, ପାନୀୟଜଳ ବ୍ୟବସ୍ଥା, ଅଗ୍ନି ନିରାପତ୍ତା, ସ୍ୱାସ୍ଥ୍ୟ, ପରିମଳ,ଆଇନ ଶୃଙ୍ଖଳା,ମେଢ ଯାତାୟାତ ନିମନ୍ତେ କେବୁଲତାର ଅପସାରଣ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶିବ ଟପୋ ଉପସ୍ଥିତ ରହି ସଭା ପରିଚାଳନା କରିଥିବା ବେଳେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ଗଣେଶ ପୂଜାକୁ ଶାନ୍ତି ଶୃଙ୍ଖଳା ସହ ପାଳନ କରିବା ପାଇଁ ସମସ୍ତଙ୍କ ସହଯୋଗ କରିବାକୁ ଅନୁରୋଧ କରିଥିଲେ ।



# ଏୟାର ଇଣ୍ଡିଆ ଏସ୍ଏଟିଏସ୍ ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ବୁଝାମଣାପତ୍ର

**ଭୁବନେଶ୍ୱର, ୩।୯ (ସଂଚାର ବ୍ୟୁରୋ):** ବିମାନ ଚଳାଚଳ କ୍ଷେତ୍ର ପାଇଁ ରାଜ୍ୟର ଯୁବବର୍ଗଙ୍କୁ ତାଲିମ ପ୍ରଦାନ କରିବା ନିମନ୍ତେ ଦେଶର ଅଗ୍ରଣୀ ବିମାନବନ୍ଦର ସେବା ପରିଚାଳନା କଂପାନି ଏୟାର ଇଣ୍ଡିଆ ଏସ୍ଏଟିଏସ୍ ଏୟାରପୋର୍ଟ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଓଡ଼ିଶା ସରକାରଙ୍କ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି। ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଦକ୍ଷତା ବିକାଶ ଓ ନିୟୋଜନ ନିର୍ଦ୍ଦେଶାଳୟ ସହିତ ଏହି ବୁଝାମଣା ସ୍ୱାକ୍ଷରିତ ହୋଇଛି ଯାହା ରାଜ୍ୟର ଅଭିଳାଷୀ ପେସାଦାରଙ୍କ ବିମାନ ଚଳାଚଳ କ୍ଷେତ୍ର ତାଲିମ ସୁଯୋଗରେ ଉନ୍ନତି ଆଣିବ।

ଆସନ୍ତା ଚାରି ବର୍ଷ ମଧ୍ୟରେ ଭାରତର ପ୍ରମୁଖ ବିମାନବନ୍ଦରଗୁଡ଼ିକର ଯାତ୍ରୀ ସଂଖ୍ୟା ଦ୍ୱିଗୁଣିତ ହୋଇ ୧୯୨ ନିୟୁତରୁ ବୃଦ୍ଧି ପାଇ ୪୨୦ ନିୟୁତ ହେବା ଆକଳନ କରାଯାଇଥିବା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ଏହି ସହଯୋଗିତା ସ୍ଥାପନ କରାଯାଇଛି। ଏହି ସମୟରେ ବିମାନ ଫ୍ଲିଟ୍ ସଂଖ୍ୟା ୭୦୦ରୁ ବୃଦ୍ଧି ପାଇ ୨୦୦୦ ହେବ ଯାହାର ପରିଚାଳନା ଲାଗି ଅଧିକରୁ ଅଧିକ ଦକ୍ଷ ବିମାନ ଚଳାଚଳ ପ୍ରଫେସନାଲଙ୍କ ଆବଶ୍ୟକତା ଦେଖାଦେବ।

ଏହି ବୁଝାମଣା ଅଧୀନରେ ଏଆଇଏସ୍ଏଟିଏସ୍ ପକ୍ଷରୁ ଏହାର ହାଇଦ୍ରାବାଦରେ ଥିବା ତାଲିମ ଏକାଡେମିରେ ଓଡ଼ିଶାର ପ୍ରାର୍ଥୀମାନଙ୍କୁ ୩୦ ଦିନିଆ କଠିନ ତାଲିମ ପ୍ରଦାନ କରାଯିବ। ବିମାନ ବନ୍ଦରରେ ରାମ୍ପ ପରିଚାଳନା ଓ ଗ୍ରାହକ ସେବା ଉପରେ ସେମାନଙ୍କୁ ତାଲିମ ପ୍ରଦାନ କରାଯିବ। ଏହି ତାଲିମ ପାଇଁ ନିର୍ଦ୍ଦିଷ୍ଟ ଶିକ୍ଷାଗତ ଯୋଗ୍ୟତାର ଆବଶ୍ୟକତା ରହିଛି।

ଏଆଇଏସ୍ଏଟିଏସ୍ର ସିଇଓ ଶ୍ରୀ ସଂଜୟ ଗୁପ୍ତା କହିଛନ୍ତି ଯେ, "ସ୍ୱଦେଶୀ ପ୍ରତିଭାଙ୍କୁ ସମୃଦ୍ଧ କରିବା ଏବଂ ଭାରତୀୟ ବିମାନ ଚଳାଚଳ କ୍ଷେତ୍ରରେ ଉନ୍ନତିରେ ଯୋଗଦାନ ଦେବା ଲାଗି ଆମର ରହିଥିବା ପ୍ରତିବଦ୍ଧତାରେ ଓଡ଼ିଶା ସରକାରଙ୍କ ସହ ଏହି ସହଯୋଗିତା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ତାଲିମ ଶେଷ ହେବା ପରେ ପ୍ରାର୍ଥୀମାନଙ୍କୁ "ଗ୍ରାଉଣ୍ଡ ହାଣ୍ଡଲିଂ ଆଣ୍ଡ ଏୟାର ପୋର୍ଟ ଅପରେସନ୍ସ' ସାର୍ଟିଫିକେଟ୍ ପ୍ରଦାନ କରାଯିବ ଏବଂ ପରବର୍ତ୍ତୀ ସମୟରେ ସାରା ଭାରତରେ ଏଆଇଏସ୍ଏଟିଏସ୍ର ଛଅ ଷ୍ଟେସନରେ ନିଯୁକ୍ତି ଦିଆଯିବ।

ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନାରେ ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟ ଆଧାରରେ ଏହି ସହଯୋଗିତା ସ୍ଥାପନ କରାଯାଇଛି। ରାମ୍ପ ଏଜେଣ୍ଟ, ବ୍ୟାଗେଜ ହାଣ୍ଡଲର, ଗ୍ରାହକ ସେବା ଏଜେଣ୍ଟ, ଲୋଡ କଣ୍ଟ୍ରୋଲ ଏଜେଣ୍ଟ ଆଦି ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଇଁ ତାଲିମ ପ୍ରଦାନ କରି ଶ୍ରମ ଶକ୍ତି ଓ ଦକ୍ଷତାରେ ରହିଥିବା ଅନ୍ତର ଦୂର କରିବା ଲାଗି ଏଆଇଏସଏଟିଏସ୍ ଉଦ୍ୟମ କରୁଛି।

# ଡାକ୍ତର ପଦବୀ ୬୦ ପ୍ରତିଶତ ଖାଲି

**ଭୁବନେଶ୍ୱର,୩।୯(ତଥ୍ୟ):** ଓଡ଼ିଶାରେ ଥିବା ସରକାରୀ ଡାକ୍ତରଖାନାଗୁଡ଼ିକରେ ଏବେ ପ୍ରାୟ ୬୦ ପ୍ରତିଶତ ଡାକ୍ତର ପଦବୀ ଖାଲି ପଡିଛି। ସ୍ୱାସ୍ଥ୍ୟ ବିଭାଗର ପାଖାପାଖି ୪୦ ହଜାର ବିଭିନ୍ନ କିସମର ପଦବୀ ଖାଲି ପଡିଥିବାବେଳେ ଏଥିମଧ୍ୟରୁ କେବଳ ଡାକ୍ତର ପଦବୀ ହେଉଛି ୯ ହଜାରରୁ ଅଧିକ। ସରକାରୀ ମେଡିକାଲ୍ କଲେଜ୍, ହୋମିଓପ୍ୟାଥିକ ମେଡିକାଲ୍ କଲେଜ୍, ଆୟୁର୍ବେଦିକ ମେଡିକାଲ୍ କଲେଜ୍ ଏବଂ ଆୟୁର୍ବେଦିକ ଓ ହୋମିଓପ୍ୟାଥିକ ଚିକିତ୍ସାକେନ୍ଦ୍ରଗୁଡ଼ିକୁ ହିସାବକୁ ନେଲେ ଖାଲି ଥିବା ଡାକ୍ତର ପଦବୀ ସଂଖ୍ୟା ପ୍ରାୟ ୧୦ ହଜାର ହୋଇଯିବ ବୋଲି ଆଶଙ୍କା କରାଯାଉଛି।

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କ ନିର୍ବାଚନ ମଣ୍ଡଳୀରେ ଥିବା ଗଞ୍ଜାମ ଜିଲ୍ଲାର ସରକାରୀ ଏଲୋପ୍ୟାଥିକ ଡାକ୍ତରଖାନାଗୁଡ଼ିକରେ ସର୍ବାଧିକ ପ୍ରାୟ ୭୫୦ ଡାକ୍ତର ପଦବୀ ଖାଲି ପଡିଥିବା ବେଳେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜିଲ୍ଲା କେନ୍ଦୁଝରରେ ୩୫୦ରୁ ଅଧିକ ଡାକ୍ତର ପଦବୀ ଦୀର୍ଘବର୍ଷ ଧରି ଖାଲି ପଡିଛି।

ଉପ- ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଜିଲ୍ଲା ବଲାଙ୍ଗୀରରେ ବି ୩୫୦ରୁ ଅଧିକ ଡାକ୍ତର ପଦବୀ ଖାଲି ପଡିଛି। ଅନ୍ୟତମ ଉପ- ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତି ପରିଡ଼ାଙ୍କ ଜିଲ୍ଲା ପୁରୀରେ ବି ପାଖାପାଖି ୩୫୦ ଡାକ୍ତର ପଦବୀ ଖାଲି ରହିଛି।



ସରକାରୀ ତଥ୍ୟ ମୁତାବକ ସମଗ୍ର ରାଜ୍ୟ ପାଇଁ ସ୍ପେଶାଲିଷ୍ଟ ଓ ଅଣ ସ୍ପେଶାଲିଷ୍ଟ ପାହ୍ୟାରେ ବିଭିନ୍ନ ସରକାରୀ ଡାକ୍ତରଖାନା ଲାଗି ୧୫୭୭୪ଟି ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦବୀ ରହିଥିବା ବେଳେ ଏଥିରେ ମାତ୍ର ୬୫୦୬ ଜଣ ଡାକ୍ତର କାର୍ଯ୍ୟ କରୁଛନ୍ତି ଏବଂ ୯୨୬୮ଟି ପଦବୀ ଖାଲି ପଡିଛି। ଯେତିକି ବି ଡାକ୍ତର କାର୍ଯ୍ୟରତ ଅଛନ୍ତି ବୋଲି କୁହାଯାଉଛି ସେମାନଙ୍କ ଭିତରୁ କେତେକ ବିଭିନ୍ନ କାରଣରୁ ଛୁଟିରେ ରହୁଥିବାରୁ ବାସ୍ତବରେ କାର୍ଯ୍ୟରତ ଡାକ୍ତରଙ୍କ ସଂଖ୍ୟା ଢେର କମ୍।

ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାରେ ୫୦୦ରୁ ଅଧିକ ଡାକ୍ତର ପଦବୀ ଖାଲି ପଡିଥିବା ବେଳେ ନବରଙ୍ଗପୁର, ନୂଆପଡ଼ା, ରାୟଗଡ଼ା, ସମ୍ବଲପୁର, ସୁବର୍ଣ୍ଣପୁର, ସୁନ୍ଦରଗଡ଼, କୋରାପୁଟ, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି, ଝାରସୁଗୁଡ଼ା, ଗଜପତି, ଦେବଗଡ଼, ବୌଦ୍ଧ, ବଲାଙ୍ଗୀର ଆଦିରେ ବି ଡାକ୍ତର ଅଭାବରୁ ସ୍ୱାସ୍ଥ୍ୟସେବା ବ୍ୟାହତ ହେଉଛି। ଏମିତିକି ଉପକୂଳବର୍ତ୍ତୀ ବାଲେଶ୍ୱର, ଭଦ୍ରକ, କଟକ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା ଆଦି ଜିଲ୍ଲାରେ ମଧ୍ୟ ଡାକ୍ତର ଅଭାବଜନିତ ପରିସ୍ଥିତି ସାଙ୍ଘାତିକ ସ୍ଥିତିରେ ରହିଛି।

ଗୋଟିଏପଟେ ସରକାରୀ ଡାକ୍ତରଖାନାଗୁଡ଼ିକରେ ପର୍ଯ୍ୟାପ୍ତ ସଂଖ୍ୟକ ସ୍ପେଶାଲିଷ୍ଟ ଓ ଅନ୍ୟ ଡାକ୍ତରଙ୍କ ସମେତ ଷ୍ଟାଫ୍ ନର୍ସ, ଫାର୍ମାସିଷ୍ଟ, ଟେକ୍ନିସିଆନ୍ ଆଦି ପଦବୀ ବହୁ ସଂଖ୍ୟାରେ ନଥିବା ବେଳେ ଲୋକେ ବାଧ୍ୟ ହୋଇ ବେସରକାରୀ ଡାକ୍ତରଖାନାଗୁଡ଼ିକ ଉପରେ ନିର୍ଭର କରୁଛନ୍ତି। ବିଶେଷକରି ଏଥିଯୋଗୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓ ଅନ୍ୟାନ୍ୟ ସରକାରୀ ବ୍ୟବସ୍ଥାରେ ରାଜକୋଷରୁ ବିପୁଳ ଅର୍ଥ କର୍ପୋରେଟ୍ ହସ୍ପିଟାଲମାନଙ୍କୁ ସରକାର ପ୍ରଦାନ କରିବାକୁ ବାଧ୍ୟ ହେଉଛନ୍ତି।

ପୁରୁଖା ଡାକ୍ତରମାନେ କହୁଛନ୍ତି ଯେ କେବଳ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଓ ଅନ୍ୟାନ୍ୟ ସରକାରୀ ବ୍ୟବସ୍ଥାରେ ଘରୋଇ ଡାକ୍ତରଖାନାଗୁଡ଼ିକୁ ଯେତେ ଅର୍ଥ ଦିଆଯାଉଛି ତାହା ଯଦି ସରକାରୀ ଡାକ୍ତରଖାନାଗୁଡ଼ିକର ଭିତ୍ତିଭୂମି ବିକାଶ ପାଇଁ ବ୍ୟୟ ହୁଅନ୍ତା ତେବେ ରାଜ୍ୟର ସ୍ୱାସ୍ଥ୍ୟସେବା ବିକାଶ ଲାଭ କରିବା ସଂଗେ ସଂଗେ ସାଧାରଣ ଲୋକେ ମାଗଣାରେ କିମ୍ବା ସ୍ୱଳ୍ପ ଖର୍ଚ୍ଚରେ ଉନ୍ନତମାନର ଚିକିତ୍ସା ସୁଯୋଗ ପାଇପାରନ୍ତେ।

## ଜୀବନ ଅମୃତ ଅନୁଚିନ୍ତା

ବ୍ରହ୍ମଜ୍ୟୋତି-ଘନ ଅନ୍ଧକାର ଭିତରେ ଯେଉଁ ବ୍ରହ୍ମଜ୍ୟୋତି ଲୁଚି ରହିଛି, ତାହାକୁ କେବଳ ସିଦ୍ଧବ୍ରହ୍ମଯୋଗୀ ହିଁ ଦେଖିପାରନ୍ତି। ତେଣୁ କୁହାଯାଏ ସେହି ବ୍ରହ୍ମକୁ ଦେଖିବାକୁ ହେଲେ ଯୋଗାଶ୍ରେଷ୍ଠ ମହାଦେବଙ୍କୁ ମଧ୍ୟ ଦିବ୍ୟଜ୍ୟୋତି ପ୍ରକାଶ କରୁଥିବା ନିଜ ନେତ୍ରଯୁଗଳକୁ ମୁଦ୍ରିତ କରି ଅନ୍ଧକାର ଭିତରକୁ ପ୍ରବେଶ କରିବାକୁ ପଡ଼େ।

SANCHAR
ସଂଚାର

# ତ୍ୱରିତ ନ୍ୟାୟ ଅନ୍ୟାୟ ନହେଉ

ଅନେକ ସମୟରେ ସାଧାରଣ ବ୍ୟକ୍ତିମାନେ ଅପରାଧୀଙ୍କ ପ୍ରତି ତୁରନ୍ତ ଦଣ୍ଡବିଧାନ ହେଉ ଏହା ଆଶା କରନ୍ତି। କାରଣ ଅପରାଧ ସେପରି ଜଘନ୍ୟ ହୋଇଥାଏ। ଲୋକଙ୍କର ଆଶଙ୍କା ଥାଏ କାଳେ ଆଇନର ଗଳାବାଟରେ ଅପରାଧି ଖସିଯିବ। ଏହା ମଧ୍ୟ ସ୍ୱାଭାବିକ। ଅନେକ ସମୟରେ ଅତି ଜଘନ୍ୟ ଅପରାଧରେ ସମ୍ପୃକ୍ତ ଅପରାଧୀ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ଖସି ଯାଆନ୍ତି। କିଛି ଅପରାଧୀ ଜାମିନରେ ଆସି ସାକ୍ଷୀମାନଙ୍କୁ ଧମକ ଚମକ ଦେଇ ଭୟଭୀତ କରାନ୍ତି। ଏପରିକି ଅପରାଧର ଶିକାର ହୋଇଥିବା ବ୍ୟକ୍ତିଙ୍କ ପରିବାର ମଧ୍ୟ ଭୟରେ କାଳାତିପାତ କରନ୍ତି। ଏଭଳି ପରିସ୍ଥିତିରେ ସାଧାରଣ ଜନତା ଚାହାଁନ୍ତି ଅପରାଧି ଯେପରି ତୁରନ୍ତ କଠିନ ଦଣ୍ଡରେ ଦଣ୍ଡିତ ହେଉ। କିନ୍ତୁ ସବୁ ବେଳେ ଏହା ସମ୍ଭବ ହୁଏନି। ଏଭଳି ପରିସ୍ଥିତିରେ ଅନେକ ସମୟରେ ଲୋକେ ଅପରାଧୀଙ୍କ ଏନକାଉଣ୍ଟରକୁ ସ୍ୱାଗତ କରନ୍ତି। କିନ୍ତୁ ଏହା ବେଆଇନ। ଦଣ୍ଡ ଦେବାର କ୍ଷମତା ପୋଲିସ ନୁହେଁ, ଅଦାଲତର ରହିଛି। ଜଣେ ଅପରାଧୀଙ୍କ ପ୍ରତି ଦଣ୍ଡ ବିଧାନ ପୂର୍ବରୁ ଅଦାଲତ ତାଙ୍କୁ ନିଜ ପକ୍ଷ ରଖିବାକୁ, ନିଜକୁ ନିର୍ଦ୍ଦୋଷ ପ୍ରମାଣିତ କରିବାକୁ ପୁରା ସୁଯୋଗ ଦିଅନ୍ତି। ଏପରିକି ଯଦି ଜଣେ ବ୍ୟକ୍ତି ନିଜ ପାଇଁ ଓକିଲ ନିଯୋଜିତ କରିପାରନ୍ତି ନାହିଁ, ତେବେ ଅଦାଲତ ତାଙ୍କୁ ଓକିଲ ସହାୟତା ପ୍ରଦାନ କରନ୍ତି। ଜଘନ୍ୟ ହତ୍ୟାରେ ସମ୍ପୃକ୍ତ କସାବକୁ ମଧ୍ୟ ଓକିଲ ପ୍ରଦାନ କରାଯାଇଥିଲା। କାରଣ ଭାରତୀୟ ଆଇନର ମୂଳ ଲକ୍ଷ୍ୟ ବା ନୀତି ହେଲା ହଜାରେ ଦୋଷୀ ପଛେ ଆଇନର ଜାଲରୁ ଖସି ଯାଆନ୍ତୁ କିନ୍ତୁ ଜଣେ ନିର୍ଦ୍ଦୋଷ ଯେପରି ଦଣ୍ଡିତ ନହେଉ। ଏହା ହିଁ ଭାରତୀୟ ସମ୍ବିଧାନ ଏବଂ ଆଇନ ବ୍ୟବସ୍ଥାର ବିଶେଷତ୍ୱ। ଏଠାରେ ଦଣ୍ଡ ବିଧାନର ଉଦ୍ଦେଶ୍ୟ ହେଲା ଅପରାଧୀଙ୍କୁ ସୁଧାରିବା। ନ୍ୟାୟ ପ୍ରକ୍ରିୟା ବେଳେ ସବୁ ବେଳେ ଏଥିପ୍ରତି ଦୃଷ୍ଟି ଦିଆଯାଏ ଯେ ଯେପରି କେହି ନିରପରାଧ ଏବଂ ନିର୍ଦ୍ଦୋଷ ବ୍ୟକ୍ତି ଦଣ୍ଡ ନପାଉ। ଆଇନର ଏହି ଆଭିମୁଖ୍ୟର ସୁଯୋଗ ନେଇ ଅନେକ ଅପରାଧୀ ଖସିଯିବାର ନଜିର ମଧ୍ୟ ରହିଛି। ଦକ୍ଷ ଓକିଲ ଅପରାଧୀଙ୍କୁ ନିର୍ଦ୍ଦୋଷ ବୋଲି ପ୍ରମାଣିତ କରିପାରନ୍ତି। ବେନିଫିଟ ଅଫ ଡାଉଟରେ ଅନେକ ଖସିଯାଆନ୍ତି। ତେଣୁ ଅପରାଧୀ ଅଦାଲତକୁ ଯିବା ପୂର୍ବରୁ ତାକୁ ପୋଲିସ ଏନକାଉଣ୍ଟର କରି ତୁରନ୍ତ ଦଣ୍ଡ ବିଧାନ କରୁ ଏହା ଅନେକ ଚାହାଁନ୍ତି। ସେଥିପାଇଁ ଭାରତରେ ଏବେ ଅପରାଧୀଙ୍କ ପ୍ରତି ଏନକାଉଣ୍ଟର ଘଟଣା ବଢ଼ିଚାଲିଛି। କିଛି ବର୍ଷ ତଳେ ଆନ୍ଧ୍ରପ୍ରଦେଶରେ ଗଣବଳାତ୍କାର ଜଣେ ଯୁବତୀଙ୍କୁ ଜିଅନ୍ତା ପୋଡ଼ି ମାରିଦିଆଗଲା। ସେଠାରେ ଅପରାଧିଙ୍କୁ ଏନକାଉଣ୍ଟର କରାଗଲା। ଏହାକୁ ସାଧାରଣରେ ସ୍ୱାଗତ କରାଗଲା ଏବଂ ପୋଲିସ କାର୍ଯ୍ୟାନୁଷ୍ଠାନକୁ ପ୍ରଶଂସା କରାଗଲା। କିନ୍ତୁ ଆଇନସମ୍ମତ ନୁହେଁ। ଏହା ମାନବାଧିକାର ଉଲ୍ଲଙ୍ଘନର ଚରମ ଉଦାହରଣ। ଏଥିପାଇଁ ସମ୍ପୃକ୍ତ ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି। କେବଳ ଆତଙ୍କବାଦୀଙ୍କୁ ଏନକାଉଣ୍ଟର ଗ୍ରହଣୀୟ। କାରଣ ଏହା ଆତ୍ମରକ୍ଷା ପାଇଁ ଉଦ୍ଦିଷ୍ଟ। କିନ୍ତୁ ପୋଲିସ ହେପାଜତରେ ଥିବା ଜଣେ ନିରସ୍ତ୍ର ବ୍ୟକ୍ତିଙ୍କୁ ଗୁଳି କରି ମାରିବା ବା ହାଜତରେ ନିର୍ଯାତନା ଦେଇ ହତ୍ୟା କରିବା କୌଣସି ଦୃଷ୍ଟିରୁ ଗ୍ରହଣୀୟ ନୁହେଁ। ଏଭଳି ଅନେକ ଘଟଣାରେ ଅଦାଲତ ବା ସରକାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଏହାର କିଛି ସୁଫଳ ମିଳିନି। କାରଣ ଜନମତ ଏହା ସପକ୍ଷରେ ଯାଇଥାଏ। ଲୋକେ ଚାହାଁନ୍ତି ତ୍ୱରିତ ନ୍ୟାୟ। ଆମ ଆଇନ ବ୍ୟବସ୍ଥାରେ ଅନେକ ମାମଲାରେ ଦଣ୍ଡ ବିଧାନ ବିଲମ୍ବିତ ହୋଇଥାଏ। ବିଶେଷ କରି ଫୌଜଦାରୀ ମାମଲାରେ ମଧ୍ୟ ମାମଲଣ ବର୍ଷ ବର୍ଷ ଧରି ଚାଲୁଛି। ଏହା ଗ୍ରହଣୀୟ ନୁହେଁ। ଯଦି ଜଘନ୍ୟ ମାମଲାର ତ୍ୱରିତ ବିଚାର କରାଯାଇ ତତ୍କାଳ କାର୍ଯ୍ୟାନୁଷ୍ଠାନ ନିଆଯାଆନ୍ତା ତେବେ କେହି ଏନକାଉଣ୍ଟରକୁ ସ୍ୱାଗତ କରନ୍ତେ ନାହିଁ। ନିକଟରେ ସୁପ୍ରିମକୋର୍ଟ ଏଭଳି ଆଉ ଏକ ଘଟଣା ନେଇ ଉଦବେଗ ପ୍ରକାଶ କରିଛନ୍ତି। ତାହା ହେଲା ଅଭିଯୁକ୍ତଙ୍କ ଘରକୁ ବୁଲଡୋଜର ଲଗାଇ ଭଙ୍ଗାଯିବା। ୟୁପି, ମଧ୍ୟପ୍ରଦେଶ, ରାଜସ୍ଥାନ ଭଳି ଅନେକ ରାଜ୍ୟରେ ଏହା ଏକ ପରମ୍ପରାରେ ପରିଣତ ହୋଇଗଲାଣି। ଏଥିନେଇ ସୁପ୍ରିମକୋର୍ଟ ଗଭୀର କ୍ଷୋଭ ପ୍ରକାଶ କରିବା ସହିତ ଏହା କୌଣସି ଦୃଷ୍ଟିରୁ ସ୍ୱାଗତଯୋଗ୍ୟ ବା ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି। ଜଣେ ଅଭିଯୁକ୍ତଙ୍କ ବିଚାର ଆରମ୍ଭ ହେବା ପୂର୍ବରୁ ବୁଲଡୋଜର ଲଗାଇ ତାଙ୍କ ଘର ଭାଙ୍ଗିବାର ବ୍ୟବସ୍ଥା ଆମ ଆଇନରେ ନାହିଁ। ଏପରିକି ଜଣେ ଜଘନ୍ୟ ଅପରାଧରେ ଦୋଷୀ ସାବ୍ୟସ୍ତ ହେବା ପରେ ମଧ୍ୟ ତାଙ୍କର ଘରକୁ ଭାଙ୍ଗିବା ଅଧିକାର ପୋଲିସ ବା ସ୍ଥାନୀୟ ପ୍ରଶାସନର ନାହିଁ। ଦଣ୍ଡବିଧାନ କ୍ଷମତା କେବଳ ଅଦାଲତର ରହିଛି। ପୋଲିସ, ପ୍ରଶାସନ ବା ସରକାର କାହାକୁ ସାମାନ୍ୟତମ ଦଣ୍ଡରେ ମଧ୍ୟ ଦଣ୍ଡିତ କରିପାରିବେ ନାହିଁ। ଯଦି କୌଣସି ସ୍ଥାନରେ ବେଆଇନ ନିର୍ମାଣ କରାଯାଇଛି ବା କୌଣସି ଘରେ ବେଆଇନ କାର୍ଯ୍ୟ ଚାଲିଛି ତେବେ ତାହା ଭିନ୍ନ କଥା। କିନ୍ତୁ ଯେଉଁଠି ଏକ ପରିବାର ଆଶ୍ରୟ ନେଇଛି, ତାହାକୁ ଏଭଳି ବିନା ଅନୁମତିରେ ବୁଲଡୋଜର ଲଗାଇ ଭଙ୍ଗାଯାଇପାରିବ ନାହିଁ। ସୁପ୍ରିମକୋର୍ଟଙ୍କ ଏହି କ୍ଷୋଭ ଏବଂ ନିର୍ଦ୍ଦେଶ ଯଥାର୍ଥ। ଏହାକୁ ସରକାର ଗମ୍ଭୀରତାର ସହ ବିଚାର କରିବା ଉଚିତ ଏବଂ ଏଭଳି ବୁଲଡୋଜର କାର୍ଯ୍ୟାନୁଷ୍ଠାନ ରୋକିବାକୁ ଆଇନ ପ୍ରଣୟନ କରିବା ଉଚିତ। ଏଥିଲାଗି କେହି ଉତ୍ତରଦାୟୀ ରହିବା ଉଚିତ। କିଛି ବର୍ଷ ତଳେ ଜଣେ ଓଡ଼ିଆ ଯୁବକଙ୍କ ବିରୋଧରେ ରାଜସ୍ଥାନରେ ଜଣେ ବିଦେଶୀ ମହିଳାଙ୍କ ପ୍ରତି ଦୁଷ୍କର୍ମ ଅଭିଯୋଗ ଆସିଥିଲା। ମାତ୍ର ୭ ଦିନରେ ତାଙ୍କର ବିଚାର ପ୍ରକ୍ରିୟା ଶେଷ ହେଲା ଏବଂ ତାଙ୍କୁ ୭ ବର୍ଷ ଜେଲ ଦଣ୍ଡାଦେଶ ହେଲା। ନିଜ ସପକ୍ଷରେ ଲଢ଼ିବା ପାଇଁ ମଧ୍ୟ ତାଙ୍କୁ ପର୍ଯ୍ୟାପ୍ତ ସୁଯୋଗ ମିଳିଲା ନାହିଁ। ଫାଷ୍ଟଟ୍ରାକ କୋର୍ଟରେ ତାଙ୍କର ବିଚାର ହୋଇଥିଲା। ଏହାକୁ କେତେକ ତ୍ୱରିତ ନ୍ୟାୟ ବୋଲି କହି ସ୍ୱାଗତ କଲେ। କିନ୍ତୁ ତ୍ୱରିତ ନ୍ୟାୟ ନାମରେ ଏହା ଏକ ପ୍ରକାର ଅନ୍ୟାୟ ଭଳି ଥିଲା। ଦୁଷ୍କର୍ମ ଅଭିଯୁକ୍ତଙ୍କୁ ଦଣ୍ଡ ବିଧାନ ନେଇ କେହି ପ୍ରଶ୍ନ ଉଠାଉ ନାହାଁନ୍ତି। କିନ୍ତୁ ଜଣେ ଅଭିଯୁକ୍ତଙ୍କୁ ନିଜ ପକ୍ଷ ରଖିବାର ସୁଯୋଗ ଦିଆନଯିବା ଅନ୍ୟାୟ। ଦେଶରେ ପ୍ରତିଦିନ ଏଭଳି ଅନେକ ଘଟଣା ଘଟୁଛି। ସମସ୍ତଙ୍କର ବିର କାହିଁକି ୯ ଦିନରେ ଶେଷ ହେଉନି ? କୋଲକାତା ରେପ ଆଣ୍ଡ ମର୍ଡର ଘଟଣାକୁ ପାଖାପାଖି ମାସେ ହେଲାଣି। ଏ ପର୍ଯ୍ୟନ୍ତତ ତାଙ୍କ ବିରୋଧରେ ଚାର୍ଜସିଟ ଦାଖଲ ହୋଇନି। ନିର୍ଭୟା ଘଟଣାରେ ଦୋଷୀଙ୍କୁ ଦଣ୍ଡ ବିଧାନ ଲାଗି ୭ ବର୍ଷ ଲାଗିଗଲା। ତେଣୁ ସବୁ ଦୁଷ୍କର୍ମ ବା ସମାନ ଅପରାଧକୁ ଗୋଟିଏ ମାନଦଣ୍ଡରେ ହିସାବ କରାଯିବା ଉଚିତ। କାହାକୁ ତତ୍କାଳ ଦଣ୍ଡ ଦେବା ଏକ ଖରାପ ପରମ୍ପରା ସୃଷ୍ଟି କରିପାରେ। କିନ୍ତୁ ତା ଅର୍ଥ ନୁହେଁ ଯେ, ଗୋଟିଏ ମାମଲାର ଫିଏଲା ପାଇଁ ୯ ବର୍ଷ ଲାଗିଯିବ। ୯ ଦିନରେ ମାମଲାର ଫଇସଲା ହେବା ଯେତିକି ବିପଜ୍ଜନକ, ମାମଲାର ଫଇସଲା ୯ ବର୍ଷ ଲାଗିବା ମଧ୍ୟ ସେତିକି ଚିନ୍ତାଜନକ। କୋର୍ଟ କାହାକୁ ଦଣ୍ଡିତ କରିବା ପୂର୍ବରୁ ପୋଲିସ ବା ଜନସାଧାରଣ ଆଇନକୁ ହାତକୁ ନେବା ଅନୁଚିତ।

## ସମ୍ପାଦକଙ୍କୁ ପତ୍ର

### ଖାଲି ପଦବୀ ପୂରଣ ହେଉ

ମହାଶୟ,

ନିକଟରେ ରାଜ୍ୟ ବିଧାନସଭାରେ ସରକାର ସୂଚନା ଦେଇଛନ୍ତି ଯେ, ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ୨ ଲକ୍ଷ ୫ ହଜାର ପଦବୀ କାଳି ପଡ଼ିଛି। କିନ୍ତୁ ବାସ୍ତବ ସଂଖ୍ୟା ଏହାଠାରୁ ଢେର ଅଧିକ ହେବ। ଏହା ବ୍ୟତିତ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ସହ ସମ୍ପୃକ୍ତ ବିଭାଗରେ ଆହୁରି ୨ ଲକ୍ଷ ପଦ ସୃଷ୍ଟିର ଆବଶ୍ୟକତା ରହିଛି। ତେଣୁ ମୋଟ ଉପରେ ସରକାର ୫ଲକ୍ଷ ଯୁବକ ଯୁବତୀଙ୍କୁ ସରକାରୀ ସ୍ତରରେ ନିଯୁକ୍ତି ପ୍ରଦାନ କରିପାରିବେ। ଏଥିଲାଗି ଦରମା ଓ ଭତ୍ତା ବାବଦରେ ପ୍ରତି ମାସରେ ଶହ ଶହ କୋଟି ଟଙ୍କା ଆବାଶ୍ୟକ ପଡ଼ିବ। କିନ୍ତୁ ଏହି ଆର୍ଥିକ ବୋଝ ବହନ କରିବାର ସାମର୍ଥ୍ୟ ମଧ୍ୟ ସରକାରଙ୍କର ରହିଛି। କାରଣ ବିଭିନ୍ନ ଯୋଜନା ବାବଦରେ ସରକାର କୋଟି କୋଟି ଟଙ୍କା ଅପବ୍ୟୟ କରୁଛନ୍ତି। ଅନେକ ଶସ୍ତା କାର୍ଯ୍ୟକ୍ରମରେ କୋଟି କୋଟି ଟଙ୍କା ପାଣିରେ ପଡୁଛି। ଦୁର୍ନୀତି ଯୋଗୁ ସରକାରଙ୍କର ବିପୁଳ ରାଜସ୍ୱ ହାନୀ ହେଉଛି। ଏହାକୁ ରୋକାଯାଇପାରିଲେ ୫ ଲକ୍ଷ କର୍ମଚାରୀଙ୍କୁ ଦରମା ଦେବାରେ ଅସୁବିଧା ହେବ ନାହିଁ। ତା ଛଡ଼ା ଲୋକଙ୍କ କ୍ରୟ ଶକ୍ତି ବଢ଼ିଲେ ସେମାନେ ସରକାରଙ୍କୁ ଟିକସ ମଧ୍ୟ ଦେବେ। ତେଣୁ ସରକାର ପ୍ରଚାର ଧର୍ମୀ ଅଯଥା ଯୋଜନା ଏବଂ କାର୍ଯ୍ୟକ୍ରମକୁ ବନ୍ଦ କରି ନିଯୁକ୍ତି ପ୍ରଦାନ କରନ୍ତୁ।

**କମଳ ଲୋଚନ ଦାସ**
**ପୁରୁଣା ଭୁବନେଶ୍ୱର**

# ହମାସର ବର୍ବରତା

ଲେବାନ, ୟେମେନ ଏବଂ ସିରିଆର କିଛି ମୌଳବାଦୀ ସଙ୍ଗଠନ ଇସ୍ରାଏଲ ବିରୋଧରେ ଆକ୍ରମଣ ନିମନ୍ତେ ପ୍ରସ୍ତୁତି ଚଳାଇଛନ୍ତି। ଫଳରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଆଶଙ୍କା ଘନେଇବାରେ ଲାଗିଛି। ଏମିତି ଗତ ୧୦ ମାସ ହେବ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଏବଂ ଅଶାନ୍ତି ଲାଗି ରହିଛି। ଏବେ ଏହା ଏକ ପ୍ରକାର ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଛି। ଇରାନ ଅଭିଯୋଗ କରିଛି ଯେ, ହମାସ ନେତା ହାନିୟେର ହତ୍ୟା ପଛରେ ଆମେରିକାର ସହଯୋଗ ରହିଛି। ଏଥିରେ କିଛି ବିସ୍ମିତ ହେବାର ନାହିଁ। କାରଣ ଆମେରିକାର ପରମ ଶତ୍ରୁ ହେଲା ଇରାନ। ଇରାନ ଯାହାକୁ ସମର୍ଥନ ବା ସହାୟତା କରିବ, ତାକୁ ଆମେରିକା ଟାର୍ଗେଟ କରିବ। ଏବେ ଇସ୍ରାଏଲ ଉପରେ ଆକ୍ରମଣ ନିମନ୍ତେ ଇରାନର ସଜବାଜ ଦେଖି ଆମେରିକା ମଧ୍ୟ ଏହାର ଜବାବ ଦେବାକୁ ବା ଇସ୍ରାଏଲକୁ ସହାୟତା କରିବାକୁ ପ୍ରସ୍ତୁତି ଆରମ୍ଭ କରି ଦେଇଛି। ଫଳରେ ପରିସ୍ଥିତି ଆହୁରି ଜଟିଳ ହୋଇଛି। ଇସ୍ରାଏଲ ଏବଂ ପାଲେଷ୍ଟାଇନ ମଧ୍ୟରେ ବିବାଦ ଆଜିକୁ ବହୁ ବର୍ଷ ପୁରୁଣା। ଏହି ବିବାଦ ଦିନେ ବିସ୍ଫୋରକ ରୂପ ନେବ ଏବଂ ଏହା ଦିନେ ବିଶ୍ୱଯୁଦ୍ଧରେ ପରିଣତ ହୋଇପାରେ ବୋଲି ଅନେକ ଦିନରୁ ଆଶଙ୍କା କରାଯାଉଥିଲା। ଏବେ ଏହି ଆଶଙ୍କା ସତ୍ୟରେ ପରିଣତ ହେବା ଭଳି ମନେ ହେଉଛି। ଇରାନ ସହିତ ଲେବାନନ, ସିରିଆ, ୟେମେନେ ମିଳିତ ଭାବେ ଇସ୍ରାଏଲକୁ ଆକ୍ରମଣ କରିପାରନ୍ତି।

**ଅନୁଜ ପଟ୍ଟନାୟକ**

ଭାତ ହାଣ୍ଡିରୁ ଗୋନିକଟରେ ଗାଜାଷ୍ଟ୍ରିପସ୍ଥିତ ଏକ ସୁନଙ୍ଗ ଭିତରୁ ଜଣଙ୍କ ମୃତ ଦେହ ଇସ୍ରାଏଲ ସେନା ଉଦ୍ଧାର କରିଛି। ଏମାନେ ହମାସ ଦ୍ୱାରା ପଣବନ୍ଦୀ ଥିଲେ। ଇସ୍ରାଏଲ ସେନାର ଆକ୍ରମଣ ପରେ ସେମାନେ ସେଠାରୁ ପଳାୟନ କରିବା ପୂର୍ବରୁ ୬ଜଣ ପଣବନ୍ଦୀଙ୍କୁ ହତ୍ୟା କରିଛନ୍ତି। ହମାସର ଏହି ବର୍ବରତାର ଉଚିତ ଜବାବ ଦିଆଯିବ ବୋଲି ଓ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ କହିଛନ୍ତି। ଅନ୍ୟ ପକ୍ଷରେ ପଣବନ୍ଦୀଙ୍କ ସୁରକ୍ଷା ନିମନ୍ତେ ଇସ୍ରାଏଲ ସେନା ଆକ୍ରମଣ ବନ୍ଦ କରିବାକୁ କିଛି ଇସ୍ରାଏଲ ନାଗରିକ ଦାବି କରିଛନ୍ତି। କିନ୍ତୁ ଇସ୍ରାଏଲ ଆକ୍ରମଣ ବନ୍ଦ କଲେ ହମାସ ପଣବନ୍ଦୀଙ୍କୁ ଛାଡ଼ିଦେବ ତାହାର କିଛି ଗ୍ୟାରେଣ୍ଟି ନାହିଁ। ଯେଉଁମାନେ ଗାଜା ଉପରେ ଇସ୍ରାଏଲ ଆକ୍ରମଣକୁ ନିନ୍ଦା କରି ଏହାକୁ ମାନବାଧିକାର ଉଲ୍ଲଙ୍ଘନ ବୋଲି କହୁଛନ୍ତି ସେମାନେ ହମାସର ଏହି ବର୍ବରତାକୁ କିପରି ସ୍ୱୀକୃତି ଦେଉଛନ୍ତି ? ଏହା ବିରୋଧରେ ମଧ୍ୟ ସେମାନେ ନିଜ ସ୍ୱର ଉତ୍ତୋଳନ କରିବା କଥା। ନଚେତ ଏହାକୁ କେବଳ ତୁଷ୍ଟିକରଣ ନୀତି ବୋଲି କୁହାଯିବ। ଗତ ବର୍ଷ ଅକ୍ଟୋବର ମାସରେ ଇସ୍ରାଏଲ ସୀମା ଭିତରେ ପଶି ଆତଙ୍କୀ ସଙ୍ଗଠନ ହମାସ ବର୍ବର ହତ୍ୟା ଏବଂ ଅପହରଣ କରିବା ପରେ ଇସ୍ରାଏଲ ଗାଜାଷ୍ଟ୍ରିପ ଉପରେ ଆକ୍ରମଣ କରିଥିଲା। ଗାଜା ସହର ହେଉଛି ହମାସର ଅପରେସନାଲ ହେଡକ୍ୱାର୍ଟର। ଗାଜା ସହର ଏକପ୍ରକାର ଧ୍ୱଂସ ସ୍ତୁପରେ ପରିଣତ ହୋଇଗଲାଣି। ହଜାର ହଜାର ନିରୀହ ବ୍ୟକ୍ତି ଏଥିରେ ପ୍ରାଣ ହରାଇଲେଣି। ହମାସର ଅନେକ ଆଡ୍ଡାସ୍ଥଳୀ ମଧ୍ୟ ଧ୍ୱଂସ ହୋଇଛି। ଅନେକ ରାଷ୍ଟ୍ର ଏବଂ ସଙ୍ଗଠନ ଗାଜା ଉପରେ ଇସ୍ରାଏଲର ଆକ୍ରମଣକୁ ନିନ୍ଦା କରୁଛନ୍ତି ଏବଂ ଇସ୍ରାଏଲ ଆକ୍ରମଣକୁ ଅମାନବୀୟ ବୋଲି କହୁଛନ୍ତି। କିନ୍ତୁ ହମାସ ଭଳି ଏକ ଆତଙ୍କୀ ସଙ୍ଗଠନର ବର୍ବରତାକୁ ସେମାନେ ନିନ୍ଦା କରୁନାହାଁନ୍ତି। ଏହାକୁ କହନ୍ତି ଦୋମୁହାଁ ନୀତି। ଇସ୍ରାଏଲ-ହମାସ ଲଢ଼େଇରେ ଅନେକ ନିରୀହ ଲୋକ ପ୍ରାଣ ହରାଇବା ନିଶ୍ଚିତ ଭାବେ ଏକ ଦୁଃଖଦାୟକ ଘଟଣା। ଏହି ଯୁଦ୍ଧ ତୁରନ୍ତ ବନ୍ଦ ହେବା ଉଚିତ ଏବଂ ସମ୍ପୃକ୍ତ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ହେବା ଉଚିତ। ବିଶ୍ୱର ସବୁ ଶାନ୍ତିକାମୀ ଏବଂ ସଭ୍ୟ ତଥା ଗଣତାନ୍ତ୍ରିକ ରାଷ୍ଟ୍ର, ବ୍ୟକ୍ତି ଏହା ଚାହାଁନ୍ତି। କିନ୍ତୁ ଏବେ ବି ହମାସ କବଳରେ ଇସ୍ରାଏଲର କିଛି ବ୍ୟକ୍ତି ପଣବନ୍ଦୀ ହୋଇ ରହିଛନ୍ତି। ଯେଉଁମାନେ ଇସ୍ରାଏଲର ଆକ୍ରମଣକୁ ନିନ୍ଦା କରୁଛନ୍ତି, ସେମାନେ ପଣବନ୍ଦୀଙ୍କୁ ଛାଡ଼ିବା ପାଇଁ ହମାସ ଉପରେ ଚାପ ପ୍ରୟୋଗ କରିବାକୁ କାହିଁକି କୁଣ୍ଠାବୋଧ କରୁଛନ୍ତି ତାହା ବୁଝାପଡୁନି। ଇତିମଧ୍ୟରେ ଇସ୍ରାଏଲର ଆକ୍ରମଣରେ ହମାସର ଜଣେ ବଡ଼ ନେତା ହାନିୟେ ନିହତ ହୋଇଛି। ସେ ଇରାନର ରାଜଧାନୀ ତେହେରାନରେ ଆଶ୍ରୟ ନେଇଥିଲା। ଇସ୍ରାଏଲ ଚତୁରତାର ସହ ତାକୁ ହତ୍ୟା କରିଛି। ଏହା ସହିତ ଲେବାନନର ଇସମାଇଲ ମଧ୍ୟ ଇସ୍ରାଏଲ ଆକ୍ରମଣରେ ନିହତ ହୋଇଛି। ଏହା ପରେ ଇରାନ ସିଧାସଳଖ ଇସ୍ରାଏଲ ଉପରେ ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଛି। ଇରାନର ସର୍ବୋଚ୍ଚ ଧର୍ମଗୁରୁ ଆୟୋତୋଲ୍ଲା ଖୋମେନୀ ଏଥିଲାଗି ଇରାନ ସେନାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଲେବାନ, ୟେମେନ ଏବଂ ସିରିଆର କିଛି ମୌଳବାଦୀ ସଙ୍ଗଠନ ଇସ୍ରାଏଲ ବିରୋଧରେ ଆକ୍ରମଣ ନିମନ୍ତେ ପ୍ରସ୍ତୁତି ଚଳାଇଛନ୍ତି। ଫଳରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଆଶଙ୍କା ଘନେଇବାରେ ଲାଗିଛି। ଏମିତି ଗତ ୧୦ ମାସ ହେବ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଏବଂ ଅଶାନ୍ତି ଲାଗି ରହିଛି। ଏବେ ଏହା ଏକ ପ୍ରକାର ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଛି। ଇରାନ ଅଭିଯୋଗ କରିଛି ଯେ, ହମାସ ନେତା ହାନିୟେର ହତ୍ୟା ପଛରେ ଆମେରିକାର ସହଯୋଗ ରହିଛି। ଏଥିରେ କିଛି ବିସ୍ମିତ ହେବାର ନାହିଁ। କାରଣ ଆମେରିକାର ପରମ ଶତ୍ରୁ ହେଲା ଇରାନ। ଇରାନ ଯାହାକୁ ସମର୍ଥନ ବା ସହାୟତା କରିବ, ତାକୁ ଆମେରିକା ଟାର୍ଗେଟ କରିବ। ଏବେ ଇସ୍ରାଏଲ ଉପରେ ଆକ୍ରମଣ ନିମନ୍ତେ ଇରାନର ସଜବାଜ ଦେଖି ଆମେରିକା ମଧ୍ୟ ଏହାର ଜବାବ ଦେବାକୁ ବା ଇସ୍ରାଏଲକୁ ସହାୟତା କରିବାକୁ ପ୍ରସ୍ତୁତି ଆରମ୍ଭ କରି ଦେଇଛି। ଫଳରେ ପରିସ୍ଥିତି ଆହୁରି ଜଟିଳ ହୋଇଛି। ଇସ୍ରାଏଲ ଏବଂ ପାଲେଷ୍ଟାଇନ ମଧ୍ୟରେ ବିବାଦ ଆଜିକୁ ବହୁ ବର୍ଷ ପୁରୁଣା। ଏହି ବିବାଦ ଦିନେ ବିସ୍ଫୋରକ ରୂପ ନେବ ଏବଂ ଏହା ଦିନେ ବିଶ୍ୱଯୁଦ୍ଧରେ ପରିଣତ ହୋଇପାରେ ବୋଲି ଅନେକ ଦିନରୁ ଆଶଙ୍କା କରାଯାଉଥିଲା। ଏବେ ଏହି ଆଶଙ୍କା ସତ୍ୟରେ ପରିଣତ ହେବା ଭଳି ମନେ ହେଉଛି। ଇରାନ ସହିତ ଲେବାନନ, ସିରିଆ, ୟେମେନେ ମିଳିତ ଭାବେ ଇସ୍ରାଏଲକୁ ଆକ୍ରମଣ କରିପାରନ୍ତି। ତୁର୍କୀ ମଧ୍ୟ ସେମାନଙ୍କୁ ସମର୍ଥନ କରୁଛି। ତୁର୍କୀ ଏକ ଇସଲାମିକ ମୌଳବାଦୀ ରାଷ୍ଟ୍ରଏକଥା ସମସ୍ତେ ଜାଣନ୍ତି। ଏଥିପାଇଁ ଏହା ସର୍ବଦା ଭାରତକୁ ଟାର୍ଗେଟ କରି ଆସିଛି ଏବଂ ଭାରତ ବିରୋଧରେ ବିଶ୍ୱ ଦରବାରରେ ସ୍ୱର ଉତ୍ତୋଳନ କରିଆସିଛି। ଏବେ ଭାରତ ଏହି ପ୍ରସଙ୍ଗରେ ଅତି ସତର୍କତାର ସହ ନିଷ୍ପତ୍ତି ନେବା ଉଚିତ। ପାଲେଷ୍ଟାଇନ ପ୍ରତି ଭାରତର ସମର୍ଥନ ରହି ଆସିଛି। କିନ୍ତୁ ଭାରତ ସବୁ ବେଳେ ଆତଙ୍କବାଦକୁ ବିରୋଧ କରିଆସିଛି। ତେଣୁ ହମାସ ସପକ୍ଷରେ ଭାରତ କେବେ ବି ଯାଇପାରିବ ନାହିଁ। ବରଂ ଇସ୍ରାଏଲ ପ୍ରତି ଭାରତର ନୈତିକ ସମର୍ଥନ ରହିଛି। ତେବେ ମଧ୍ୟପ୍ରାଚ୍ୟରେ ବଡ଼ ଯୁଦ୍ଧ ସମଗ୍ର ବିଶ୍ୱ ପାଇଁ ବିପର୍ଯ୍ୟୟର କାରଣ ହୋଇପାରେ। ତେଣୁ ବିଶ୍ୱବାସୀ ଏହାକୁ ଏଡ଼ାଇବା ନିମନ୍ତେ ସବୁ ପ୍ରକାର ଉଦ୍ୟମ କରିବା ଉଚିତ। ଭାରତ ଓ ଆମେରିକା ସହିତ ଅନ୍ୟ ବୃହତ ଶକ୍ତି ଏଥିରେ ତୁରନ୍ତ ହସ୍ତକ୍ଷେପ କରିବା ଉଚିତ। କାରଣ ଏହା ଆଉ ଇରାନ ବା ଇସ୍ରାଏଲର ଆଭ୍ୟନ୍ତରୀଣ ବ୍ୟାପାର ହୋଇ ରହିନାହିଁ। ଏହା ଏକ ଆନ୍ତର୍ଜାତିକ ସମସ୍ୟା ହୋଇଗଲାଣି। କୋଭିଡ ମହାମାରୀ ପରେ ଦୁଇ ଦୁଇଟି ଯୁଦ୍ଧରେ ବିଶ୍ୱ ଅର୍ଥନୀତି ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ଏବେ ମଧ୍ୟପ୍ରାଚ୍ୟରେ ପୁନର୍ବାର ଯୁଦ୍ଧ ହେଲେ ସ୍ଥିତି ଆହୁରି ଜଟିଳ ହେବେ। ତୈଳ ଦର ବଢ଼ିବ। ଫୁଡ଼ ସପ୍ଲାଇ ଚେନ ପ୍ରଭାବିତ ହୋଇପାରେ। ସାରା ବିଶ୍ୱରେ ମୁଦ୍ରାସ୍ଫୀତି ବଢ଼ିପାରେ। ସମଗ୍ର ବିଶ୍ୱବାସୀ ଏଥିରେ ପ୍ରଭାବିତ ହୋଇପାରନ୍ତି। ଏହାକୁ ଯେ କୌଣସି ପ୍ରକାରେ ରୋକାଯିବା ଜରୁରୀ।



# କେରଳ ସରକାରଙ୍କ 'ବୈଦେଶିକ ସଚିବ' ନିଯୁକ୍ତି ପଛରେ କଣ ରହିଛି ରହସ୍ୟ ?

କେରଳର କମ୍ୟୁନିଷ୍ଟ ସରକାରରେ ଥିବା ଲୋକମାନଙ୍କ ବିରୁଦ୍ଧରେ କଣ କଣ ଅଭିଯୋଗ ମାନ ରହିଛି ଓ କେଉଁ କେଉଁ ମାମଲାରେ ସେମାନେ ଜାଂଚର ସମ୍ମୁଖୀନ ହେଉଛନ୍ତି। କେରଳର ମୁଖ୍ୟମନ୍ତ୍ରୀଙ୍କ ଉପରେ ୟୁଏଇ କନସୁଲଲେଟ ଜରିଆରେ ସୁନା ସ୍ମଗଲିଂ ଓ ବିଦେଶରୁ ଧନ ଏକତ୍ରିତ କରିବା ଭଳି ଗୁରୁତର ଅଭିଯୋଗ ରହିଛି। କେରଳର ମୁଖ୍ୟମନ୍ତ୍ରୀନା, ତାଙ୍କ ମନ୍ତ୍ରିଚ ମଂଡଳର ସହଯୋଗୀ ମାନଙ୍କ ବ୍ୟତୀତ ବାଚସ୍ପତିଙ୍କ ଉପରେ ପ୍ରଟୋକଲ ଉଲ୍ଲଂଘନ କରାଯାଇଥିବା ନେଇ ଅଭିଯୋଗ ରହିଛି ଓ ବିଭିନ୍ନ ଏଜେନ୍ସିମାନଙ୍କ ଦ୍ୱାରା ଜାଂଚ ଜାରୀ ରହିଛି। କେବଳ ସେତିକି ନୁହେଁ ପୂର୍ବବର୍ତ୍ତୀ ପିନାୟରୀ ବିଜୟନଙ୍କ ସରକାରରେ ପୂର୍ବତନ ଅର୍ଥ ମନ୍ତ୍ରୀ ଥମାସ ଆଇଜାକଙ୍କ କାର୍ଯ୍ୟକଳାପର ପ୍ରବର୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ଜାଂଚ କରାଯାଉଛି। ତାଙ୍କ ଉପରେ ଏଫସିଆରଏ ଅଧିନିୟମ ଉଲ୍ଲଂଘନ କରିଥିବା ଅଭିଯୋଗ ରହିଛି। ସେହିପରି ଡଲାର ଓ ଅନ୍ୟ କରେନ୍ସି ସ୍ମଗଲିଂ ମାମଲାରେ ମଧ୍ୟ ଜାଂଚ କରାଯାଉଛି।



**ଡ. ସମନ୍ୱୟ ନନ୍ଦ**

କେରଳର କମ୍ୟୁନିଷ୍ଟ ସରକାର ବିଭିନ୍ନ ସମୟରେ ବିଭିନ୍ନ କାରଣକୁ ନେଇ ବିବାଦରେ ରହି ଆସିଥାନ୍ତି। ତେବେ ଚଳିତ ଥର ଏକ ଭିନ୍ନ ଧରଣର ପ୍ରସଙ୍ଗକୁ ନେଇ କେରଳର କମ୍ୟୁନିଷ୍ଟ ସରକାର ବିବାଦରେ ଆସିଛନ୍ତି। କେରଳ ସରକାର ଏବେ ଭାରତୀୟ ପ୍ରଶାସନିକ ସେବାର ଜଣେ ମହିଳା ଅଧିକାରୀ କେ. ବାସୁକୀଙ୍କୁ ବୈଦେଶିକ ସଚିବ ଭାବେ ନିଯୁକ୍ତି ଦେଇଥିଲେ। କେରଳର ବିଜୟନ ସରକାର ବୋଧ ହୁଏ ମନେ କରୁଥିଲେ ଯେ କେରଳ ଏବେ ଦେଶ ହୋଇ ସାରିଛି। ତେଣୁ ସେ ସିଧା ସିଧା ବୈଦେଶିକ ସଚିବ ପଦରେ ଜଣେ ଅଧିକାରୀଙ୍କୁ ନିଯୁକ୍ତି କରି ଦେଲେ।

ତେବେ ବର୍ତ୍ତମାନ ପ୍ରଶ୍ନ ଉଠୁଛି ଯେ କୌଣସି ରାଜ୍ୟ କଣ ବୈଦେଶିକ ସଚିବ ପଦରେ କାହାକୁ ନିଯୁକ୍ତି ଦେଇ ପାରିବ? ସମ୍ବିଧାନରେ କଣ ଏ ବାବଦରେ ବ୍ୟବସ୍ଥା ରହିଛି ? ସରଳ ଶବ୍ଦରେ ଯଦି ବୁଝିବା ତେବେ ସମ୍ବିଧାନର ସପ୍ତମ ଅନୁଚ୍ଛେଦରେ ବିଭିନ୍ନ ବିଷୟକୁ ତିନୋଟି ତାଲିକା (ଲିଷ୍ଟ)ରେ ବିଭାଜିତ କରାଯାଇଛି। ଗୋଟିଏ ହେଲା ୟୁନିୟନ ଲିଷ୍ଟ, ଗୋଟିଏ ହେଲା ଷ୍ଟେଟ ଲିଷ୍ଟ ଓ ଆଉ ଗୋଟିଏ ହେଲା କନକରେଂଟ ଲିଷ୍ଟ। ୟୁନିୟନ ଲିଷ୍ଟରେ ଥିବା ବିଷୟ ଗୁଡିକ ସମ୍ପର୍କରେ କୌଣସି ନିୟମ କେନ୍ଦ୍ର ସରକାର କରି ପାରିବେ। ସେହିପରି ଷ୍ଟେଟ ଲିଷ୍ଟରେ ଥିବା ବିଷୟ ଗୁଡିକ ସମ୍ପର୍କରେ ନିୟମ ତିଆରି କରିବାର ଅଧିକାର ରାଜ୍ୟ ସରକାର ମାନଙ୍କ ନିକଟରେ ରହିଛି। ସେହିପରି କନକରେଂଟ ଲିଷ୍ଟରେ ଥିବା ବିଷୟ ଗୁଡିକ ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନିୟମ ତିଆରି କରି ପାରିବେ। ସମ୍ବିଧାନ ନିର୍ମାତା ମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର କ୍ଷମତା କଣ ରହିଛି ତାର ସ୍ପଷ୍ଟ ବିଭାଜନ କରିଛନ୍ତି। ତେଣୁ ଏଥିରେ କୌଣସି ପ୍ରକାର ସନ୍ଦେହ ହେବାର ଅବକାଶ ନାହିଁ।

ବୈଦେଶିକ ମାମଲା ବିଷୟଟି ୟୁନିୟନ ଲିଷ୍ଟରେ ରହିଛି। ତେଣୁ ଯଦି ସରଳ ଶବ୍ଦରେ କହିବା ତେବେ କେନ୍ଦ୍ର ସରକାର ହିଁ ଏ ସମ୍ପର୍କରେ କୌଣସି ନିଷ୍ପତି ନେଇ ପାରିବେ। କେନ୍ଦ୍ର ସରକାର ହିଁ କୌଣସି ନିୟମ ତିଆରି କରି ପାରିବେ ଓ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟରେ କୌଣସି ନିଯୁକ୍ତି କରି ପାରିବେ। ରାଜ୍ୟ ସରକାରଙ୍କର ଏଭଳି କରିବାର କୌଣସି ଅଧିକାର ହିଁ ନାହିଁ। ତେଣୁ କେରଳର କମ୍ୟୁନିଷ୍ଟ ସରକାର ଦ୍ୱାରା ଆଇଏଏସ ଅଧିକାରୀ କେ. ବାସୁକୀଙ୍କୁ ଏଭଳି ଦାୟିତ୍ୱ ପ୍ରଦାନ କରିବାକୁ ରାଜ୍ୟ ସରକାର ସମ୍ବିଧାନ ଉଲ୍ଲଂଘନ ବୋଲି ଧରା ଯାଉଛି।

ହେଲେ ଏଭଳି ନିଯୁକ୍ତିକୁ ସବୁଆଡୁ ବିରୋଧ ହେବାର ଥିଲା ଓ ହେଲା ମଧ୍ୟ। ସମସ୍ତେ ଏହାକୁ ବିରୋଧ କରି ଏହା ସମ୍ବିଧାନର ବ୍ୟବସ୍ଥାର ପରିପନ୍ଥୀ ବୋଲି କହିଲେ। ଶେଷରେ କେରଳର କମ୍ୟୁନିଷ୍ଟ ସରକାର ଏହା ପରେ ଏହି ପ୍ରସଙ୍ଗରେ କଥାକୁ ବଦଳାଇବାକୁ ଚେଷ୍ଟା କଲେ। ବିବାଦ ବଢ଼ିବା ଦେଖି କେରଳ ସରକାର ସ୍ପଷ୍ଟୀକରଣ ଦେଇ ଦାବି କରିଛନ୍ତି ଯେ ମହିଳା ଅଧିକାରୀ ବାସୁକୀଙ୍କୁ କେରଳର ବୈଦେଶିକ ସଚିବ ପଦରେ ନିଯୁକ୍ତି ଦିଆଯାଇ ନାହିଁ। ତାଙ୍କୁ "ଏକ୍ସଟର୍ନାଲ କୋ-ଅପରେସନ" ଅଥବା ବାହ୍ୟ ସହଯୋଗ ବିଭାଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେ ଭାରତର ବୈଦେଶିକ ମନ୍ତ୍ରଣାଳୟ ସହ ବିଭିନ୍ନ ବିଷୟରେ ଆଲୋଚନା କରିବେ।

ତେବେ ବର୍ତ୍ତମାନ ପ୍ରଶ୍ନ ଉଠୁଛି ଯେ ସମ୍ବିଧାନ ସମ୍ପର୍କରେ ଏହି ସାଧାରଣ କଥାକୁ କଣ କେରଳର କମ୍ୟୁନିଷ୍ଟ ସରକାର ଓ ଏହାର ମୁଖ୍ୟମନ୍ତ୍ରୀ ବିଜୟନ ବୁଝି ନାହାନ୍ତି। ବିଜୟନ ଜଣେ ପୁରୁଣା ରାଜନୀତିଜ୍ଞ। ଅନେକ ବର୍ଷ ଧରି ସେ କେରଳର ମୁଖ୍ୟମନ୍ତ୍ରୀ ରହିଛନ୍ତି। ତେଣୁ ସେ ଏହି ସାଧାରଣ ବିଷୟଟିକୁ ବୁଝି ନ ଥିବେ ବୋଲି ଭାବିବା ଆଦୌ ଠିକ ନୁହେଁ। ତା ହେଲେ ସେ ଏଭଳି କାହିଁକି କରିଥିଲେ। ସେ କଣ କେରଳକୁ ଏକ ଦେଶ ବୋଲି ଭାବିବା ଆରମ୍ଭ କରିବା ସହ ଏ ଦିଗରେ କାମ ଆରମ୍ଭ କରିଛନ୍ତି। ସେ ଜାଣିଛନ୍ତି ଯେ ସେ ଯାହା କରୁଛନ୍ତି ତାହା ଦେଶର ସମ୍ବିଧାନ ଅନୁସାରେ ସମ୍ଭବ ନୁହେଁ। ଏହା ସତ୍ତ୍ୱେ ସେ ଏଭଳି କାମ କାହିଁକି କରୁଥିଲେ ? ଏହାର କଣ କିଛି ବିଶେଷ କାରଣ ରହିଛି ?

ତେବେ ବିରୋଧୀ ଦଳ ବିଜେପି ପକ୍ଷରୁ ଏହାକୁ ନେଇ ଯେଉଁ ଅଭିଯୋଗ କରାଯାଉଛି ସେଥିରେ କଣ କିଛି ସତ୍ୟତା ରହିଛି? ବିଜେପି ପକ୍ଷରୁ କୁହା ଯାଇଛି ଯେ କେରଳର କମ୍ୟୁନିଷ୍ଟ ସରକାରର ମୁଖ୍ୟ ଅର୍ଥାତ ମୁଖ୍ୟମନ୍ତ୍ରୀ ପିନାୟରୀ ବିଜୟନ ଓ ଅନ୍ୟ ନେତା ମାନଙ୍କ ଉପରେ ବିଦେଶରୁ ସ୍ୱର୍ଣ୍ଣ ସ୍ମଗଲିଂ କରିବା ଓ ବିଦେଶରୁ ଧନ ଏକତ୍ରିତ କରିବା ଭଳି ଅଭିଯୋଗ ମାନ ରହିଛି। କମ୍ୟୁନିଷ୍ଟ ସରକାରରେ ଥିବା ଲୋକମାନେ କଣ ତାଙ୍କର ଏଭଳି ବେଆଇନ କାର୍ଯ୍ୟକୁ ସହଜରେ କରିବା ଉଦ୍ଦେଶ୍ୟରେ କଣ ଏଭଳି ପଦକ୍ଷେପ ନେଇଛନ୍ତି ?

ଏଭଳି କିଛି ପ୍ରଶ୍ନ ବର୍ତମାନ ସାମନାକୁ ଆସୁଛି।

ଏବେ ଦେଖିବା ଯେ କେରଳର କମ୍ୟୁନିଷ୍ଟ ସରକାରରେ ଥିବା ଲୋକମାନଙ୍କ ବିରୁଦ୍ଧରେ କଣ କଣ ଅଭିଯୋଗ ମାନ ରହିଛି ଓ କେଉଁ କେଉଁ ମାମଲାରେ ସେମାନେ ଜାଂଚର ସମ୍ମୁଖୀନ ହେଉଛନ୍ତି। କେରଳର ମୁଖ୍ୟମନ୍ତ୍ରୀଙ୍କ ଉପରେ ୟୁଏଇ କନସୁଲଲେଟ ଜରିଆରେ ସୁନା ସ୍ମଗଲିଂ ଓ ବିଦେଶରୁ ଧନ ଏକତ୍ରିତ କରିବା ଭଳି ଗୁରୁତର ଅଭିଯୋଗ ରହିଛି। କେରଳର ମୁଖ୍ୟମନ୍ତ୍ରୀନା, ତାଙ୍କ ମନ୍ତ୍ରିଚ ମଂଡଳର ସହଯୋଗୀ ମାନଙ୍କ ବ୍ୟତୀତ ବାଚସ୍ପତିଙ୍କ ଉପରେ ପ୍ରଟୋକଲ ଉଲ୍ଲଂଘନ କରାଯାଇଥିବା ନେଇ ଅଭିଯୋଗ ରହିଛି ଓ ବିଭିନ୍ନ ଏଜେନ୍ସିମାନଙ୍କ ଦ୍ୱାରା ଜାଂଚ ଜାରୀ ରହିଛି। କେବଳ ସେତିକି ନୁହେଁ ପୂର୍ବବର୍ତ୍ତୀ ପିନାୟରୀ ବିଜୟନଙ୍କ ସରକାରରେ ପୂର୍ବତନ ଅର୍ଥ ମନ୍ତ୍ରୀ ଥମାସ ଆଇଜାକଙ୍କ କାର୍ଯ୍ୟକଳାପର ପ୍ରବର୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ଜାଂଚ କରାଯାଉଛି। ତାଙ୍କ ଉପରେ ଏଫସିଆରଏ ଅଧିନିୟମ ଉଲ୍ଲଂଘନ କରିଥିବା ଅଭିଯୋଗ ରହିଛି। ସେହିପରି ଡଲାର ଓ ଅନ୍ୟ କରେନ୍ସି ସ୍ମଗଲିଂ ମାମଲାରେ ମଧ୍ୟ ଜାଂଚ କରାଯାଉଛି।

ତା ହେଲେ କଣ କେରଳର କମ୍ୟୁନିଷ୍ଟ ସରକାରର ମୁଖ୍ୟ ପିନାୟରୀ ବିଜୟନ ଓ ତାଙ୍କ ଅନ୍ୟ ସହଯୋଗୀ ମାନଙ୍କ ଉପସାଗରୀୟ ଦେଶ ମାନଙ୍କ ସହ ହୋଇଥିବା ବିତ୍ତୀୟ ଦେଣ ନେଣକୁ ସୁରକ୍ଷା ପ୍ରଦାନ କରିବା ପାଇଁ କଣ କେରଳ ସରକାର ସମ୍ବିଧାନର ଭାବନାକୁ ଉଲ୍ଲଂଘନ କରି ବୈଦେଶିକ ସଚିବ ଓ ପରେ ବିବାଦ ବଢ଼ିବା କାରଣରୁ ଏକ୍ସଟର୍ନାଲ କୋ-ଅପରେସନ" ପଦରେ ଅଧିକାରୀଙ୍କୁ ନିଯୁକ୍ତି ଦେଇଥିଲେ। କେରଳ ସରକାରଙ୍କ ବିରୁଦ୍ଧରେ ଆସିଥିବା ଏହି ଅଭିଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଏହାର ପୁଙ୍ଖାନୁପୁଙ୍ଖ ଜାଂଚ କରାଯିବା ହେଉଛି ସମୟର ଆବଶ୍ୟକତା।





# ମମତାଙ୍କ 'ଅପରାଜିତା' ବିଲ



କୋଲକାତା, ୩।୯: କୋଲକାତାର ଜଣେ ଟ୍ରେନି ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଏବଂ ହତ୍ୟା ଘଟଣାକୁ ନେଇ ସାରା ଦେଶରେ ହଇଚଇ ସୃଷ୍ଟି ହୋଇଥିବା ବେଳେ ଏବଂ ସମସ୍ତେ ପଶ୍ଚିମବଙ୍ଗ ପୋଲିସର ନିରପେକ୍ଷତା ଏବଂ ଦକ୍ଷତାକୁ ନେଇ ପ୍ରଶ୍ନ ଉଠାଉଥିବା ବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଜ ପୋଲିସ ସପକ୍ଷରେ ବାହାରିଛନ୍ତି। ଦେଶର ଅନ୍ୟାନ୍ୟ ରାଜ୍ୟରେ ଏଭଳି ଅନେକ ଘଟଣା ଘଟୁଛି, କେବଳ ପଶ୍ଚିମବଙ୍ଗରେ ଏହା ହେଉଛି ସେ କଥା ନହେଁ। ଉତ୍ତର ପ୍ରଦେଶର ହାଥରସ ଏବଂ ଉନ୍ନାଓରେ ଏହାଠାରୁ ଜଘନ୍ୟ ଘଟଣା ଘଟିଛି। ସେଠାରେ ପୋଲିସ କ'ଣ କାର୍ଯ୍ୟାନୁଷ୍ଠାନ ନେଇଛି, କିପରି ନ୍ୟାୟ ପ୍ରଦାନ କରାଯାଇଛି ବୋଲି ମମତା ପ୍ରଶ୍ନ ଉଠାଇଛନ୍ତି। ରାଜ୍ୟ ବିଧାନସଭାରେ ଆଣ୍ଟିରେପ ବିଲ ଉପରେ ନିଜର ମତ ରଖି ମମତା କହିଛନ୍ତି ଯେ, ୨୦୨୦ରେ ଉତ୍ତରପ୍ରଦେଶର ହାଥରସରେ ଜଣେ ୨୦ ବର୍ଷୀୟା ଦଳିତ ଯୁବତୀଙ୍କ ପ୍ରତି ଦୁଷ୍କର୍ମ ପରେ ହତ୍ୟା କରାଯାଇଥିଲା। ୨୦୧୩ରେ ପଶ୍ଚିମବଙ୍ଗରେ ବାମପନ୍ଥୀ ସରକାର ଥିବା ବେଳେ ଉତ୍ତର ୨୪ ପ୍ରଗଣା ଜିଲ୍ଲାରେ ଜଣେ ଯୁବତୀଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିଲା। ଗତ ସପ୍ତାହରେ ରାଜସ୍ଥାନର ଜୟପୁରସ୍ଥିତ ଏକ ସରକାରୀ ହସ୍ପିଟାଲରେ ମଧ୍ୟ ଦୁଷ୍କର୍ମ ଘଟଣା ଘଟିଛି। ଉନ୍ନାଓ ଏବଂ ହାଥରସ ଘଟଣା ସମ୍ପର୍କରେ କେହି ପାଟି ଫିଟାଉ ନାହାଁନ୍ତି। କିନ୍ତୁ କୋଲକାତାରେ ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଏବଂ ହତ୍ୟା ନେଇ ସମସ୍ତେ ସ୍ୱର ଉତ୍ତୋଳନ କରୁଛନ୍ତି। ସାରା ଦେଶରେ ଏଭଳି ଘଟଣା ଘଟୁଛି। ଏହାକୁ ରୋକିବା ଲାଗି କଠୋର ଆଇନ ଏବଂ ନ୍ୟାୟିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ସେ ଦାବି କରି ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପତ୍ର ଲେଖିଛନ୍ତି। କିନ୍ତୁ ଏହାର ଜବାବ ଏ ପର୍ଯ୍ୟନ୍ତ ମିଳିଲା ନାହିଁ ବୋଲି ମମତା କହିଛନ୍ତି। ୟୁପି ଓ ଗୁଜରାଟ ଭଳି ରାଜ୍ୟରେ ମହିଳାଙ୍କ ପ୍ରତି ଅତ୍ୟାଚାର ଏବଂ ନିର୍ଯାତନା ଘଟଣା ଅଧିକ ହେଉଛି। ସେଠାରେ ଶାସନ କ୍ଷମତାରେ ଥିବା ଦଳ ପଶ୍ଚିମବଙ୍ଗରେ ମହିଳାଙ୍କୁ ନିର୍ଯାତନା ସମ୍ପର୍କରେ କହୁଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଏବଂ ଗୃହମନ୍ତ୍ରୀ ଅମିତ ଶାହା ଏ ସମ୍ପର୍କରେ କାହିଁକି ନିରବ , ମହିଳା ଉତ୍ପୀଡ଼ନ ବିରୋଧରେ ସେମାନେ କାହିଁକି ସ୍ୱର ଉତ୍ତୋଳନ କରୁ ନାହାଁନ୍ତି ବୋଲି ମମତା ପ୍ରଶ୍ନ କରିଛନ୍ତି।

## ଦୁଷ୍କର୍ମ ନିରୋଧୀ ବିଲ ଗୃହୀତ

ଦୁଷ୍କର୍ମ ଏବଂ ମହିଳାଙ୍କ ପ୍ରତି ଯୌନ ଉତ୍ପୀଡ଼ନ ରୋକିବାକୁ ଆଇନରେ କଠୋର ଦଣ୍ଡ ବିଧାନ ନିମନ୍ତେ ପଶ୍ଚିମବଙ୍ଗ ସରକାର ଏକ ଆଇନ ପ୍ରଣୟନ କରିବାକୁ ଯାଉଛନ୍ତି। ଏଥିଲାଗି ମଙ୍ଗଳବାର ପଶ୍ଚିମବଙ୍ଗ ବିଧାନସଭାରେ ଏକ ବିଲ୍ ଗୃହୀତ ହୋଇଛି। ଏହି ବିଲରେ ଦୁଷ୍କର୍ମ ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡ ବ୍ୟବସ୍ଥା ରହିଛି। ନିକଟରେ କୋଲକାତାର ଆରଜି କର ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଜଣେ ଟ୍ରେନି ମହିଳା ଡାକ୍ତର ଦୁଷ୍କର୍ମ ଏବଂ ହତ୍ୟାର ଶିକାର ହେବା ପରେ ଏହାକୁ ନେଇ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ବିଭିନ୍ନ ରାଜନୈତିକ ଦଳ ଏବଂ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ ଚାଲୁଛି। ଘଟଣାର ସିବିଆଇ ତଦନ୍ତ ହେଉଛି। ଏହି ଘଟଣାରେ ମମତା ସରକାର କାଠଗଡ଼ାରେ ଠିଆ ହୋଇଛନ୍ତି। ସବୁ ରାଜନୈତିକ ଦଳ ତାଙ୍କ ବିରୋଧରେ ସମାଲୋଚନାର ସ୍ୱର ଉଠାଉଛନ୍ତି। ତେଣୁ ମମତା ଚାପରେ ଅଛନ୍ତି। ଏହାର ଜବାବ ଦେବାକୁ ସେ ରାଜ୍ୟ ବିଧାନସଭାରେ ଏଭଳି ଏକ ବିଲ୍ ଗୃହୀତ କରାଇଛନ୍ତି।

### ବିଲ୍‌ରେ ଥିବା ପ୍ରାବଧାନ

- ଦୁଷ୍କର୍ମ ଓ ହତ୍ୟାକାରୀକୁ ମୃତ୍ୟୁଦଣ୍ଡ
- ଚାର୍ଜସିଟ୍ ଦାଖଲ କରିବାର ୩୬ ଦିନ ମଧ୍ୟରେ ମୃତ୍ୟୁଦଣ୍ଡର ବ୍ୟବସ୍ଥା
- ୨୧ ଦିନ ମଧ୍ୟରେ ତଦନ୍ତ ଶେଷ ହେବ
- ଅପରାଧୀଙ୍କୁ ସାହାଯ୍ୟ କରିଥିଲେ ୫ ବର୍ଷ କାରାଦଣ୍ଡ
- ପ୍ରତ୍ୟେକ ଜିଲ୍ଲାରେ ସ୍ୱତନ୍ତ୍ର ଆପରାଜିତା ଟାସ୍କ ଫୋର୍ସ ଗଠନ ପାଇଁ ବ୍ୟବସ୍ଥା
- ଦୁଷ୍କର୍ମ, ଏସିଡ୍ ମାଡ଼ ଏବଂ ନିର୍ଯାତନା ଭଳି ମାମଲାରେ ଏହି ଟାସ୍କଫୋର୍ସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ
- ଏସିଡ୍ ଆକ୍ରମଣରେ ଦୋଷୀ ସାବ୍ୟସ୍ତ ହେଲେ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯିବାର ବ୍ୟବସ୍ଥା ରହିଛି
- ୩୦ ଦିନ ମଧ୍ୟରେ ସମସ୍ତ ପ୍ରକାର ଯୌନ ଅପରାଧ ଏବଂ ଏସିଡ୍ ଆକ୍ରମଣର ପରୀକ୍ଷା ଶେଷ କରିବାକୁ ବ୍ୟବସ୍ଥା
- ପୀଡ଼ିତାଙ୍କ ପରିଚୟ ପ୍ରକାଶ କରିଥିଲେ ୩-୫ ବର୍ଷ ଜେଲ୍ ଦଣ୍ଡ
- ଦୁଷ୍କର୍ମ ତଦନ୍ତ ଏବଂ ବିଚାରକୁ ତ୍ୱରାନ୍ୱିତ କରିବା ପାଇଁ ବିଲରେ ଭାରତୀୟ ନ୍ୟାୟ ସଂହିତା (ବିଏନଏସ) ବ୍ୟବସ୍ଥାରେ ସଂଶୋଧନ ଅନ୍ତର୍ଭୁକ୍ତ

## ଟିକେଟ୍ ଦିଅ, ନ ହେଲେ କଂଗ୍ରେସରେ ମିଶିବି: ବିଜେପି ନେତା



ଚଣ୍ଡିଗଡ଼, ୩।୯: ପାଖେଇ ଆସିଲାଣି ହରିଆଣା ବିଧାନସଭା ନିର୍ବାଚନ। ଦିନ ଯେତେ ଗଡୁଛି ରାଜନୈତିକ ଉଷ୍ମତା ସେତେ ବଢ଼ି ଚାଲିଛି। କିଏ କେଉଁଠୁ ନିର୍ବାଚନ ଲଢ଼ିବ, କାହାକୁ ମିଳିବ ଟିକେଟ୍, କାହାର ହେବ ପତ୍ତା ସାଫ। ତାକୁ ନେଇ ସବୁ ଦଳରେ କସରତ ଚାଲିଛି। ଏହାରି ଭିତରେ ଭାରତୀୟ ଜନତା ପାର୍ଟିର ଟେନ୍‌ସନ୍ ବଢ଼ାଇବାରେ ଲାଗିଛନ୍ତି ବରିଷ୍ଠ ନେତା। ଟିକେଟ୍ ନ ମଳିଲେ କଂଗ୍ରେସରେ ଯୋଗ ଦେବେ ବୋଲି ଦେଇଛନ୍ତି ଖୋଲା ଧମକ। ପୂର୍ବତନ ମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ରାଓ ନରବୀର ସିଂହ। ସେ ନିକଟରେ ଦାବି କରିଛନ୍ତି ଯେ ଯଦି ତାଙ୍କୁ ଟିକେଟ୍ ନ ଦିଆଯାଏ ତେବେ ସେ କଂଗ୍ରେସରେ ଯୋଗଦେବେ। ସେ ରାଜ୍ୟର ହାଇ ପ୍ରୋଫାଇଲ୍ ସିଟ୍ ବାଦଶାହପୁରରୁ ଟିକେଟ୍ ଦାବି କରୁଛନ୍ତି। ବିଶେଷ କଥା ହେଉଛି ବରିଷ୍ଠ ନେତା ସୁଧା ଯାଦବ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟରଙ୍କ ପୂର୍ବତନ ଓଏସଡି ମଧ୍ୟ ଏହି ଆସନ ପାଇଁ ଦାବି କରୁଛନ୍ତି। ମିଡିଆ ରିପୋର୍ଟ ଅନୁସାରେ, ଶ୍ରୀ ସିଂହ ସ୍ପଷ୍ଟ କରିଛନ୍ତି ଯେ ସେ ଏଥର ସ୍ୱାଧୀନ ପ୍ରାର୍ଥୀ ଭାବରେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ। ସେ କହିଛନ୍ତି, 'ମୁଁ ୨୦୧୯ ରେ ଟିକେଟ୍ ପାଇ ନଥିଲି। ଏଥର ବି ମୁଁ ଜଣେ ସ୍ୱାଧୀନ ପ୍ରାର୍ଥୀ ଭାବରେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବି ନାହିଁ। ମୈଦାନରେ କେବଳ ଦୁଇଟି ଦଳ ଅଛନ୍ତି। ତେଣୁ ଯଦି ବିଜେପି ମୋତେ ଟିକେଟ ନ ଦେବ ତେବେ ମୁଁ କଂଗ୍ରେସରେ ଯୋଗଦେବି।' ବା ଦଶାହପୁର ବିଧାନସଭା ଆସ ନ ରୁ ସେ ନିଶ୍ଚିତ ଜିତିବେ ବୋଲି ସିଂହ ଦାବି କରିଛନ୍ତି।

## ଶିକ୍ଷାନୁଷ୍ଠାନ ଓ ହସ୍ପିଟାଲ ଉପରେ ରୁଷର ମିସାଇଲ ମାଡ଼, ୪୧ ମୃତ



ମସ୍କୋ, ୩।୯: ୟୁକ୍ରେନ ଉପରେ ହମଲାକୁ ଆହୁରି ଜୋରଦାର କରିଛି ରୁଷ। ୟୁକ୍ରେନର କେନ୍ଦ୍ରୀୟ ଅଞ୍ଚଳରେ ଆଜି ରୁଷ ପକ୍ଷରୁ ବାଲାଷ୍ଟିକ ମିସାଇଲ ଦ୍ୱାରା ଆକ୍ରମଣ କରାଯାଇଛି। ରୁଷର ଦୁଇଟି ମିସାଇଲ ମାଡ଼ରେ ଏଠାରେ ଥିବା ଗୋଟିଏ ଶିକ୍ଷାନୁଷ୍ଠାନ ଓ ହସ୍ପିଟାଲ ଛିନଛତ୍ର ହୋଇଛି। ଏଥିରେ ୪୧ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୧୮୦ ଜଣ ଆହତ ହୋଇଥିବା ୟୁକ୍ରେନ ରାଷ୍ଟ୍ରପତି ଭ୍ଲୋଡିମିର ଜେଲେନସ୍କି କହିଛନ୍ତି। ରୁଷ ଏବେ ୟୁକ୍ରେନର କେନ୍ଦ୍ରୀୟ ପୋଲଟାବା ଅଞ୍ଚଳକୁ ଟାର୍ଗେଟ କରିଛି। ଏଠାରେ ସବୁଠାରୁ ବଡ଼ ଧରଣରଣ ଆକ୍ରମଣ କରାଯାଇଛି। ୨୦୨୨ ଫେବୃଆରୀ ୨୪ରୁ ରୁଷ ପଡ଼ୋଶୀ ୟୁକ୍ରେନ ଉପରେ ହମଲା କରି ଚାଲିଛି। ପୂର୍ବରୁ ସାମରିକ ପ୍ରତିଷ୍ଠାନ ଓ ଭିତ୍ତିଭୂମିକୁ ଟାର୍ଗେଟ କରୁଥିବା ରୁଷ ଏବେ ଆବାସିକ ଅଞ୍ଚଳ, ହସ୍ପିଟାଲ ଓ ଶିକ୍ଷାନୁଷ୍ଠାନ ଗୁଡ଼ିକ ଉପରେ ମିସାଇଲ ମାଡ଼ କରୁଛି। ଏଥିରେ ସାଧାରଣ ଲୋକ ପ୍ରାଣ ହରାଇବାରେ ଲାଗିଛନ୍ତି।

ଆଜି ହୋଇଥିବା ମିସାଇଲ ଆଟାକ ସମ୍ପର୍କରେ ଜେଲେନସ୍କି କହିଛନ୍ତି, "ଇନଷ୍ଟିଚ୍ୟୁଟ ଅଫ କମ୍ୟୁନିକେସନର ଗୋଟିଏ ବିଲଡିଂ ମିସାଇଲ ଆଟାକ ଯୋଗୁ ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ଅନେକ ଲୋକ ଧ୍ୱଂସାବଶେଷ ତଳେ ଫସି ରହିଥିଲେ। ସେମାନଙ୍କ ମଧ୍ୟରୁ ଅନେକଙ୍କୁ ଉଦ୍ଧାର କରାଯାଉଛି। ଉଦ୍ଧାର କାର୍ଯ୍ୟରେ ସମସ୍ତ ଜରୁରିକାଳୀନ ଟିମକୁ ମୁତନୟ କରାଯାଇଛି। ସେହିପରି ଏହା ନିକଟରେ ଥିବା ଗୋଟିଏ ହସ୍ପିଟାଲ ଉପରେ ମଧ୍ୟ ମିସାଇଲ ମାଡ଼ ହୋଇଛି।"



## କୋଷ୍ଟ ଗାର୍ଡ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ, ୩ ନିଖୋଜ

ନୂଆଦିଲ୍ଲୀ ୩।୯: ଆରବ ସାଗରରେ ଦୁର୍ଘଟଣାଗ୍ରସ୍ତ ଏକ ଅଏଲ ଟ୍ୟାଙ୍କରରୁ ଆହତଙ୍କୁ ଉଦ୍ଧାର କରିବା ନିମନ୍ତେ ନିୟୋଜିତ ତଟରକ୍ଷୀ ବାହିନୀ (କୋଷ୍ଟ ଗାର୍ଡ଼)ର ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଥିବା ୪ଜଣ କ୍ରିୟୁ ମେମ୍ବରଙ୍କ ମଧ୍ୟରୁ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ୩ଜଣ ନିଖୋଜ ଅଛନ୍ତି। କୋଷ୍ଟ ଗାର୍ଡ଼ ପକ୍ଷରୁ କୁହାଯାଇଛି ଯେ, ଗତକାଲି ରାତି ୧୧ଟା ବେଳେ ଏକ ଆଡଭାନ୍ସ ଲାଇଟ ହେଲିକପ୍ଟରକୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ଗୁଜରାଟ ଉପକୂଳ ପୋରବନ୍ଦରଠାରୁ ୪୫ କିମି ଦୂର ଆରବସାଗର ଭିତରେ ଦୁର୍ଘଟଣାଗ୍ରସ୍ତ ଅଏଲ ଟ୍ୟାଙ୍କର ହରି ଲୀଲାର ଆହତ କର୍ମଚାରୀଙ୍କୁ ଉଦ୍ଧାର କରିବା ଲାଗି ଏହା ନିୟୋଜିତ ହୋଇଥିଲା। ତେବେ ଉଦ୍ଧାର ଅପରେସନ ବେଳେ ହେଲିକପ୍ଟରଟି ଯାନ୍ତ୍ରିକ ତ୍ରୁଟି ହେତୁ ଦୁର୍ଘଟଣାଗ୍ରସ୍ତ ହୋଇ ଆରବ ସାଗରରେ ଖସିପଡ଼ିଥିଲା। ଦୁର୍ଘଟଣାସ୍ଥଳରୁ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ୩ ଜଣ ଏବେ ବି ନିଖୋଜ ଅଛନ୍ତି। ସେମାନଙ୍କୁ ଉଦ୍ଧାର ପ୍ରୟାସ ଚାଲିଥିବା କୋଷ୍ଟଗାର୍ଡ ପକ୍ଷରୁ କୁହାଯାଇଛି।

## ନିଜ ଜୀବନକୁ ବାଜି ଲଗାଇ ୯ ଜଣଙ୍କୁ ବଞ୍ଚାଇଲେ

ହରିୟାଣା, ୩।୯: ହିରୋମାନେ ସବୁବେଳେ କ୍ୟାପ ପିନ୍ଧନ୍ତି ନାହିଁ। ବେଳେବେଳେ ରିୟଲ ହିରୋ ବୁଲଡୋଜର ମଧ୍ୟ ଚଲାନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ବନ୍ୟା ଯୋଗୁ ଆଉଟ ପାଉଟ ହେଉଥିବା ତେଲଙ୍ଗାନରେ ଦେଖିବାକୁ ମିଳିଛି। ବାସ୍ତବ ଜୀବନରେ ପ୍ରକୃତ ହିରୋ ସାଜିଛନ୍ତି ହରିୟାଣାର ଶୁଭାନ ଖାନ। ସେ ନିଜ ଜୀବନକୁ ବିପଦରେ ପକାଇ ଭୟଙ୍କର ବନ୍ୟା ବେଳେ ଗୋଟିଏ ବ୍ରିଜରେ ଫସିଥିବା ୯ ଜଣଙ୍କୁ ବଞ୍ଚାଇ ଦେଇଛନ୍ତି। ଖାନ ବନ୍ୟା ପାଣିରେ ବୁଲଡୋଜର ନେଇ ବ୍ରିଜ ଉପରେ ପହଞ୍ଚିଥିଲେ ଓ ସେଠାରେ ଜୀବନ ମରଣ ସହ ସଂଘର୍ଷ କରୁଥିବା ୯ ଜଣଙ୍କୁ ଉଦ୍ଧାର କରିଥିଲେ। ମିଳିଥିବା ସୂଚନା ଅନୁସାରେ, ତେଲଙ୍ଗାନାର ଖାମ୍ମାମ ଜିଲ୍ଲାରେ ଥିବା ମୁନ୍ନେରୁ ନଦୀ ଉପରେ ରହିଥିବା ପ୍ରକାଶ ନଗର ବ୍ରିଜରେ ୯ ଜଣ ଲୋକ ଫସି ଯାଇଥିଲେ।ସେମାନେ ବ୍ରିଜ ଉପରେ ରହିଥିବା ବେଳେ ଚାରିଆଡ଼େ କେବଳ ବନ୍ୟା ପାଣି ପ୍ରବାହିତ ହେଉଥିଲା। ତେଣୁ ସେମାନେ ଉଦ୍ଧାର ପାଇଁ ଆକୁଳ ନିବେଦନ କରିଥିଲେ। ୯ ଜଣ ଲୋକ ଗୋଟିଏ ଭିଡିଓ ରେକର୍ଡ କରି ରାଜ୍ୟ ସରକାରଙ୍କୁ ଉଦ୍ଧାର ପାଇଁ ନିବେଦନ କରିଥିଲେ। ଖବର ମିଳିବା ପରେ ରାଜ୍ୟ ସରକାର ହେଲିକପ୍ଟର ପଠାଇଥିଲେ। କିନ୍ତୁ ଖରାପ ପାଗ ଯୋଗୁ ବ୍ରିଜ ନିକଟରେ ପହଞ୍ଚି ପାରି ନଥିଲା ହେଲିକପ୍ଟର।

## ସନ୍ଦିପ ଘୋଷଙ୍କ ପରେ ବନ୍ଧା ହେଲେ ଆଉ ୩

କୋଲକାତା, ୩।୯: କୋଲକାତା ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ କରାଯାଇଥିବା ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲର ପୂର୍ବତନ ପ୍ରିନ୍ସିପାଲ ସନ୍ଦିପ ଘୋଷଙ୍କ ପରେ ଆଉ ତିନି ଜଣ ଗିରଫ ହୋଇଛନ୍ତି। ଆଜି ସିବିଆଇ ତିନି ଜଣଙ୍କୁ ଗିରଫ କରିଛି। ଏମାନଙ୍କୁ ଆର୍ଥିକ ଅନିୟମିତତା ଅଭିଯୋଗରେ ଗିରଫ କରାଯାଇଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ସିବିଆଇ ଗିରଫ କରିଥିବା ତିନି ଅଭିଯୁକ୍ତ ହେଉଛନ୍ତି ଅଫସର ଅଲି, ସୁମନ ହାଜରା ଏବଂ ବିପ୍ଳବ ସିହ୍ନା। ଅଲି ସନ୍ଦିପ ଘୋଷଙ୍କ ବ୍ୟକ୍ତିଗତ ଅଙ୍ଗରକ୍ଷୀ ହୋଇ ଥିବାବେଳେ ସିହ୍ନା ଏବଂ ହାଜରା ତାଙ୍କ ସହଯୋଗୀ ଥିଲେ। ଆର.ଜି କର ହସ୍ପିଟାଲର ଚିକିତ୍ସା ଉପକରଣ ହେରଫେର କରିବାରେ ଉଭୟ ସନ୍ଦିପ ଘୋଷଙ୍କୁ ସହାୟତା କରୁଥିଲେ। ଡାକ୍ତରଖାନାରେ ହୋଇଥିବା ଆର୍ଥିକ ଅନିୟମିତତା କାରବାରରେ ଘୋଷଙ୍କ ସହ ଏହି ତିନି ଜଣ ସାମିଲ ଥିବା ସିବିଆଇ ସୁରାଗ ପାଇବା ପରେ ସେମାନଙ୍କୁ ଗିରଫ କରିଛି।

## ହରିୟାଣାରେ ମେଣ୍ଟ ଚାହୁଁଛି କଂଗ୍ରେସ, ଆପ୍ ରଖିଲା ସର୍ତ୍ତ



ପାଖେଇ ଆସୁଛି ହରିୟାଣା ନିର୍ବାଚନ। ଆସନ୍ତା ଅକ୍ଟୋବର 5ରେ ଏଠାରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ଆରମ୍ଭ ହୋଇଗଲାଣି ରଣନୀତି। ଲୋକସଭା ନିର୍ବାଚନରେ ଆପ୍-କଂଗ୍ରେସ ମେଣ୍ଟ ଦଳର ନୈରାଶ୍ୟଜନକ ପ୍ରଦର୍ଶନ ସତ୍ତ୍ୱେ ବିଧାନସଭାରେ ଉଭୟ ଏକାଠି ଲଢ଼ିବା ନେଇ ସୂଚନା ମିଳିଛି। କଂଗ୍ରେସ ସାଂସଦ ରାହୁଲ ଗାନ୍ଧି ହରିୟାଣା ନିର୍ବାଚନରେ ଆପକୁ ସହଯୋଗୀ କରିବାକୁ ଚାହୁଁଥିବା କୁହାଯାଉଛି। ଏନେଇ ଦଳ ପକ୍ଷରୁ ସ୍ପଷ୍ଟ ସୂଚନା ଦିଆଯାଇ ନଥିଲେ ମଧ୍ୟ ରାହୁଲ ଗାନ୍ଧି ଆପ୍ ସହ ମେଣ୍ଟ ଚାହୁଁଥିବା ଚର୍ଚ୍ଚା ହେଉଛି। ସୂଚନା ଅନୁସାରେ, ଗତକାଲି ଦିଲ୍ଲୀରେ କଂଗ୍ରେସର କେନ୍ଦ୍ରୀୟ ନିର୍ବାଚନ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ହରିୟାଣାର ପ୍ରାର୍ଥୀଙ୍କ ନାମ ଉପରେ ଆଲୋଚନା କରାଯାଇଥିଲା। କଂଗ୍ରେସ ରାଜ୍ୟରେ ୩୦ରୁ ଅଧିକ ନାମ ଚୂଡାନ୍ତ କରିଛି। ଆସନ୍ତାକାଲି ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା ହୋଇପାରେ। କୁହାଯାଉଛି ଯେ, ଏହି ବୈଠକରେ ରାହୁଲ ଗାନ୍ଧି ହରିୟାଣାରେ ଆମ୍ ଆଦମୀ ପାର୍ଟି (ଆପ୍) ସହ ମେଣ୍ଟ ବାବଦରେ ତାଙ୍କ ଦଳର ନେତାଙ୍କଠାରୁ ମତ ଲୋଡ଼ିଛନ୍ତି। କିନ୍ତୁ ଦଳ ଏନେଇ କୌଣସି ଘୋଷଣା କରି ନ ଥିବାବେଳେ ବିଶେଷ ସୂତ୍ରରୁ ସୂଚନା ଅନୁସାରେ, ଆପ୍ ୨୦ଟି ଆସନ ଦାବି କରୁଛି। ଯଦି ଆପ୍ ସହ ଚୁକ୍ତି ହୁଏ, ତେବେ ହରିୟାଣା ବିଧାନସଭା ନିର୍ବାଚନରେ କଂଗ୍ରେସ-ଆପ୍ ମିଳିତ ଭାବେ ନିର୍ବାଚନ ଲଢ଼ିବେ।

ଉଲ୍ଲେଖଯୋଗ୍ୟ, ଅକ୍ଟୋବର ୧ରେ ହରିୟାଣା ବିଧାନସଭା ନିର୍ବାଚନ ପାଇଁ ମତଦାନ ହେବାର ଥିଲା। କିନ୍ତୁ ବିଷ୍ଣୋଇ ସମ୍ପ୍ରଦାୟର ଏକ ପାରମ୍ପାରିକ ପୂଜା ଅସୋଜ ଅମାବାସ୍ୟା ଥିବାରୁ ନିର୍ବାଚନକୁ ଅକ୍ଟୋବର ୫କୁ ଘୁଞ୍ଚାଇ ଦିଆଯାଇଛି। ଅକ୍ଟୋବର ୮ରେ ଫଳାଫଳ ପ୍ରକାଶ ପାଇବ। ଏହି ଦିନ ଜମ୍ମୁ-କଶ୍ମୀର ରେଜଲ୍ଟ ମଧ୍ୟ ଘୋଷଣା ହେବ।



## ତିନି ଦିନିଆ ବ୍ରୁନେଇ ଓ ସିଙ୍ଗାପୁର ଗସ୍ତରେ ମୋଦି

ନୂଆଦିଲ୍ଲୀ, ୩।୯: ତିନି ଦିନିଆ ବ୍ରୁନେଇ ଓ ସିଙ୍ଗାପୁର ଗସ୍ତରେ ପ୍ରଧାନମନ୍ତ୍ରୀ ନେରେନ୍ଦ୍ର ମୋଦି। ଏହା ହେଉଛି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ବ୍ରୁନେଇକୁ ପ୍ରଥମ ଗସ୍ତ। ଏଠାରେ ସେ ବିଶ୍ୱର ସବୁଠାରୁ ଧନୀ ସୁଲତାନଙ୍କୁ ଭେଟିବେ। ବ୍ରୁନେଇର ରାଜା ସୁଲତାନ ହାଜି ହସନାଲ ବୋଲିକିଆହାଙ୍କ ନିମନ୍ତ୍ରଣ ରକ୍ଷା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବ୍ରୁନେଇ ଗସ୍ତ କରିଛନ୍ତି। ଭାରତର ଯେ କୌଣସି ପ୍ରଧାନମନ୍ତ୍ରୀଙ୍କ ଏହା ପ୍ରଥମ ବ୍ରୁନେଇ ଗସ୍ତ। ଏହି ଅବସରରେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷୀକ ଆଲୋଚନା ହେବ। ପରେ ଆସନ୍ତା କାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସିଙ୍ଗାପୁର ଗସ୍ତ କରିବେ। ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଲରେନ୍ସ ୱଙ୍ଗଙ୍କ ଆମନ୍ତ୍ରଣକୁ ରକ୍ଷା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସିଙ୍ଗାପୁର ଗସ୍ତରେ ଯାଉଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଅନୁଯାୟୀ ସେ ସିଙ୍ଗାପୁରର ବ୍ୟବସାୟ ସମ୍ପ୍ରଦାୟର ନେତାମାନଙ୍କୁ ମଧ୍ୟ ଭେଟିବେ। ଆସନ୍ତା ୫ ତାରିଖରେ ତିନି ଦିନିଆ ଗସ୍ତ ସାରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତ ଫେରିବେ। ବ୍ରୁନେଇ ଯିବା ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି ଏହାକୁ ଭାରତର 'ଆକ୍ଟ ଇଷ୍ଟ' ନୀତିରେ ଏବଂ ଭାରତ-ପ୍ରଶାନ୍ତ ମହାସାଗରରେ ଦୃଷ୍ଟିଭଙ୍ଗୀରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ବୋଲି ବର୍ଣ୍ଣନା କରିଛନ୍ତି।

### ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନରେ ବନ୍ୟା ବିଭୀଷିକା

## ୩୫ରେ ପହଞ୍ଚିଲା ମୃତ୍ୟୁସଂଖ୍ୟା



ହାଇଦ୍ରାବାଦ, ୩।୯: ଆନ୍ଧ୍ରପ୍ରଦେଶରେ ବନ୍ୟା ବିଭୀଷିକା। ବୁଡ଼ିଲା ରେଳ ଷ୍ଟେସନ୍। ଧୋଇଗଲା ରେଳ ଟ୍ରାକ୍। ଭାସିଗଲା ଟ୍ରକ୍ ଓ କାର୍। ରାସ୍ତାରେ ସୁଅ କାଟୁଛି ୫ ଫୁଟରୁ ଅଧିକ ପାଣି। ଛାତିକୁ ଥରାଇ ଦେଲା ଭଳି ଏଭଳି କିଛି ଦୃଶ୍ୟ ଏବେ ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାରେ ଦେଖିବାକୁ ମିଳିଛି। ବନ୍ୟା ଓ ପ୍ରବଳ ବର୍ଷା ଯୋଗୁ ଏଠାରେ ବର୍ତ୍ତମାନ ସୁଦ୍ଧା ୩୫ ଜଣଙ୍କ ମୃତ୍ୟୁ ହୋଇସାରିଲାଣି। ତେଲେଙ୍ଗାନାରେ ୧୭ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଆନ୍ଧ୍ରପ୍ରଦେଶରେ ୧୮ ଜଣ ପ୍ରାଣ ହରାଇଛନ୍ତି। ସେହିପରି ନିଖୋଜ ଥିବା କୁହାଯାଉଛି। ତେଣୁ ଆଗକୁ ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିପାରେ। ଆନ୍ଧ୍ରପ୍ରଦେଶରେ ପ୍ରାୟ ୪.୫ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ବିଜୟୱାଡାରେ କ୍ଷୀର ସମେତ ଅତ୍ୟାବଶ୍ୟକ ସାମଗ୍ରୀ ପାଇବା ପାଇଁ ଲୋକମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯାତାୟତ ଏକପ୍ରକାର ଠପ୍ ହୋଇଯାଇଛି। ଲୋକ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛି। ବନ୍ୟାରେ ସବୁଠୁ ଅଧିକ ପ୍ରଭାବିତ ହୋଇଛି ଟ୍ରେନ୍ ଓ ସଡ଼କ ପଥ। ଆନ୍ଧ୍ରର ଏକାଧିକ ସ୍ଥାନରେ ଟ୍ରେନ୍ ଟ୍ରାକ୍ ଉପୁଡ଼ି ପଡ଼ିଛି। କେଉଁଠି ଛୋଟ ଛୋଟ ବ୍ରିଜ୍ ବି କ୍ଷତିଗ୍ରସ୍ତ ହୋଇଛି। ଫଳରେ ଆନ୍ଧ୍ରରୁ ଓଡ଼ିଶା ଏବଂ ଦେଶର ବିଭିନ୍ନ ସ୍ଥାନକୁ ଯାଉଥିବା ଟ୍ରେନ୍ ଚଳାଚଳରେ ବାଧା ସୃଷ୍ଟି ହୋଇଛି। ଏବେ ଯାଏଁ ୪୩୨ଟି ଟ୍ରେନ୍ ବାତିଲ ହୋଇଛି।

## ଆମେରିକାନ୍ ଡେ' ପରେଡ୍ ବେଳେ ଫୁଟିଲା ଗୁଳି, ୨ ମୃତ

ନ୍ୟୁୟର୍କ, ୩।୯: ଆମେରିକାରେ ପୁଣି ଫୁଟିଲା ଗୁଳି। ନ୍ୟୁୟର୍କ ସିଟିରେ ପଶ୍ଚିମ ଭାରତୀୟ ଆମେରିକୀୟ ଡେ' ପରେଡ୍ ବେଳେ ଗୁଳିମାଡ଼ ହୋଇଛି। କାରିବିଆନ୍ ସଂସ୍କୃତିର ବାର୍ଷିକ ଉତ୍ସବରେ ହିଂସାର ଏହା ହେଉଛି ସଦ୍ୟତମ ଉଦାହରଣ। ଏଥିରେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଗୁରୁତର ଅଛନ୍ତି। ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ନ୍ୟୁୟର୍କ ପୁଲିସର ଜଣେ ଅଧିକାରୀଙ୍କ କହିବା ମୁତାବକ, ପରେଡ୍ ଚାଲିଥିବା ବେଳେ ଜଣେ ବନ୍ଧୁକଧାରୀ ଏହା ଭିତରକୁ ମାଡି ଆସିଥିଲା। ଏହାପରେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଟାର୍ଗେଟ୍ କରି ବ୍ରୁକଲିନ୍‌ର ପରେଡ୍ ମାର୍ଗରେ ମଧ୍ୟାହ୍ନ ପ୍ରାୟ ସାଢ଼େ ୨ଟା ବେଳେ ଗୁଳିମାଡ଼ କରିଥିଲା। ଏହି ଘଟଣାରେ ୫ ଜଣ ଆହତ ହୋଇଥିଲେ। ତୁରନ୍ତ ସେମାନଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ୨ଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟ ତିନି ଜଣ ଗୁରୁତର ଅଛନ୍ତି। ଅନୁଯାୟୀ, ଏହି ପରେଡ ଅନେକ ଘଣ୍ଟା ପୂର୍ବରୁ ଆରମ୍ଭ ହୋଇଥିଲା। ହଜାର ହଜାର ଲୋକ ଏହାକୁ ଉପଭୋଗ କରୁଥିଲେ ଏବଂ ହଜାର ହଜାର ଲୋକ ସହରର ମୁଖ୍ୟ ରାସ୍ତା ଇଷ୍ଟର୍ଣ୍ଣ ପାର୍କୱେରେ ନାଚୁ ଗୀତରେ ମସଗୁଲ ଥିଲେ ଏବଂ ପଦଯାତ୍ରା କରିଥିଲେ। ଆଶା ଥିଲା ଯେ ଏହି କାର୍ଯ୍ୟକ୍ରମ ରାତି ପର୍ଯ୍ୟନ୍ତ ଏହିପରି ଜାରି ରହିବ। କିନ୍ତୁ ଗୁଳିମାଡ଼ ପରେ ଚାରିଆଡେ ଆତଙ୍କ ଖେଳି ଯାଇଥିଲେ। ଲୋକେ ପରେଡ୍ ଛାଡି ଜୀବନ ବିକଳରେ ଦୌଡି ପଳାଇଥିଲେ। ନ୍ୟୁୟର୍କ ପୁଲିସର ସୂଚନା ଅନୁଯାୟୀ ପରେଡ ମାର୍ଗକୁ ସିଲ୍ କରାଯାଇ ତନାଘନା ଜାରି ରହିଛି। ଅଭିଯୁକ୍ତ ବନ୍ଧୁକଧାରୀ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ତାକୁ ଧରିବା ପାଇଁ ତଲାସି ଜାରି ରହିଛି। ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜର ଯାଞ୍ଚ ମଧ୍ୟ କରାଯାଇଛି।

# 'ଯୌତୁକ ପାଇଁ ମାରି ଟାଙ୍ଗିଦେଲେ'




ବାଲେଶ୍ୱର,୩।୯ (ସଂଚାର ବ୍ୟୁରୋ): 'ଦୁଇ ମାସ ତଳେ ନୂଆ ସଂସାରରେ ପାଦ ଥାପିଥିଲା ଝିଅ । ଶାଶୁ ଘରେ ନିଜକୁ ଖାପ ଖୁଆଇବାକୁ ଚେଷ୍ଟା କରୁଥିଲା। କିନ୍ତୁ କାଳ ସାଜିଲା ଯୌତୁକ । ଟଙ୍କା, ସୁନାଗହଣା ପାଇବା ପାଇଁ ଆମ ଝିଅ ଉପରେ ଆରମ୍ଭ କରି ଦେଇଥିଲେ ନିର୍ଯାତନା । ଆଉ ଶେଷରେ ଝିଅକୁ ମାରି ଟାଙ୍ଗି ଦେଇଛନ୍ତି ।' ବିବାହ ପରେ ପରେ ଝିଅର ମୃତ୍ୟୁ ହୋଇଥିବା ବେଳେ ବୁକୁଫଟା କ୍ରନ୍ଦନ କରି ଜଣେ ମା' ଆଣିଛନ୍ତି ଏପରି ଅଭିଯୋଗ । ଏପରି ଏକ ଦୁଃଖଦ ଘଟଣା ବାଲେଶ୍ୱର ଜିଲ୍ଲା ଖଇରା ଥାନା ତେନ୍ତୁଳଗାଡିଆ ଗାଁରେ ଘଟିଛି। ମୃତା ନବବଧୂଜଣକ ହେଲେ ଶେରପୁର ଗାଁର ସୁଦାମ ସେଠୀଙ୍କ ଝିଅ ଲକ୍ଷ୍ମୀପ୍ରିୟା ସେଠୀ। ସେ ଦୁଇ ମାସ ତଳେ ତେନ୍ତୁଳଗାଡିଆ ଗାଁର ଜାନାମ୍ବର ଦାସଙ୍କ ପୁଅ ଜଗନ୍ନାଥ ଦାସଙ୍କୁ ବୈଦିକ ରୀତିନୀତି ଅନୁସାରେ ବିବାହ କରିଥିଲେ। ବାପ ଘର ଲୋକଙ୍କ କହିବା କଥା ବିବାହ ସମୟରେ ସେମାନେ ଦାବି ମୁତାବକ ଯୌତୁକ ଦେଇ ପାରି ନ ଥିଲେ। ଲକ୍ଷ୍ମୀପ୍ରିୟାଙ୍କ ଆସିଥିବା ପଲଙ୍କ ଶାଶୁ ଘର ଲୋକଙ୍କ ପସନ୍ଦ ଆସି ନ ଥିଲା। ଫଳରେ ସେମାନେ ତାକୁ ଫେରାଇ ଦେଇଥିଲେ। ତେଣୁ ଖୁବ୍ ଶୀଘ୍ର ଏକ ପଲଙ୍କ ସହ ଟଙ୍କା ଓ ସୁନା ଦେବା ପାଇଁ କହୁଥିଲେ। ଏଥିରେ ବିଳମ୍ବ ହେବାରୁ ସେମାନେ ଲକ୍ଷ୍ମୀପ୍ରିୟାଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗ କରିଛନ୍ତି ବାପଘର ଲୋକେ । ଏହାପରେ ଆଜି ସକାଳୁ ସରପଞ୍ଚ, ସମିତିସଭ୍ୟ ଫୋନ୍ କରି ଆମ ଝିଅ ଆତ୍ମହତ୍ୟା କରିଛି ବୋଲି କହିଥିଲେ। ତେବେ ଏଠାରେ ପହଞ୍ଚି ଝିଅ ବେକରେ ରଶି ଗୁଡ଼ା ଯାଇଥିବା ବେଳେ ପାଦ ତଳେ ଲାଗିଥିବା ଦେଖିବାକୁ ପାଇଥିଲୁ। ଜ୍ୱାଇଁ ତଥା ତାଙ୍କ ପରିବାର ଲୋକେ ଆମ ଝିଅକୁ ମାରିଦେଇଥିବା ଲକ୍ଷ୍ମୀପ୍ରିୟାଙ୍କ ମା' କହିଛନ୍ତି। ଖବର ପାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହିସହ ପୁଲିସ୍ ଲକ୍ଷ୍ମୀପ୍ରିୟାଙ୍କ ସ୍ୱାମୀ ଜଗନ୍ନାଥ ଓ ତାଙ୍କ ମା'ଙ୍କୁ ଅଟକ ରଖି ପଚରାଉଚରା କରୁଛି।

# ଜନ୍ତାରେ ପଡ଼ିଲା ଭାଲୁ

ନବରଙ୍ଗପୁର ,୩।୯ (ସଂଚାର ବ୍ୟୁରୋ): ୧୫ ଦିନ ହେବ ଲୋକଙ୍କୁ ନାକେଦମ କରିଥିବା ଭାଲୁ ଶେଷରେ ଜନ୍ତାରେ ପଡ଼ିଛି। ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡିରେ ବନ ବିଭାଗ ଓ ଗ୍ରାମବାସୀଙ୍କ ନିଦ ହଜାଇଥିବା ଭାଲୁ ଶେଷରେ ଜନ୍ତାରେ ପଡ଼ିଛି।

ଗତ ୧୫ ଦିନ ହେବ ପାପଡ଼ାହାଣ୍ଡି ଚନ୍ଦ୍ରପୁର ଗାଁରେ ଭାଲୁଟି ଏବେଠାରେ ବୁଲିବା ସହ ଆତଙ୍କ ଖେଳାଇଥିଲା। ଫଳରେ ଲୋକେ ଘରୁ ବାହାରିବାକୁ ଡରୁଥିଲେ। ଚନ୍ଦ୍ରପୁର ଆଶ୍ରମ ବିଦ୍ୟାଳୟ ପାଚେରିକୁ ଲାଗିଥିବା ମକା କିଆରୀରେ ଭାଲୁଟି ଲୁଚି ରହିବା ସହ ଅନେକ ସମୟରେ ଖାଦ୍ୟ ଅନ୍ୱେଷଣରେ ଗାଁ ଭିତରକୁ ପଶିବା ଚାଲିଥାଉଥିଲା। ଭାଲୁ ଆକ୍ରମଣ ଆଶଙ୍କାରେ ସ୍ଥାନୀୟ ବାସିନ୍ଦା ଆତଙ୍କିତ ଅବସ୍ଥାରେ ରହୁଥିଲେ। ବିଶେଷ କରି ପିଲାଙ୍କୁ ଘରୁ ବାହାରକୁ ଛାଡୁ ନ ଥିଲେ। ବନ କର୍ମଚାରୀମାନେ ଦିନ ରାତି ଭାଲୁ ଧରିବାକୁ ଚେଷ୍ଟା କରିବା ସହ ଜନ୍ତା ବସାଇଥିଲେ ମଧ୍ୟ ବିଫଳ ହେଉଥିଲେ। ଆଜି ଶେଷରେ ରାପିଡ୍ ରେସପନ୍ସ ଟିମ୍ ଜନ୍ତା ବସାଇ ଭାଲୁକୁ କାବୁ କରିଛନ୍ତି। ସ୍ୱାସ୍ଥ୍ୟ ପରୀକ୍ଷା ପରେ ଭାଲୁକୁ ଜଙ୍ଗଲରେ ଛାଡ଼ି ଦିଆଯିବ ବୋଲି ବନ ବିଭାଗ କହିଛି।

# ୪୬ କେଜି ଗଞ୍ଜେଇ ଜବତ, ୩ ଗିରଫ



ବଲାଙ୍ଗୀର,୩।୯ (ସଂଚାର ବ୍ୟୁରୋ): ୪୬ କେଜି ଗଞ୍ଜେଇ ଜବତ। ତୁଷୁରା ଅବକାରୀ ବିଭାଗ ଏବଂ ପୁଲିସ ସ୍ୱତନ୍ତ୍ର ଭାବେ ଚଢ଼ାଉ କରି ସମୁଦାୟ ୪୬କେଜି ଗଞ୍ଜେଇ ଜବତ କରିବା ସହ ତିନିଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ତୁଷୁରା ଅବକାରୀ ବିଭାଗ ଗୁଡଭେଲା ବ୍ଲକ ଦୁଲିକନା ରାସ୍ତାରେ ପାଟ୍ରୋଲିଂ କରୁଥିବା ବେଳେ ତୁଷୁରା ଥାନା ଅନ୍ତର୍ଗତ ବୁରୋମାଲ ଗ୍ରାମର ଶୁଭେନ୍ଦୁ ପାଣିଗ୍ରାହୀ ଏକ ବାଇକରେ ଦୁଇଟି ବ୍ୟାଗ ଧରି ଆସୁଥିଲା। ଏହି ସମୟରେ ଦୁଲିକନା ୟୁପି ସ୍କୁଲ ପାଖରେ ପୋଲିସ ଗଞ୍ଜେଇ ଜବତ କରିଥିଲା। ସେହିପରି ତୁଷୁରା ପୁଲିସ ଧାନଘରା ରାସ୍ତାରେ ଗାଡିମଟର କରୁଥିଲା। ଏହି ସମୟରେ କଳାହାଣ୍ଡି ଜିଲ୍ଲା ମ.ରାମପୁର ଥାନା ଡୁଲୁଗୁନି ଗାଁର ଭୁଜେଶ ମାଝି ଓ ମାଧବ ମାଝିଙ୍କ ବାଇକ ଚେକ୍ କରି ଦୁଇଟି ବ୍ୟାଗରୁ ୨୬କେଜି ଗଞ୍ଜେଇ ଜବତ କରିଥିଲା। ଏନେଇ ପୁଲିସ ଏକ ମାମଲା ରୁଜୁକରି ବେଆଇନ ଗଞ୍ଜେଇ ଚାଲାଣ ଅଭିଯୋଗ ଗିରଫ ହୋଇଥିବା ଉଭୟଙ୍କ କୋର୍ଟଚାଲାଣ କରିଥିବା ତୁଷୁରା ଥାନାଧିକାରୀ ଶଶୀଭୂଷଣ ସୂଚନା ଦେଇଛନ୍ତି।

# ୧୫୦ କେଜି ଗଞ୍ଜେଇ ଜବତ



ବ୍ରହ୍ମପୁର,୩।୯ (ସଂଚାର ବ୍ୟୁରୋ): ଅବକାରୀ ବିଭାଗ ୧୫୦ କେଜି ଗଞ୍ଜେଇ ଜବତ କରିଛି । ଗଜପତି ଜିଲ୍ଲାରୁ ମହାରାଷ୍ଟ୍ର ଅଭିମୁଖେ ଏହା ଯାଉଥିବା ଅବକାରୀ ବିଭାଗ କହିଛି । ସ୍ଥାନୀୟ ବଡ କୁଶସ୍ଥଳୀ ନିକଟରେ ଏହା ଜବତ ହୋଇଛି । ବୋଲେରୋ (ଓଡ଼ି ୦୭ ଏଟି ୭୭୩୨) କୁ କାବୁ କରାଯାଇଛି । ଦୁଇ ଜଣ ମହମ୍ମଦ ଆର ଲାଧା ଓ ମହମ୍ମଦ ଅଲ୍ଲୀକୁ ଗିରଫ କରାଯାଇଥିବା ଅଧିକାରୀ ସ୍ନେହଲତା ନାୟକ ଜଣାଇଛନ୍ତି ।

# ମଦୁଆ ଶିକ୍ଷକଙ୍କ ହାଇ ଭୋଲଟେଜ୍ ଡ୍ରାମା

ଯାଜପୁର,୩।୯ (ସଂଚାର ବ୍ୟୁରୋ): ମଦୁଆ ଶିକ୍ଷକ ସ୍କୁଲରେ କରୁଥିଲେ ହାଇ ଭୋଲଟେଜ ଡ୍ରାମା। ପିଲାଙ୍କୁ ପାଠ ପଢ଼ାଇବା ବଦଳରେ ମାତାଲ ଶିକ୍ଷକ ଦେଖାଉଥିଲେ ନିଜ କାରନାମା। କେତେବେଳେ ସାର୍ଟ ଖୋଲି ଫୋପାଡୁଥିଲେ ତ କେତେବେଳେ ନନ୍‌ଷ୍ଟପ୍ କଥା ହୋଇ ଚାଲୁଥିଲେ। ସାର୍‌ଙ୍କ ଏପରି ରୋଲ୍ ଦେଖି ପିଲା ସ୍କୁଲ ଆସିବାକୁ ପଛଘୁଞ୍ଚା ଦେଉଥିବା ବେଳେ ତାତି ଯାଉଥିଲେ ଅଭିଭାବକ । ଏହାସତ୍ତ୍ୱେ ଶିକ୍ଷକଜଣକ ନ ସୁଧୁରିବାରୁ ଶେଷରେ ମଦୁଆ ଶିକ୍ଷକଙ୍କୁ ସ୍କୁଲରୁ ତଡ଼ି ଦେଇଛନ୍ତି ଗ୍ରାମବାସୀ । ଏଥିସହ ଆଉ ଥରେ ବି ସ୍କୁଲ ଭିତରେ ପ୍ରବେଶ ନ କରିବାକୁ ଚେତାବନୀ ଦେଇଛନ୍ତି। ଏପରି ଏକ ଅଭାବନୀୟ ଘଟଣା ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଶିକ୍ଷା ମଣ୍ଡଳ ଅନ୍ତର୍ଗତ ନାରୀ ଗାଁ ବାଲି ସାହି ପ୍ରାଥମିକ ବିଦ୍ୟାଳୟରେ ଘଟିଛି । ମାତାଲ ଅବସ୍ଥାରେ



ରହି ସ୍କୁଲରେ ଅଜବ କାଣ୍ଡ ଘଟାଉଥିବା ଶିକ୍ଷକଜଣକ ହେଲେ ପ୍ରଦିପ କୁମାର ଦାଶ । ପ୍ରଦୀପ କୁମାର ଦାଶ ପ୍ରାୟତଃ ସବୁଦିନ ସ୍କୁଲକୁ ନିଶାସକ୍ତ ଅବସ୍ଥାରେ ଆସୁଥିଲେ । ସ୍କୁଲରେ ପାଠ ପଢ଼ାଇବା ଦୂରର କଥା ସେ ନିଜେ ବି ହୋସ୍‌ରେ ରୁହନ୍ତି ନାହିଁ। ଏଥିଯୋଗୁ ସ୍କୁଲର ଶୈକ୍ଷିକ ବାତାବରଣ ନଷ୍ଟ ହେଉଥିବା ବେଳେ ଅତିଷ୍ଠ ହୋଇ ପଡ଼ିଥିଲେ ଅଭିଭାବକ । ଶିକ୍ଷକଜଣକ ଗତକାଲି ସବୁ ସୀମା ଲଙ୍ଘିଂଲେ। ଗତ କାଲି ସେ ନିଶାସକ୍ତ ହୋଇବିଦ୍ୟାଳୟ ଆସିଥିଲେ । ସ୍କୁଲରେ ପାଠ ପଢ଼ା ଚାଲିଥିବା ବେଳେ ସେ ଗର୍ଜନ କରିବା ସହ ସାର୍ଟ ଖୋଲି ମନଇଚ୍ଛା କଥା ହେବାକୁ ଲାଗିଲେ। ଫଳରେ ପିଲାମାନେ ପାଠ ପଢ଼ିବା କଷ୍ଟକର ହୋଇ ପଡ଼ିଲା। ଖବର ପାଇ ଗାଁ ଲୋକେ ପହଞ୍ଚି ତାଙ୍କୁ ଯେତେ ବୁଝାଇଲେ ମାତ୍ର ସେ କିଛି ଶୁଣିବା ଅବସ୍ଥାରେ ନଥିଲେ । ଗ୍ରାମବାସୀ ତାଙ୍କର ଭିଡ଼ିଓ ରେକର୍ଡିଂ କରିଥିଲେ ମଧ୍ୟ ଶିକ୍ଷକଜଣକ ଏହାକୁ ଖାତିର କରିନଥିଲେ । ପରିସ୍ଥିତି ଆୟତ୍ତକୁ ନ ଆସିବାରୁ ଶିକ୍ଷକ ପ୍ରଦିପ କୁମାର ଦାଶଙ୍କୁ ଅଭିଭାବକ ଓ ଗ୍ରାମବାସୀ ସ୍କୁଲ ଛାଡି ପଳାଇବାକୁ କହିଥିଲେ । ପୁର୍ନବାର ସ୍କୁଲ ନ ଆସିବାକୁ ତାଙ୍କୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏଥିସହ ତୁରନ୍ତ ତାଙ୍କୁ ସ୍କୁଲରୁ ହଟାଇବାକୁ ପ୍ରଧାନ ଶିକ୍ଷକ ଓ ବ୍ଲକ ଶିକ୍ଷାଧିକାରୀଙ୍କୁ ଜଣାଯାଇଥିବା ଗ୍ରାମବାସୀ କହିଛନ୍ତି।

# ଗ୍ୟାସ ବିସ୍ଫୋରଣ ହେଲେ ମିଳିବ କ୍ଷତିପୂରଣ

କଟକ,୩।୯ (ସଂଚାର ବ୍ୟୁରୋ): ସିଲିଣ୍ଡର ବିସ୍ଫୋରଣ ନେଇ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି ଓଡ଼ିଶା ହାଇକୋର୍ଟ । ଗ୍ୟାସ୍ ଫାଟି କ୍ଷୟକ୍ଷତି ହେଲେ ମିଳିବ କ୍ଷତିପୂରଣ। ନୟାଗଡ଼ ସିଲିଣ୍ଡର ବିସ୍ଫୋରଣ ମାମଲାରେ ଶୁଣାଣି କରି କୋର୍ଟ ଉକ୍ତ ରାୟ ପ୍ରଦାନ କରିଛନ୍ତି।

କୋର୍ଟ କହିଛନ୍ତି, ଗ୍ୟାସ ଟାଙ୍କି ଫାଟି କ୍ଷୟକ୍ଷତି ହେଲେ କ୍ଷତିପୂରଣ ପ୍ରଦାନ କରିବାକୁ ଗ୍ୟାସ୍ କମ୍ପାନୀ ଗ୍ୟାସ କମ୍ପାନିଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଗ୍ୟାସ ଫାଟିଲେ ଆହତଙ୍କୁ ୨ଲକ୍ଷ ଓ ମୃତକଙ୍କୁ ୪ଲକ୍ଷ ଦେବାକୁ ପଲିସି ରହିଛି। ସେହିପରି ଘର ପୋଡ଼ି ଗଲେ ୨ଲକ୍ଷ ଟଙ୍କା ଦେବାକୁ ନିୟମ ରହିଛି ବୋଲିନିଜ କୋର୍ଟ କହିଛନ୍ତି। ଗ୍ୟାସ୍ ଉପଭୋକ୍ତାଙ୍କୁ ଅଧିକାର ବାବଦରେ ଅବଗତ କରାଯାଉ। ନିୟମିତ ଭାବେ ଗ୍ରାହକଙ୍କୁ ଏ ସମ୍ପର୍କରେ ସଚେତନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ରାସ୍ତାରୁ ବାହାରୁଛି ପିଚୁ ମିଶାଳିଆ ଗୋଡ଼ି

## ଗୋଡ଼ଭଗାବାସୀଙ୍କ ଭାଗ୍ୟ ସହ କିଏ ଖେଳିଛି ଏ ଡବଲ୍ ଗେମ୍ ?



ବରଗଡ଼,୩।୯ (ସଂଚାର ବ୍ୟୁରୋ): ଗୋଡ଼ ମାରିଲେ ଉଠି ଯାଉଛି। ଆଉ ହାତ ମାରିଲେ ମୁଠା ମୁଠା ହୋଇ ବାହାରି ଆସୁଛି ପିଚୁ ମିଶା ଗୋଡ଼ି। ଏମିତି ରାସ୍ତା ବନେଇ କିଏ ଆତ୍ମସାତ୍ କଲା କରଦାତାଙ୍କ କୋଟି କୋଟି ଟଙ୍କା। ଲୋକଙ୍କ ଜୀବନକୁ ବିପଦକୁ ଠେଲି ସେହି ଟଙ୍କାରେ ବୋଧହୁଏ ଅୟସ ଆରାମରେ ରହିବାର ବ୍ୟବସ୍ଥା କରିଛନ୍ତି କେଉଁ ଦୁର୍ନୀତି ଖୋର ବାବୁ। ବରଗଡ଼ ଜିଲ୍ଲା ବରପାଲିରୁ ବରମକେଲା ରାସ୍ତା। ବର୍ଷେ ତଳେ ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣ ହୋଇଥିବା ଏହି ରାସ୍ତାରେ ଲୁଚିଛି ପୂର୍ବର ବିଜେଡି ସରକାରଙ୍କ ୨୪ ବର୍ଷ ଶାସନର ଅସଲ ବିକାଶ। ନାଇଁ ଆଦୌ ମିଛ ନୁହେଁ । ଏଇ ଦେଖୁ ନାହାନ୍ତି କିଭଳି ରାସ୍ତାରେ ଗୋଡ଼ ମାରିଲେ ବିକାଶ ଝରୁଛି, ଯାହାକୁ ହାତରେ ମୁଠାଇ ପକାଉଛନ୍ତି ଲୋକେ। ଦୁଇ ହାତ ଲଗାଇ ଟେକି ଆଣୁଛନ୍ତି। କାଳେ କୁଆଡେ ଖସି ପଳାଇବ ଜାବୁଡି କି ବି ଧରୁଛନ୍ତି।

୬ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଏହି ବିକାଶକୁ ଛୁଇଁବାର ସୁଯୋଗ ପାଇ ଅନୁଭୂତି ବଖାଣିଛନ୍ତି ସ୍ଥାନୀୟ ବାସିନ୍ଦା। ଏଠି ତ ସ୍ଥିତି ଆହୁରି ସଂଗୀନ। ଇଏ ହେଉଛି ବରଗଡ଼ର ଗୋଡ଼ଭଗାରୁ ତୁରୁମକୁ ଯୋଡୁଥିବା ରାସ୍ତା। କଂକ୍ରିଟ୍ ରୋଡ୍ ଉପରେ ନିମ୍ନମାନର ପିଚୁ ରାସ୍ତା ନିର୍ମାଣ କରି କୋଟି କୋଟି ଟଙ୍କା ହରିଲୁଟ୍ କରିଛନ୍ତି ଠିକାଦାର। ତେବେ ପୂର୍ତ୍ତ ବିଭାଗର ବିଭାଗୀୟ ଅଧିକାରୀ ଓ ଠିକାଦାର ମିଳିମିଶି ଅଞ୍ଚଳକୁ ରାସ୍ତା ନାଁରେ ଚୂନ ଲଗାଇଥିବାର ଅଭିଯୋଗ ହୋଇଛି। ରାଜ୍ୟରେ ବିଜେଡି ୨୪ ବର୍ଷ ଧରି କ୍ଷମତାରେ ରହିଲା।

# ମୃତଦେହ ଧରି ଗାଁ ସାରା ବୁଲିଲା ପୁଲିସ୍

## ସତ୍କାର କରିବାକୁ ଦେଲେନି ଲୋକେ

ରେଢ଼ାଖୋଲ,୩।୯ (ସଂଚାର ବ୍ୟୁରୋ): ମୃତଦେହ ଧରି ଗାଁର ଏ ମୁଣ୍ଡରୁ ସେ ମୁଣ୍ଡକୁ ବୁଲିଲା ପୁଲିସ୍। ହେଲେ ଗାଁ ଲୋକେ ସତ୍କାର କରିବାକୁ ଅନୁମତି ଦେଲେନାହିଁ। ଜୋରଦାର ବିରୋଧ କରିଥିଲେ। ପରେ ପାଖ ପଡୋଶୀ ଗାଁ ଶ୍ମଶାନରେ ଶବ ସତ୍କାର ନାଇଁ ନେଇଥିଲା ପୁଲିସ୍। ହେଲେ ସେଠାରେ ମଧ୍ୟ ସତ୍କାର କରିବାକୁ ଅନୁମତି ମିଳିନଥିଲା। ଶେଷରେ ମୃତଦେହ ଧରି ରେଢ଼ାଖୋଲ ଫେରିଲେ ଉପଜିଲ୍ଲାପାଳ ଓ ପୁଲିସ୍ ପ୍ରଶାସନ।



ରେଢାଖୋଲ ଏନ୍‌ଏସିରେ ଥିବା ଶ୍ମଶାନରେ ଯୁବତୀଙ୍କ ମୃତଦେହ ସତ୍କାର କରାଯାଇଛି। ଗତ ଶୁକ୍ରବାର ସକାଳେ ସମ୍ବଲପୁର ଜିଲ୍ଲା ନାକଟିଦେଉଳ ଥାନା ସାହେବି ଗାଁର ୨୦ ବର୍ଷୀୟା ଯୁବତୀ ରୀମା(ଛଦ୍ମନାମ) ଗାଧୋଇବା ପାଇଁ ନାଳକୁ ଯାଇଥିଲେ। ହେଲେ ଘରକୁ ଫେରିନଥିଲେ। ଝିଅ ଘରକୁ ନଫେରିବାରୁ ପରିବାର ଲୋକେ ଚାରିଆଡେ ଖୋଜିଥିଲେ। ହେଲେ ତାଙ୍କ ପତ୍ତା ପାଇନଥିଲେ। ନିଜର ବଢ଼ିଲା ଝିଅକୁ ନପାଇ ପରିବାର ଲୋକେ ଏନେଇ ନାକଟିଦେଉଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ରବିବାର ସକାଳେ ରୀମାଙ୍କ କ୍ଷତବିକ୍ଷ ବସ୍ତ୍ର ବିହୀନ ମୃତଦେହ ଗାଁଠାରୁ ଏକ କିମି ଦୂରରେ ଥିବା ଝାରବେଡା-ପାଣ୍ଡରିପଶି ଜଙ୍ଗଲରେ ପଡ଼ିଥିଲା ଦେଖିବାକୁ ମିଳିଥିଲା।

# ଖୋଲୁନି ବ୍ଲକ ପରିସରରେ ଥିବା ଆଧାର ସଂଯୋଗ କେନ୍ଦ୍ର




ଦେଓଗାଁ,୩।୯ (ସଂଚାର ବ୍ୟୁରୋ): ବର୍ତ୍ତମାନ ରାଜ୍ୟରେ ଲାଗୁ ହୋଇଛି ସୁଭଦ୍ରା ଯୋଜନା। ଏଥିରେ ସାମିଲ ହେବା ପାଇଁ ଆଧାର କାର୍ଡରେ ମୋବାଇଲ ସଂଯୋଗକୁ ବାଧ୍ୟତାମୂଳକ କରିଛନ୍ତି ସରକାର। ଯେଉଁ ମହିଳାଙ୍କ ଆଧାର କାର୍ଡରେ ମୋବାଇଲ ନମ୍ବର ସଂଯୋଗ ହୋଇନାହିଁ ସେମାନେ ସଂଯୋଗ କରାଇବା ପାଇଁ ବ୍ଲକ କାର୍ଯ୍ୟାଳୟ ଭିତରେ ଥିବା ଆଧାର କେନ୍ଦ୍ରକୁ ଆସୁଛନ୍ତି। ହେଲେ ଏହି କାର୍ଯ୍ୟାଳୟରେ ତାଲା ଝୁଲୁ ଥିବାରୁ ଦୂରଦୂରାନ୍ତରରୁ ଆସୁଥିବା ମହିଳାମାନେ ନିରାଶ ହୋଇ ଫେରୁଥିବା ବିଷୟରେ ଅଭିଯୋଗ କରୁଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ଫେରିଲା ବବିଙ୍କ...

ସିବିଆଇକୁ ହସ୍ତାନ୍ତର କରିବା ନିମନ୍ତେ ଆଇନ ଅନୁସାରେ ଆବଶ୍ୟକ ପଦକ୍ଷେପ ନେବାକୁ ରାଜ୍ୟ ଗୃହ ବିଭାଗ ଚଳିତ ଅଗଷ୍ଟ ୩ତାରିଖରେ ପୁଲିସ ଡିଜି ଓ କ୍ରାଇମବ୍ରାଂଚ ଏଡିଜିଙ୍କୁ ଚିଠି ଲେଖିଥିଲା। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ସୂଚନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନ କରିଥିବା ଅଭିଯୋଗ ଆଧାରରେ ଗୃହ ବିଭାଗ ଏଭଳି ଚିଠି ଲେଖିଥିଲା। ଗୋଟେପଟେ ବ୍ଲାକରୋଜ୍ ଜାହାଜ ବୁଡ଼ି ଘଟଣା ସିବିଆଇକୁ ହସ୍ତାନ୍ତର ହେବାର ସମ୍ଭାବନା ଥିବାବେଳେ ଆଜି ବିଧାନସଭାରେ ଏହି ପ୍ରସଙ୍ଗ ପୁଣି ଥରେ ଉଠିବା ବିଜେଡି ନେତା ପ୍ରଣବ ପ୍ରକାଶ ଦାସ ଓରଫ ବବିଙ୍କ ଅଡୁଆ ବଢ଼ାଇବ ବୋଲି ଆଶଙ୍କା ହେଉଛି। ବବିଙ୍କ ପରିବାର ସଦସ୍ୟଙ୍କ ମାଲିକାନାରେ ଥିବା କମ୍ପାନୀ ମେସର୍ସ ରେକ୍ଟର ମାଇନ୍ସ ଆଣ୍ଡ ମିନେରାଲସ ପ୍ରାଇଭେଟ୍ ଲିମିଟେଡର ଲୁହାପଥରକୁ ଏହି ମଙ୍ଗୋଲୀୟ ଜାହାଜ 'ଏମଭିବ୍ଲାକରୋଜ୍' ଚୀନ ନେଇ ଯାଉଥିଲା ବୋଲି ଜଣାପଡ଼ିଛି।

ସେହିପରି ଶ୍ରୀ ପ୍ରଧାନଙ୍କ ଅଭିଯୋଗ ପତ୍ରରୁ ମିଳିଥିବା ସୂଚନା ଅନୁସାରେ, ୨୦୦୯ ସେପ୍ଟେମ୍ବର ୯ତାରିଖରେ ପାରାଦୀପ ବନ୍ଦର ନିକଟରୁ ପ୍ରାୟ ୫କିମି ଦୂରରେ ଏମଭି ବ୍ଲାକରୋଜ୍ ଜାହାଜ ବୁଡ଼ି ଯାଇଥିଲା। ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟ ଅନୁସାରେ ମଙ୍ଗୋଲୀୟ ଜାହାଜ ବେଆଇନ ଭାବେ ଏବି ମିନେରାଲ୍ସ ଓ ବବି ଦାସଙ୍କ ପରିବାରର କମ୍ପାନୀ ରେକ୍ଟର ମାଇନ୍ସର ୨୩୮୪୭ ମେଟ୍ରିକ ଟନ୍ ଲୁହାପଥର ଓ ୯୨୦ମେଟ୍ରିକ ଟନ୍ ଫର୍ଣ୍ଣେସକୁ ନେଇ ଚୀନ ଯାଉଥିଲା। ଏହି ଘଟଣା ସେତେବେଳେ ଅଧିକ ବିବାଦୀୟ ହେବାରୁ ରାଜ୍ୟ ସରକାର ୨୦୦୯ ଡିସେମ୍ବର ୧୭ରେ ଉକ୍ତ ମାମଲାକୁ ରାଜ୍ୟ କ୍ରାଇମବ୍ରାଂଚକୁ ହସ୍ତାନ୍ତର କରିଥିଲେ। କିନ୍ତୁ ଉଭୟ ପୁଲିସ ଓ କ୍ରାଇମବ୍ରାଂଚ ଏହାର ତଦନ୍ତ କରିଥିଲେ ମଧ୍ୟ କାହାରିକୁ ଗିରଫ କିମ୍ବା ଜେରା କରିନଥିଲେ। ପରେ ଏହି ମାମଲାର ସିବିଆଇ ତଦନ୍ତ ଦାବି କରି ଶଙ୍ଖନାଦ ବେହେରା ଓ ଗୁରୁପ୍ରସାଦ ମହାନ୍ତି ନାମକ ଦୁଇଜଣ ବ୍ୟକ୍ତି ଭିନ୍ନ ଭିନ୍ନ ମାମଲା ଓଡ଼ିଶା ହାଇକୋର୍ଟରେ ଦାଖଲ କରିଥିଲେ। କିନ୍ତୁ ସେମାନେ କୋର୍ଟରେ ବାରମ୍ବାର ଅନୁପସ୍ଥିତ ରହିବାରୁ ମାମଲା ଖାରଜ ହୋଇଯାଇଥିଲା।

୨୦୧୮ ମସିହାରେ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରଣାଳୟ ଏହି ମାମଲାର ତଦନ୍ତ ପାଇଁ ସିବିଆଇକୁ ଅନୁରୋଧ କରିଥିଲେ। ଯାହା ଆଧାରରେ ସିବିଆଇ ୨୦୧୯ ସେପ୍ଟେମ୍ବର ୩୦ ଓ ଡିସେମ୍ବର ୯ତାରିଖରେ ରାଜ୍ୟ ମୁଖ୍ୟ ସଚିବଙ୍କୁ ଚିଠି ଲେଖି ବ୍ଲାକରୋଜ୍ ବୁଡ଼ି ମାମଲାର ତଦନ୍ତ ସଂକ୍ରାନ୍ତ ଦସ୍ତାବିଜ ଦେବାକୁ ଅନୁରୋଧ କରିଥିଲେ। କିନ୍ତୁ ରାଜ୍ୟ ସରକାର ଏଥିପ୍ରତି ସାମାନ୍ୟ ଦୃଷ୍ଟି ଦେଇନଥିଲେ। ୨୦୨୩ ଅଗଷ୍ଟ ୩୦ତାରିଖରେ ସୂଚନା ଅଧିକାର କର୍ମୀ ଶ୍ରୀ ପ୍ରଧାନ ବ୍ଲାକରୋଜ୍ ବୁଡ଼ି ଘଟଣାର ସିବିଆଇ ତଦନ୍ତ ଦାବିରେ ଓଡ଼ିଶା ହାଇକୋର୍ଟରେ ଏକ ଜନସ୍ୱାର୍ଥ ସମ୍ବଳିତ ମାମଲା ରୁଜୁ କରିଛନ୍ତି। ଯାହା ଏବେବି ବିଚାରଧୀନ ରହିଛି।

ବ୍ଲାକରୋଜ୍ ଜାହାଜ ବୁଡ଼ିବେଳେ ୨୬ଜଣ କ୍ର୍ୟୁ ମେମ୍ବରଙ୍କୁ ଉଦ୍ଧାର କରାଯାଇଥିଲା, ମାତ୍ର ଜାହାଜର ମୁଖ୍ୟ ଇଞ୍ଜିନିୟରଙ୍କୁ ପ୍ରାଣ ହରାଇବାକୁ ପଡ଼ିଥିଲା। ସେହି ଜାହାଜ ଏବେବି ସମୁଦ୍ର ମଝିରେ ପଡ଼ି ରହିଛି। ବିଜେଡି ସରକାର ରାଜ୍ୟରେ ଶାସନରେ ଥିବା ଦଳର ନେତା ବବି ଦାସ ନିଜର ପ୍ରଭାବ ବଳରେ ଏହି ମାମଲାକୁ ସିବିଆଇକୁ ହସ୍ତାନ୍ତର କରିବାରେ ପ୍ରତିବନ୍ଧକ ସାଜୁଥିଲେ ବୋଲି ଚର୍ଚ୍ଚା ହୋଇଥିଲା। ଏବେ ବିଜେପି ସରକାର କ୍ଷମତାକୁ ଆସିବା ପରେ ଏହି ମାମଲା ସିବିଆଇକୁ ହସ୍ତାନ୍ତର ମାର୍ଗ ପ୍ରଶସ୍ତ ହୋଇଛି ବୋଲି ଚର୍ଚ୍ଚା ହେଉଛି।

## ୨୦୨୬ ମାର୍ଚ୍ଚ...

ଯୋଜନା ପ୍ରସ୍ତୁତ କରାଯାଇଥିଲା। ଡିଜିପି କହିଛନ୍ତି, ଆମେ ନକ୍ସଲ ମୂଳପୋଛ ଉଦ୍ୟମ ଆହୁରି ଆଗକୁ ନେବୁ। ଯେଉଁ ଜିଲ୍ଲାରେ ସମସ୍ୟା ଅଛି ସେ ଜିଲ୍ଲାଗୁଡ଼ିକ ବିଷୟରେ ଆଲୋଚନା ହୋଇଛି ଓ ଖବର ନିଆଯାଇଛି। ସେସବୁ ସମସ୍ୟା ସମାଧାନ ହେବ। ଆଗାମୀ ଦିନରେ ନକ୍ସଲ ଅପରେସନ ଜୋରଦାର କରାଯିବ। ଆଶା କରୁଛୁ ସଫଳତା ମିଳିବ ବୋଲି ଖୁରାନିଆ କହିଛନ୍ତି।

## କାର୍ଯ୍ୟକର୍ତ୍ତା....

ଏକ କୋଟି ଲୋକଙ୍କୁ ଯୋଡିବାକୁ ହେବ। ଆମ ସରକାର ଯାହା କରିଛନ୍ତି ତାକୁ ନେଇ ଲୋକଙ୍କ ପାଖକୁ ଯାଆନ୍ତୁ। କେନ୍ଦ୍ର ସରକାରଙ୍କ ଉପଲବ୍ଧି ପହଞ୍ଚାଅ। କେନ୍ଦ୍ରର ବିକାଶ ଗାଡିରେ ଓଡିଶା ଏକ ନମ୍ବର ଇଂଜିନ ହେବ। ପୂର୍ବୋଦୟ ବିକାଶ ଓଡିଶାରୁ ଆରମ୍ଭ ହେବ।

## ଉପଜିଲ୍ଲାପାଳ...

ଆକାଭରମ ସାସ୍ୟା ରେଡ୍ଡୀଙ୍କୁ ଜୟପୁର ଉପଜିଲ୍ଲାପାଳ, ସମୀର କୁମାର ଜେନାଙ୍କୁ ତାଳଚେର ଉପଜିଲ୍ଲାପାଳ ଓ ସୌମ୍ୟରଞ୍ଜନ ପ୍ରଧାନଙ୍କୁ ରାଇରଙ୍ଗପୁର ଉପଜିଲ୍ଲାପାଳ ଭାବେ ଅବସ୍ଥାପିତ କରାଯାଇଛି । ଏହି ସମସ୍ତ ଆଇଏଏସ୍ ଅଫିସର ଉପଖଣ୍ଡ ମାଜିଷ୍ଟ୍ରେଟ୍ ଭାବେ ଭାରତୀୟ ନାଗରିକ ସଂହିତା-୨୦୨୩ର ଧାରା ୧୪(୪) ରେ ପ୍ରଦତ୍ତ କ୍ଷମତାକୁ ଉପଯୋଗ କରିପାରିବେ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି ।

## ଜାରି...

ସେହିଭଳି ଭାଜପା ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ପ୍ରଶ୍ନରେ ମନ୍ତ୍ରୀ ରବି ନାଏକ କହିଛନ୍ତି ଯେ 'ଆମ ଓଡିଶା ନବୀନ ଓଡିଶା' ଅର୍ଥ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ, ଗାଁ ଗହଳିରେ ଅର୍ପଣ ଚାଉଳ ସଂଗ୍ରହ ପାଇଁ ସଙ୍କୀର୍ତ୍ତନ ଓ କ୍ରୀଡା ବିକାଶ ପାଇଁ ଖର୍ଚ୍ଚ କରାଯାଇଛି। ସେ ବାବଦରେ ଆମେ ତର୍ଜମା କରୁଛୁ। କାମ କରିଥିବା ସଂସ୍ଥାକୁ ଟଙ୍କା ନିଶ୍ଚିତ ଦିଆଯିବ। ଏହାବ୍ୟତୀତ ମନରେଗାରେ ବ୍ୟାପକ ବାଟମାରଣା ହେଉଛି। ବଡ଼ ବଡ଼ ଲୋକଙ୍କ ନାଁରେ ଜବ୍ କାର୍ଡ ରହୁଛି। ସେମାନଙ୍କ ଆକାଉଣ୍ଟକୁ ଟଙ୍କା ଯାଉଛି। କାମ କରୁଥିବା ଲୋକ ଟଙ୍କା ପାଉ ନାହାନ୍ତି। ତେଣୁ ଆମେ ଯୋଜନା କରୁଛୁ। ଏହାକୁ ବନ୍ଦ କରି ଆଗକୁ ଓଡ଼ିଶାକୁ ଦାଦନ ମୁକ୍ତ କରିବୁ ବୋଲି ମନ୍ତ୍ରୀ କହିଛନ୍ତି।

## ବାସନ୍ତୀଙ୍କୁ...

ବାସନ୍ତୀ ଜଣେ ଶାରୀରିକ ବିକଳାଙ୍ଗ ତାଙ୍କର କାନକୁ ନା ଶୁଭୁଛି ନା ଆଖିକୁ ଦେଖାଯାଉଛି ।ଫଳରେ ନିଃସଙ୍ଗ ଜୀବନ ଜିଇବା ଏକରକମ ଦୁର୍ବିସହ ହୋଇପଡିଛି। ଯିଏ ଯାହା ଖାଇବାକୁ ଦେଲା ତାକୁ ସେ ପଞ୍ଚାୟତ କାର୍ଯ୍ୟାଳୟ ଝରକା ଉପରେ ରଖୁଛନ୍ତି ।ଉଣ୍ଡାଳି ଉଣ୍ଡାଳି ଖାଦ୍ୟ ସାମଗ୍ରୀ ଆଣି ଖାଉଛନ୍ତି। ଝରକାର କାଛର ଚଉଡା କମ ଥିବାରୁ ଓ ତାଙ୍କୁ ଦେଖା ଯାଉନଥିବାରୁ ଖାଦ୍ୟ ତଳେ ପଡିଯାଉଛି। ଏମିତି ଦୟନୀୟ ଅବସ୍ଥାରେ ବିତୁଛି ବାସନ୍ତୀଙ୍କ ଜୀବନ ।ସରକାରଙ୍କ ତରଫରୁ ମାସରେ ମିଳୁଥିବା ପାଞ୍ଚକିଲୋ ଚାଉଳ ଓ ପାଞ୍ଚସହ ଟଙ୍କା ଭତ୍ତାରେ କଷ୍ଟେମଷ୍ଟେ ଚଳି ଯାଉଛନ୍ତି ବାସନ୍ତୀ। ହେଲେ ଝଡି ବର୍ଷାରେ ବାସନ୍ତୀଙ୍କ ରାତି ବିତେ ସୋସାଇଟି ବାରଣ୍ଡା ।ଏତିକିରେ ସରୁ ନାହିଁ ବାସନ୍ତୀଙ୍କ ଦୁଃଖ। ରାତିରେ ଶୋଇଲା ବେଳେ ଅନ୍ଧାର ରାତିରେ ବୁଲା କୁକୁର, ସାପ ଓ ପୋକ ଜୋକ ଯୋଗୁ ଦୁଃଖ ଯନ୍ତ୍ରଣାକୁ ଦୁଇଗୁଣିତ କରିଛି। ପଞ୍ଚାୟତର ସରପଞ୍ଚ ପ୍ରକାଶ କୁମାର ବେହେରା ବାସନ୍ତୀଙ୍କୁ ମଧ୍ୟ କିଛି ଖାଦ୍ୟ ସାମଗ୍ରୀ ସହ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରିଛନ୍ତି ।କିନ୍ତୁ ବାସନ୍ତୀଙ୍କ ପାଇଁ ନିହାତି ଏକ ବାସ ଗୃହର ଆବଶ୍ୟକତା ରହିଛି।

ବାସନ୍ତୀଙ୍କୁ ପକ୍କା ଘର ଯୋଜନାରେ ଖଣ୍ଡେ ଘର ଯୋଗାଇଦେବାକୁ ବ୍ଲକ ପ୍ରଶାସନକୁ ଗ୍ରାମବାସୀ ବାରମ୍ବାର ଅନୁରୋଧ କଲେଣି। ହେଲେ ବ୍ଲକବାଲା କାହିଁକି ବା ଶୁଣିବେ। ଗାଁ ଲୋକଙ୍କ କହିବା କଥା ବାସନ୍ତୀ ହାତଗୁଞ୍ଜା ଦେଇପାରୁନାହାଁନ୍ତି, ଯେଉଁଥିପାଇଁ ଘର ଖଣ୍ଡେ ପାଉନାହିଁ। ଏଠି ଥିଲାବାଲା ଘର ପାଇଛି, ହେଲେ ଯିଏ ପାଇବା କଥା ସେ ବିଜୁ ପକ୍କା ଘର ପାଇପାରୁନି।

## ଆଖିବୁଜିଲା...

ପଶୁ ଚିକିତ୍ସକ, ପ୍ରାଣୀ ସ୍ୱାସ୍ଥ୍ୟସେବୀ ଓ ସ୍ଥାନୀୟ ଗ୍ରାମବାସୀଙ୍କ ଉପସ୍ଥିତିରେ ଡେବ୍ରିଗଡ଼ ଅଭୟାରଣ୍ୟରେ 'ଖେର୍ସେଲ' ରହୁଥିବା ସ୍ଥାନରେ ମରଶରୀରକୁ ସମାଧି ଦିଆଯାଇଛି। ଏହାସହ 'ଖେର୍ସେଲ'ର ସମାଧୀସ୍ଥଳରେ ଏକ ସ୍ମୃତି ଫଳକ ଲଗାଯାଇଛି।

୧୯୯୮ରେ ବଲାଙ୍ଗୀରର ରିଜର୍ଭ ଜଙ୍ଗଲରୁ 'ଖେର୍ସେଲ'କୁ ହୀରାକୁଦ ଡେବ୍ରିଗଡ଼ ଅଭୟାରଣ୍ୟକୁ ଅଣାଯାଇଥିଲା। 'ଖେର୍ସେଲ' ବଲାଙ୍ଗୀର ଜିଲାର ବିଭିନ୍ନ ସ୍ଥାନରେ ଅନେକ ଲୋକଙ୍କୁ ମାରିଥିଲା। ଫଳରେ ବନ ବିଭାଗ ପକ୍ଷରୁ ତାକୁ କିଛିଦିନ ସଙ୍ଗରୋଧରେ ରଖାଯାଇଥିଲା। ଶାନ୍ତ ହେବା ପରେ ମାହୁନ୍ତ ଭୁଏଙ୍କ ତତ୍ତ୍ୱାବଧାନରେ ଜଙ୍ଗଲରେ ବିଚରଣ ପାଇଁ ଛଡ଼ା ଯାଇଥିଲା। ମାତ୍ର ତା ଉପରେ ବନ ବିଭାଗ ତୀକ୍ଷ୍ଣ ନଜର ରଖିଥିଲା। ୨୦୦୫ର ୨୦୦୯ରେ ସେ ଖସିଯିବାକୁ ଏକାଧିକବାର ବିଫଳ ଚେଷ୍ଟା କରିଥିଲା। ୨୦୧୮-୧୯ ପରେ ଅଭୟାରଣ୍ୟ ମଧ୍ୟରେ ବିଚରଣ କରୁଥିଲା।

ଗତ ୫-୬ ମାସ ହେଲା ତାର ଦୃଷ୍ଟିଶକ୍ତି କ୍ଷୀଣ ହେବାସହ ମାଂସପେଶୀରେ ଯନ୍ତ୍ରଣା ହେତୁ ଗତିବିଧି ଧୀର ହୋଇ ଯାଇଥିଲା। ଏପରିକି ଖାଇବା ଓ ଚାଲିବା ଧିର ହୋଇ ଯାଇଥିଲା। ଡେବ୍ରିଗଡ ଅଭୟାରଣ୍ୟରେ ସ୍ନାନାଦି ପାଇଁ ଜଳଭଣ୍ଡାର ନିକଟକୁ ଯିବା ପର୍ଯ୍ୟନ୍ତ 'ଖେର୍ସେଲ'ର ଗତିବିଧି ସୀମିତ ରହିଥିଲା। ମାତ୍ର ଅଗଷ୍ଟ ୨୩ରୁ ସେ ଛିଡ଼ା ହୋଇ ନ ପାରି ଶୋଇ ରହିଥିଲା। ଅଗଷ୍ଟ ୨୪ ତାରିଖରେ 'ଖେର୍ସେଲ' ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ବୁର୍ଲା ପ୍ରାଣୀ ଚିକିତ୍ସାଳୟର ଡାକ୍ତରଙ୍କ ସହ ଅନ୍ୟ ସ୍ୱାସ୍ଥ୍ୟକର୍ମୀମାନେ ଭୁବନେଶ୍ୱର ପ୍ରାଣୀ ଚିକିତ୍ସା କେନ୍ଦ୍ରର ପଶୁ ଚିକିତ୍ସିକା ଡା. ଇନ୍ଦ୍ରାଣୀ ନାଥଙ୍କ ପରାମର୍ଶ ଅନୁସାରେ ତାର ଚିକିତ୍ସା ଆରମ୍ଭ କରିଥିଲେ।

## ଖୁବ୍‌ଶୀଘ୍ର...

ଉତ୍ତର ରଖି କହିଛନ୍ତି, ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ସରପଞ୍ଚଙ୍କୁ ମୁଖ୍ୟମନ୍ତ୍ରୀ ବୋଲି କହିଥିଲେ। କୋଭିଡ୍ ସମୟରେ ନବୀନ ସରକାର ଜିଲ୍ଲାପାଳ କ୍ଷମତା ଦେଇଥିଲେ। ପରେ ନବୀନ ସରକାରରେ ସରହାର ପଞ୍ଚଙ୍କ କ୍ଷମତାକୁ କ୍ଷୁଣ୍ଣ କରିବା ସହିତ ତାହା ପ୍ରତ୍ୟାହାର କରି ନେଇଥିଲେ। ସରପଞ୍ଚଙ୍କୁ ଅଧିକାର ଦିଆ ଯାଉ ନ ଥିଲା। କିନ୍ତୁ ଏ ମୋହନ ସରକାରରେ ଲୋକ ପ୍ରତିନିଧି ହିଁ ତାଙ୍କ କ୍ଷମତାର ଅଧିକାରୀ। ଯେଉଁଥିରେ ଆଦିବାସୀ ଅଧିକ ଉପକୃତ ହେବେ।

ଖୁବ୍ ଶୀଘ୍ର ରାଜ୍ୟରେ ଆମ ସରକାର ପେଶା ଆଇନ ଲାଗୁ କରିବାକୁ ଯାଉଛନ୍ତି। ସରପଞ୍ଚଙ୍କର ଥିବା ୨୨ଟି କ୍ଷମତା ହିଁ ସେ ପ୍ରୟୋଗ କରି କାର୍ଯ୍ୟକାରୀ କରିପାରିବେ । ଏଥିସହିତ ଆଦିବାସୀଙ୍କ ବିକାଶ ପାଇଁ ଏ ସରକାର ସମର୍ପିତ । ଏନେଇ ପ୍ରତି ନିର୍ବାଚନ ମଣ୍ଡଳୀକୁ କ୍ଲଷ୍ଟର କରାଯିବ। ଯେଉଁଠି ବ୍ୟକ୍ତି ଓ ପରିବାର ବିକାଶ ପାଇଁ ଯୋଜନା ହୋଇ ତାହାକୁ କ୍ଲଷ୍ଟର ଯୋଜନା ଅନୁସାରେ ପାଳନ କରାଯିବ ।

## ହାଇକୋର୍ଟ...

କରାଇବା ପାଇଁ ଚାହୁଁଛି ହାଇକୋର୍ଟ ବେଞ୍ଚ ବର୍ତ୍ତମାନ ସରକାରଙ୍କ ବିଚାରାଧୀନ ରହିଛି।

ସୂଚନାଯୋଗ୍ୟ, ଗତକାଲି ମୁଖ୍ୟମନ୍ତ୍ରୀ କହିଥିଲେ ସୁପ୍ରିମକୋର୍ଟ ଆଧାରରେ କୌଣସି ପ୍ରସ୍ତାବ ନାହିଁ। ବିଧାୟକ କଳିକେଶ ନାରାୟଣ ସିଂଦେଓଙ୍କ ପ୍ରଶ୍ନ ପରେ ଆଜି ମୁଖ୍ୟମନ୍ତ୍ରୀ ସ୍ପଷ୍ଟୀକରଣ ଦେଇଛନ୍ତି।

## ସମସ୍ତେ...

ବିଏମ୍‌ସି ନଳାକୁ ସଂଯୁକ୍ତ କରାଯାଉଛି ତାହା ଖାପ୍ ଖାଉ ନାହିଁ। ଅର୍ଥାତ୍ କେଉଁଠି ପୂର୍ତ୍ତ ବିଭାଗ ନଳା ଉଚ୍ଚା ତ କେଉଁଠି ନିଚା ରହିଛି। ଏଣୁ ସବୁ ନଳାକୁ ଗୋଟିଏ ଡିଜାଇନ୍‌ରେ କରିବାକୁ ହେବ। ଅର୍ଥାତ୍ ପୂର୍ତ୍ତ ବିଭାଗ ନଳା ବିଏମ୍‌ସିକୁ ଆସିବା ପରେ ମଧ୍ୟ ଜଳବନ୍ଦୀ ସମସ୍ୟାର ସମାଧାନ ହେଉନାହିଁ। ସେହିଭଳି ଜଳସମ୍ପଦ ବିଭାଗ ଅଧୀନରେ ଗଙ୍ଗୁଆ ରହିଛି। ଚନ୍ଦକା ସଂରକ୍ଷିତ ଜଙ୍ଗଲରୁ ବାହାରିଥିବା ପ୍ରାୟ ୪୫ କିଲୋମିଟର ଲମ୍ବାର ଏହି ନାଳର ୩୨ କିଲୋମିଟର ଭୁବନେଶ୍ୱର ସହର ଭିତରେ ରହିଛି। ଏହାର ଭୂଳ ଓସାର ୮୦ରୁ ଶହେ ଫୁଟ୍ ପର୍ଯ୍ୟନ୍ତ ଥିବା ବେଳେ ସହର ଭିତରେ ଜବରଦଖଲ ଯୋଗୁ କେତେକ ଜାଗାରେ ୨୦ ଫୁଟ ପର୍ଯ୍ୟନ୍ତ ଓସାର ରହିଛି। ୪ ବର୍ଷ ତଳେ ଗଙ୍ଗୁଆର ଉଭୟ ପାର୍ଶ୍ୱରେ ସୀମା ଚିହ୍ନଟ କରିବା ସହ କାଛ ଓ କେନାଲ ରୋଡ୍ ପୁନରୁଦ୍ଧାର ପାଇଁ ଯୋଜନା କରିଥିଲା ଜଳସମ୍ପଦ ବିଭାଗ। ଯୋଜନା ଆଧାରରେ ଏହାର ସର୍ଭେ କରି ଏକ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ଜଳସମ୍ପଦ ବିଭାଗ ବିଭାଗୀୟ ମୁଖ୍ୟ ଯନ୍ତ୍ରୀ ଓ ଡ୍ରେନେଜ୍ ବିଭାଗ ମୁଖ୍ୟଯନ୍ତ୍ରୀଙ୍କୁ ଚିଠି ଲେଖିଥିଲା। ଡ୍ରେନେଜ୍ ବିଭାଗ ସର୍ଭେ କଲା ବେଳେ ଏଭଳି ତଥ୍ୟ ସାମ୍ନାକୁ ଆସିଥିଲା। ଜବରଦଖଲ ଉଚ୍ଛେଦ ଓ ଅନ୍ୟାନ୍ୟ ଭିତ୍ତିଭୂମି ପ୍ରସ୍ତୁତି ପାଇଁ ଗଙ୍ଗୁଆକୁ ବିଏମ୍‌ସିକୁ ହସ୍ତାନ୍ତର କରିବାକୁ ଉଚ୍ଚସ୍ତରୀୟ କମିଟି ନିଷ୍ପତ୍ତି ନେଇଥିଲା। କିନ୍ତୁ ବିଏମ୍‌ସି ଦାୟିତ୍ୱ ନେବାକୁ ମନା କରିଦେଲା। ଏଭଳି ଛକାପଞ୍ଝା ଏବେ ପରେ ବିଡିଏକୁ ଦାୟିତ୍ୱ ଦିଆଯାଇଛି। ବିଡିଏ ଗଙ୍ଗୁଆ ସହ ୧୦ଟି ପ୍ରାକୃତିକ ନାଳ (ବିଡିଏ ଅଞ୍ଚଳ) ର ସର୍ଭେ କରିବା ସହ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିଛି। ଏକ ଠିକା ସଂସ୍ଥା ଜରିଆରେ ସର୍ଭେ ଆରମ୍ଭ କରିଛି। ଠିକାସଂସ୍ଥାକୁ ବର୍ଷେ ସମୟ ଦିଆଯାଇଛି। ଅର୍ଥାତ୍ ୨୦୨୫ ମେ' ବେଳକୁ ଆସିବାକୁ ଥିବା ରିପୋର୍ଟ ଆଧାରରେ ବିଡିଏ ମାଷ୍ଟର ପ୍ଲାନ୍ ତିଆରି କରିବ। କିନ୍ତୁ ଗଙ୍ଗୁଆକୁ ସଂକୁଚିତ କରିଥିବା ବଡ଼ବଡ଼ିଆ ହଟିବେ ତ ?

## ଧକ୍କା...

ଦଳୀୟ କାର୍ଯ୍ୟାଳୟକୁ ଆସି ଗଣମାଧ୍ୟମକୁ ବାଇଟ୍ ଦେବା ପରେ ରାଗି ଯାଇଥିଲେ ଉପସ୍ଥିତ କିଛି ନେତ୍ରୀ ଓ ମହିଳା କର୍ମୀ। ବାରମ୍ବାର ତାଗିଦ ସତ୍ତ୍ୱେ ବନ୍ଦ ନ ହେବାରୁ ସେମାନେ ସୁନୀତିଙ୍କୁ ଧକ୍କା ଦେଇ ବାହାର କରି ଦେଇଥିଲେ।

ବିଜେପି ନେତ୍ରୀ ସୁବାସିନୀ ପୃଷ୍ଟି କହିଛନ୍ତି, ସୁନୀତି ଦଳ ବିରୋଧୀ କାର୍ଯ୍ୟ କରିଥିବାରୁ ତାଙ୍କୁ ରାଜ୍ୟ ସଭାପତି ନିଲମ୍ବନ କରିଛନ୍ତି। ନିୟମ ଅନୁସାରେ ସେ ଦଳୀୟ ଅଫିସକୁ ଆସିବା କଥା ନୁହେଁ। ନିଲମ୍ବନ ହୋଇଥିବା ସତ୍ତ୍ୱେ ଦଳୀୟ କାର୍ଯ୍ୟାଳୟକୁ ଆସି ବସିଥିଲେ। ତଥାପି ଆମେ ତାଙ୍କୁ ବିରୋଧ କରି ନ ଥିଲୁ। କିନ୍ତୁ ସେ ବାଇଟ୍ ଦେଇ ଦଳ ବିରୋଧରେ କହୁଥିଲେ। ତେଣୁ ଆମେ ବିରୋଧ କରିଥିଲୁ। ଆମେ ହାତଯୋଡ଼ି ତାଙ୍କୁ ବାଇଟ ନ ଦେବାକୁ କହିଲୁ। ବାଇଟ୍ ଦେବାର ଥିଲେ ଅଫିସ ବାହାରକୁ ଯିବାକୁ କହିଥିଲୁ। ତଥାପି ସେ ଶୁଣି ନ ଥିଲେ।

ସେ ଆହୁରି କହିଛନ୍ତି, ଆତ୍ମପକ୍ଷ ରଖିବା ପାଇଁ ଦଳୀୟ ଫୋରମ୍ ଅଛି। ତା' ମାଧ୍ୟମରେ ସେ ଅଭିଯୋଗ କରିପାରିବେ। ଆଜି ଆମର ଅଲଗା କାର୍ଯ୍ୟକ୍ରମ ଚାଲିଥିଲା। ସେ ସଂଗଠନ ମନ୍ତ୍ରୀଙ୍କୁ ଭେଟିବାକୁ ଆସିଥିଲେ ବୋଲି କହୁଥିଲେ। ଆମେ କହିଥିଲୁ ସଂଗଠନ ମନ୍ତ୍ରୀ ବ୍ୟସ୍ତ ଅଛନ୍ତି। ପରେ ଭେଟିବେ। ଏସବୁ କହିବା ପରେ ବି ସେ କିଛି ଶୁଣି ନ ଥିଲେ।ଅନ୍ୟପକ୍ଷରେ ସୁନୀତି ମୁଣ୍ଡ କହିଛନ୍ତି ଯେ ସେ କିଛି ଭୁଲ୍ କରି ନାହାନ୍ତି। ତାଙ୍କ ନାଁରେ ଯେଉଁ ଅଭିଯୋଗ ଆସିଛି ତାହା ମିଛ। ସେଥିରେ କୌଣସି ସତ୍ୟତା ନାହିଁ। ସେ ବିଜେପି ପରିବାରରେ ଅଛନ୍ତି।

ଉଲ୍ଲେଖଯୋଗ୍ୟ, ଭଣ୍ଡାରୀପୋଖରୀର ବିଧାୟକ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ସୁଧାଂଶୁ ଶେଖର ନାୟକ ସୁନୀତିଙ୍କ ନାଁରେ ଥାନାରେ ଠକେଇ ଅଭିଯୋଗ କରିବା ପରେ ଦଳ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହୋଇଥିବା ଚର୍ଚ୍ଚା ହେଉଛି।

### ପ୍ୟାରିସ୍‌ପାରାଲିମ୍ପିକ୍ସ ୨୦୨୪

# ୫୦ ମିଟର ରାଇଫଲ୍ ଫାଇନାଲ୍‌ରେ ଅବନୀ



ପ୍ୟାରିସ୍, ୩।୯: ଭାରତୀୟ ପାରା ସୁଟର୍ ଅବନୀ ଲେଖରା ପ୍ୟାରିସ୍ ପାରାଲିମ୍ପିକ୍ସରେ ମଙ୍ଗଳବାର ଷଷ୍ଠ ଦିବସରେ ମହିଳା ୫୦ ମିଟର ରାଇଫଲ୍ ୩ ପୋଜିସନ୍ ଏସ୍‌ଏଚ୍‌୧ ଇଭେଣ୍ଟର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। କ୍ୱାଲିଫିକେସନ୍ ରାଉଣ୍ଡରେ ସେ ସପ୍ତମ ସ୍ଥାନରେ ରହିଥିଲେ। ଏହି ଇଭେଣ୍ଟରେ ଅନ୍ୟତମ ଭାରତୀୟ ମୋନା ଅଗ୍ରୱାଲ୍ ଫାଇନାଲ୍ ପାଇଁ ଯୋଗ୍ୟତା ହାସଲ କରିପାରି ନାହାନ୍ତି। ସେ ୧୩ତମ ସ୍ଥାନରେ ରହିଥିଲେ। ମହିଳା ୫୦ ମିଟର ରାଇଫଲ୍ ୩ ପୋଜିସନ୍ ଏସ୍‌ଏଚ୍‌୧ ଇଭେଣ୍ଟର କ୍ୱାଲିଫିକେସନ୍‌ରେ ଅବନୀ ତିନି ପର୍ଯ୍ୟାୟରୁ ମୋଟ୍ ୧୧୫୯ ସ୍କୋର୍ କରିଥିଲେ। ମୋନା ୧୧୪୭ ସ୍କୋର୍ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ମହିଳା ୧୦ମି. ଏୟାର୍ ରାଇଫଲ୍ (ଏସ୍‌ଏଚ୍‌୧) ଇଭେଣ୍ଟରେ ଅବନୀ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ମୋନା କାଂସ୍ୟ ପଦକ ଜିତିଥିଲେ।

### ତୀରନ୍ଦାଜୀ ରିକର୍ଭ କ୍ୱାର୍ଟର୍‌ରେ ପୂଜା

ଭାରତର ପୂଜା ମହିଳା ତୀରନ୍ଦାଜୀ ବ୍ୟକ୍ତିଗତ ରିକର୍ଭ ଇଭେଣ୍ଟର କ୍ୱାର୍ଟର୍-ଫାଇନାଲ୍‌ରେ ସ୍ଥାନ ପାଇଛନ୍ତି। ସେ ପ୍ରି-କ୍ୱାର୍ଟର୍‌ରେ ତୁର୍କୀର ୟାଗମୁର ସେଗୁଲ୍‌ଙ୍କୁ ୬-୦ରେ ହରାଇଥିଲେ। କ୍ୱାର୍ଟର୍-ଫାଇନାଲ୍‌ରେ ସେ ଚୀନ୍‌ର ଚୁନୟାନଙ୍କୁ ଭେଟିବେ।

### ସଟ୍ ପୁଟ୍‌ରେ ଭାଗ୍ୟଶ୍ରୀଙ୍କୁ ପଞ୍ଚମ ସ୍ଥାନ

ଭାରତର ଭାଗ୍ୟଶ୍ରୀ ଜାଧବ ମହିଳା ସଟ୍ ପୁଟ୍ ଏଫ୍ ୩୪ ଇଭେଣ୍ଟରେ ପଞ୍ଚମ ସ୍ଥାନ ହାସଲ କରିଛନ୍ତି। ୭.୨୮ ମିଟର ଥ୍ରୋ' ସହ ନିଜର ସର୍ବଶ୍ରେଷ୍ଠ ପ୍ରୟାସ କରିବା ସତ୍ତ୍ୱେ ସେ ପଦକରୁ ବଞ୍ଚିତ ହୋଇଥିଲେ। 39ବର୍ଷୀୟା ଭାଗ୍ୟଶ୍ରୀ ଦ୍ୱିତୀୟ ଥର ପାରାଲିମ୍ପିକ୍ସରେ ଭାଗ ନେଇଛନ୍ତି। ଚୀନ୍‌ର ଲିଜୁଆନ୍ ଜୋଉ (୯.୧୪ମି.) ସ୍ୱର୍ଣ୍ଣ ପଦକ ଜିତିଥିଲେ।

### ପଞ୍ଚମ ଦିନ ଭାରତକୁ ଆଠ ପଦକ

ପ୍ୟାରିସ୍ ପାରାଲିମ୍ପିକ୍ସରେ ଭାରତ ଏ ଯାବତ ତିନି ସ୍ୱର୍ଣ୍ଣ, ପାଞ୍ଚ ରୌପ୍ୟ ଓ ସାତ କାଂସ୍ୟ ପଦକ ଜିତିଛି। ସୋମବାର ପଞ୍ଚମ ଦିନ ଭାରତକୁ ଆଠ ପଦକ ମିଳିଥିଲା, ଯେଉଁଥିରେ ଦୁଇ ସ୍ୱର୍ଣ୍ଣ ଥିଲା। ନୀତେଶ କୁମାର ବ୍ୟାଡ୍‌ମିଣ୍ଟନର ପୁରୁଷ ଏକକ ଏସ୍‌ଏଲ୍‌3 ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହାପରେ ସୁମିତ ଅନ୍ତିଲ ପୁରୁଷ ଜାଭଲିନ୍ ଥ୍ରୋ'ର ଏଫ୍‌୬୪ ଇଭେଣ୍ଟରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ସେ ଟୋକିଓରେ ବି ସ୍ୱର୍ଣ୍ଣ ଜିତିଥିଲେ। ସେ ଏଥର ୭୦.୫୯ମି. ଥ୍ରୋ' କରି ନିଜ ରେକର୍ଡକୁ ଭାଙ୍ଗିଥିଲେ। ଯୋଗେଶ କଥୁନିଆ ପୁରୁଷ ଡିସ୍କସ୍ ଥ୍ରୋ' ଏଫ୍-୫୬ ଇଭେଣ୍ଟରେ ରୌପ୍ୟ ପଦକ ପାଇଥିଲେ। ବ୍ୟାଡ୍‌ମିଣ୍ଟନରେ ସୁହାସ ଯତିରାଜ ପୁରୁଷ ଏକକ ଏସ୍‌ଏଲ୍‌୪ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଥିବା ବେଳେ ତୁଳସୀମତି ମୁରୁଗେସନ୍ ମହିଳା ଏକକ ଏସ୍‌ୟୁ5 ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିଲେ। ରାକେଶ କୁମାର ଓ ଶୀତଳ ଦେବୀ ତୀରନ୍ଦାଜୀର ମିଶ୍ରିତ ଯୁଗଳରେ କାଂସ୍ୟ ପଦକ ଜିତିଥିଲେ। ମହିଳା ଏକକ ବ୍ୟାଡ୍‌ମିଣ୍ଟନରେ ମନୀଷା ରାମଦାସ ଏସ୍‌ୟୁ5 ଓ ସୁମତି ସିବନ୍ ନିତ୍ୟା ଶ୍ରୀ ମହିଳା ଏସ୍‌ଏଚ୍‌6 ଇଭେଣ୍ଟରେ କାଂସ୍ୟ ପଦକ ପାଇଥିଲେ।



### ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ୍

# ମିଶ୍ରିତ ଯୁଗଳ ସେମିରେ ବୋପନ୍ନା-ସୁଜିଆଦି

ନ୍ୟୁୟର୍କ, ୩।୯: ଭାରତୀୟ ଭେଟେରାନ୍ ରୋହନ ବୋପନ୍ନା ଓ ତାଙ୍କ ଇଣ୍ଡୋନେସୀୟ ଯୋଡ଼ିଦାର ଅଲ୍ଦିଲା ସୁଜିଆଦି ଅଷ୍ଟ୍ରେଲିଆର ମାଥ୍ୟୁ ଏବଡେନ୍ ଓ ଚେକ୍ ଗଣତନ୍ତ୍ରର ବାର୍ବୋରା କ୍ରେଜ୍‌ସିକୋଭାଙ୍କ ଯୋଡ଼ି ବିପକ୍ଷରେ କଷ୍ଟସାଧ୍ୟ ବିଜୟ ସହ ୟୁଏସ୍ ଓପନ୍ ମିଶ୍ରିତ ଯୁଗଳର ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି।

ଅଷ୍ଟମ ସିଡ୍ ଭାରତୀୟ-ଇଣ୍ଡୋନେସୀୟ ଯୋଡ଼ି କ୍ୱାର୍ଟର୍-ଫାଇନାଲ୍‌ର ଚତୁର୍ଥ ସିଡ୍ ଯୋଡ଼ିକୁ ୭-୬ (୪), ୨-୬, ୧୦-୭ରେ ମାତ୍ ଦେଇଥିଲେ। ଏହି ମ୍ୟାଚ୍ ଏକ ଘଣ୍ଟା ୩୩ ମିନିଟ୍ ଧରି ଚାଲିଥିଲା। ବୋପନ୍ନା ଓ ସୁଜିଆଦି ପରବର୍ତ୍ତୀ ରାଉଣ୍ଡରେ ଆମେରିକୀୟ ଯୋଡ଼ି ଡୋନାଲ୍ଡ ୟଙ୍ଗ୍ ଓ ଟେଲର୍ ଟାଉନ୍‌ସେଣ୍ଡଙ୍କୁ ଭେଟିବେ।

ପ୍ରଥମ ସେଟ୍ ଟାଇବ୍ରେକର୍ ପର୍ଯ୍ୟନ୍ତ ଯାଇଥିଲା ଏବଂ ବୋନ୍ନା-ସୁଜିଆଦି ସେଟ୍ ଜିତିଥିଲେ। ତେବେ ଦ୍ୱିତୀୟ ସେଟ୍‌ରେ ଏବଡେନ୍-କ୍ରେଜ୍‌ସିକୋଭା ଜୋର୍ଦାର ପ୍ରତ୍ୟାବର୍ତ୍ତନ କରି ମୁକାବିଲାକୁ ସମାନ ସ୍ଥିତିକୁ ଆଣିଥିଲେ। କିନ୍ତୁ ତୃତୀୟ ସେଟ୍‌ରେ ଅଷ୍ଟମ ସିଡ୍ ଯୋଡ଼ି ପୁଣି ଲୟକୁ ଫେରିଥିଲା ଏବଂ ସେଟ୍ ଜିତିବାରେ କୌଣସି ତ୍ରୁଟି କରି ନ ଥିଲା।

୪୪ବର୍ଷୀୟ ବୋପନ୍ନା ଏହା ପୂର୍ବରୁ ପୁରୁଷ ଯୁଗଳରୁ ବିଦାୟ ନେଇଥିଲେ। ସେ ଓ ତାଙ୍କ ଯୋଡ଼ିଦାର ଏବଡେନ୍‌ଙ୍କୁ ଦ୍ୱିତୀୟ ସିଡ୍ ଦିଆଯାଇଥିଲା, ହେଲେ ସେମାନେ ତୃତୀୟ ରାଉଣ୍ଡରେ ନିଜଠାରୁ ନିମ୍ନ ମାନ୍ୟତାଧାରୀ ୧୮ତମ ସିଡ୍ ଆର୍ଜେଣ୍ଟିନାର ମାକ୍ସିମୋ ଗୋଞ୍ଜାଲେଜ୍ ଓ ଆନ୍ଦ୍ରେସ୍ ମୋଲତାନୀଙ୍କୁଠାରୁ ହାରିଯାଇଥିଲେ।

### ଦ୍ୱିତୀୟ ମ୍ୟାଚ୍‌ରେ ବି ହାରିଲା ପାକିସ୍ତାନ

# ବାଂଲାଦେଶର ଐତିହାସିକ ଟେଷ୍ଟ ଶୃଙ୍ଖଳା ବିଜୟ




ରାୱଲପିଣ୍ଡି, ୩।୯: ବାଂଲାଦେଶ ପ୍ରଥମ ଥର ପାକିସ୍ତାନ ବିପକ୍ଷରେ ଟେଷ୍ଟ ଶୃଙ୍ଖଳା ଜିତିଛି। ମଙ୍ଗଳବାର ବାଂଲାଦେଶୀ ଟିମ୍ ଦ୍ୱିତୀୟ ଟେଷ୍ଟରେ ପାକିସ୍ତାନକୁ ୬ ୱିକେଟ୍‌ରେ ମାତ୍ ଦେଇ ୨-୦ରେ ଶୃଙ୍ଖଳା ମୁଳପୋଛ କରିଛି।

ଏହା ପୂର୍ବରୁ ନଜମୁଲ୍ ହୁସେନ୍ ଶାନ୍ତୋଙ୍କ ଟିମ୍ ପ୍ରଥମ ଟେଷ୍ଟରେ ମଧ୍ୟ ପାକିସ୍ତାନ ବିପକ୍ଷରେ ୧୦ ୱିକେଟ୍‌ରେ ବିଜୟ ହାସଲ କରିଥିଲା। ଅତୀତରେ ଉଭୟ ଟିମ୍ ମଧ୍ୟରେ ପାଞ୍ଚ ଥର ଟେଷ୍ଟ ଶୃଙ୍ଖଳା ଖେଳାଯାଇଥିଲା ଏବଂ ପାକିସ୍ତାନ ସବୁ ଶୃଙ୍ଖଳା ଜିତିଥିଲା।

ଆୟୋଜକ ଟିମ୍ ସୋମବାର ଦ୍ୱିତୀୟ ଇନିଂସ୍‌ରେ ୧୭୨ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଏହା ଫଳରେ ଭ୍ରମଣକାରୀ ଟିମ୍‌କୁ ୧୮୫ ରନ୍‌ର ବିଜୟଲକ୍ଷ୍ୟ ମିଳିଥିଲା। ବାଂଲାଦେଶୀ ଟିମ୍ ଆଜି ୪୨/୦ ସ୍କୋର୍‌ରୁ ଅସମାପ୍ତ ଦ୍ୱିତୀୟ ଇନିଂସ୍ ଖେଳି ୪ ୱିକେଟ୍ ହରାଇ ୧୮୫ ରନ୍ କରିଥିଲା। ଜାକିର ହସନ୍ ୪୦, ନଜମୁଲ୍ ୩୮, ମୋମିନୁଲ୍ ହକ୍ ୩୪ ଓ ଶାଦମାନ ଇସ୍‌ଲାମ ୨୪ ରନ୍‌ର ଇନିଂସ୍ ଖେଳିଥିଲେ।

ପ୍ରଥମ ଦିନ ବର୍ଷା ଯୋଗୁଁ ଖେଳ ସମ୍ଭବପର ହୋଇ ନ ଥିଲା। ଦ୍ୱିତୀୟ ଦିନ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପାକ୍ ଟିମ୍ ୨୭୪ ରନ୍ ସଂଗ୍ରହ କରିଥିଲା। ଟିମ୍ ପକ୍ଷରୁ ସଇମ ଆୟୁବ (58), ଅଧିନାୟକ ଶାନ୍ ମସୁଦ (୫୭) ଓ ଆଗା ସଲମାନ (୫୪) ଅର୍ଦ୍ଧଶତକୀୟ ଇନିଂସ୍ ଖେଳିଥିଲେ। ବାଂଲାଦେଶର ସ୍ପିନର୍ ମେହଦୀ ହସନ୍ ସିରାଜ ୫ ୱିକେଟ୍ ନେଇଥିଲେ।

ଜବାବରେ ବାଂଲାଦେଶୀ ଟିମ୍ ୨୬୨ ରନ୍‌ରେ ସୀମିତ ରହିଥିଲା। ଟିମ୍ ଗୋଟିଏ ସମୟରେ ୨୬ ରନ୍‌ରେ ୬ ୱିକେଟ୍ ହରାଇଥିଲା। ଏଠାରୁ ଲିଟନ୍ ଦାସ ଓ ମେହଦୀ ହସନ୍ ୧୬୫ ରନ୍‌ର ଭାଗୀଦାରୀ କରି ସ୍କୋର୍‌କୁ ୧୯୦ ଯାଏଁ ପହଞ୍ଚାଇଥିଲେ। ଲିଟନ୍ ୧୩୮ ଓ ମେହଦୀ ହସନ୍ ୭୮ ରନ୍‌ର ଇନିଂସ୍ ଖେଳିଥିଲେ। ପାକିସ୍ତାନ ପକ୍ଷରୁ ଖୁରମ୍ ଶହଶାଦ 6 ୱିକେଟ୍ ନେଇଥିଲେ।

ନ୍ୟୁୟର୍କ, ୩।୯: ରୁଷିଆର ଡାନିଏଲ୍ ମେଦଭେଦେଭ୍, ଇଟାଲୀର ଜାନ୍ନିକ ସିନର୍ ଓ ପୋଲାଣ୍ଡର ଇଗା ସ୍ୱିଆତେକ୍ ୟୁଏସ୍ ଓପନ୍‌ରେ ନିଜ ନିଜ ଏକକ ବର୍ଗରେ କ୍ୱାର୍ଟର୍-ଫାଇନାଲ୍‌କୁ ଉନ୍ନୀତ ହୋଇଛନ୍ତି।

ରୁଷ ଏକକ ଚତୁର୍ଥ ରାଉଣ୍ଡରେ ୨୦୨୧ ଚାମ୍ପିଅନ୍ ମେଦଭେଦେଭ୍ ପର୍ତ୍ତୁଗାଲ୍‌ର ନୁନୋ ବୋର୍ଗେସ୍‌ଙ୍କୁ ୬-୦, ୬-୧, ୬-୩ ସେଟ୍‌ରେ ପରାସ୍ତ କରିଥିଲେ। ଏହା ଫଳରେ ବୋର୍ଗେସ୍‌ଙ୍କ ପ୍ରଥମ ପର୍ତ୍ତୁଗୀଜ୍ ଭାବେ କୌଣସି ଗ୍ରାଣ୍ଡସ୍ଲାମ୍ କ୍ୱାର୍ଟର୍‌ରେ ପହଞ୍ଚିବାର ଆଶା ଧୂଳିସାତ୍ ହୋଇଛି। ଅନ୍ୟ ଏକ ମ୍ୟାଚ୍‌ରେ ଟପ୍ ସିଡ୍ ତଥା ଅଷ୍ଟ୍ରେଲିଆନ୍ ଓପନ୍ ଚାମ୍ପିଅନ୍ ସିନର୍ ପ୍ରି-କ୍ୱାର୍ଟର୍‌ରେ ୧୪ତମ ସିଡ୍ ଆମେରିକାର ଟମି ପଲ୍‌ଙ୍କୁ ୭-୬ (୩), ୭-୬ (୫), ୬-୧ରେ ହରାଇଥିଲେ।

କ୍ୱାର୍ଟର୍‌ରେ ମେଦଭେଦେଭ୍ ଓ ସିନର୍‌ଙ୍କ ମଧ୍ୟରେ ମୁକାବିଲା ହେବ, ଯେଉଁଥିରେ ଉଭୟ ଖେଳାଳି ଟେନିସ୍ ଆଇକନ୍ ନୋଭାକ୍ ଜୋକୋଭିଚ୍ ଓ ପ୍ରତିଭାଶାଳୀ କାର୍ଲୋସ୍ ଅଲ୍‌କାରାଜ୍‌ଙ୍କ ବିଦାୟ ପରେ ସୃଷ୍ଟ ଶୂନ୍ୟ ସ୍ଥାନ ପୂରଣ କରିବା ଉପରେ ଧ୍ୟାନକେନ୍ଦ୍ରିତ କରିବେ। ମହିଳା ଏକକ ଚତୁର୍ଥ ରାଉଣ୍ଡରେ ବିଶ୍ୱର ଏକ ନମ୍ବର ଖେଳାଳି ତଥା ଫ୍ରେଞ୍ଚ ଓପନ୍ ବିଜୟିନୀ ସ୍ୱିଆତେକ ରୁଷିଆର ଲୁଡ୍‌ମିଲା ସାମ୍‌ସୋନୋଭାଙ୍କୁ ୬-୪, ୬-୧ରେ ହରାଇଥିଲେ। ସେ କ୍ୱାର୍ଟର୍‌ରେ ଆମେରିକାର ଜେସିକା ପେଗୁଲାଙ୍କୁ ଭେଟିବେ।



### ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ୍

# କ୍ୱାର୍ଟର୍‌ରେ ସିନର୍, ମେଦଭେଦେଭ୍ ଓ ସ୍ୱିଆତେକ୍

# ଲର୍ଡସରେ ହେବ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲ

ନୂଆଦିଲ୍ଲୀ, ୩।୯: ବିଶ୍ୱ ଟେଷ୍ଟ ଚାମ୍ପିୟନଶିପର ଫାଇନାଲ ମ୍ୟାଚ୍ ପାଇଁ ଆଜି ଭେନ୍ୟୁ ଘୋଷଣା କରିଛି ଆଇସିସି। ଡବ୍ଲ୍ୟୁଟିସିର ତୃତୀୟ ସଂସ୍କରଣର ଫାଇନାଲ ଇଂଲଣ୍ଡର ଐତିହାସିକ ଲର୍ଡସରେ ଖେଳାଯିବ। ଫାଇନାଲ ମ୍ୟାଚ୍‌ଟି ଆସନ୍ତା ବର୍ଷ ଜୁନ ୧୧ରୁ ୧୫ ଯାଏ ଚାଲିବ। ଫାଇନାଲ ପାଇଁ ୧୬ ଜୁନକୁ ସଂରକ୍ଷିତ ଦିବସ ଭାବେ ରଖାଯାଇଛି।



ଆଇସିସି ପକ୍ଷରୁ କୁହାଯାଇଛି ଯେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲ ଖୁବଶୀଘ୍ର କ୍ରିକେଟିଂ କ୍ୟାଲେଣ୍ଡରର ବହୁପ୍ରତିକ୍ଷୀତ ଇଭେଣ୍ଟରେ ପରିଣତ ହୋଇଯାଇଛି। ଆମେ ଆଜି ୨୦୨୪ ସଂସ୍କରଣର ଫାଇନାଲ ତାରିଖ ଘୋଷଣା କରୁଛୁ। ଜୁନ ୧୧ରୁ ୧୫ ଯାଏ ଫାଇନାଲ ଲର୍ଡସ ଖେଳାଯିବ ବୋଲି ଆଇସିସି ବିବୃତିରେ କୁହାଯାଇଛି। ପ୍ରଥମଥର ପାଇଁ ଐତିହାସିକ ଲର୍ଡସରେ ଡବ୍ଲ୍ୟୁଟିସି ଫାଇନାଲ ଖେଳ ହେବାକୁ ଯାଉଛି। ୨୦୨୧ରେ ସାଉଥାମ୍ପଟନ ଓ ୨୦୨୩ରେ ଓଭାଲରେ ଫାଇନାଲ ଖେଳାଯାଇଥିଲା। ଉଭୟ ଫାଇନାଲରେ ଭାରତୀୟ ଟିମ ନଜର ଆସିଥିଲା। କିନ୍ତୁ ୨୦୨୧ରେ ଦଳକୁ ନ୍ୟୁଜିଲ୍ୟାଣ୍ଡ ଠାରୁ ଓ ୨୦୨୩ରେ ଦଳ ଅଷ୍ଟ୍ରେଲିଆ ଠାରୁ ଫାଇନାଲରେ ହାରିବାକୁ ପଡ଼ିଥିଲା। ୨୦୨୫ ସଂସ୍କରଣର ଫାଇନାଲରେ ମଧ୍ୟ ରୋହିତ ଶର୍ମାଙ୍କ ଟିମ ଇଣ୍ଡିଆ ନଜର ଆସିବାର ଯଥେଷ୍ଟ ସମ୍ଭାବନା ରହିଛି। ଭାରତ ଏବେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ପଏଣ୍ଟ ଟେବୁଲର ପ୍ରଥମ ସ୍ଥାନରେ ରହିଛି। ଦ୍ୱିତୀୟ ସ୍ଥାନରେ ଅଷ୍ଟ୍ରେଲିଆ ରହିଥିବା ବେଳେ ଦୁଇ ଦଳ ଚଳିତ ବର୍ଷ ଶେଷ ଭାଗରେ ୫ଟିକିଆ ଟେଷ୍ଟ ସିରିଜ ଖେଳିବେ। ଏହି ସିରିଜ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ହେବ। ପଏଣ୍ଟ ଟେବୁଲର ତୃତୀୟ ସ୍ଥାନରେ ନ୍ୟୁଜିଲ୍ୟାଣ୍ଡ, ୪ର୍ଥରେ ଇଂଲଣ୍ଡ, ୫ମରେ ଶ୍ରୀଲଙ୍କା, ୬ଷ୍ଠରେ ଦକ୍ଷିଣ ଆଫ୍ରିକା ଓ ୭ମରେ ବାଂଲାଦେଶ ରହିଛି। ବାଂଲାଦେଶ ଠାରୁ ୦-୨ରେ ହାରିବା ପରେ ପାକିସ୍ତାନ ୮ମ ସ୍ଥାନକୁ ଖସି ଯାଇଛି।

## ଛାତିଥରା ଦୁର୍ଘଟଣା

# ହୋମଗାର୍ଡ ମୃତ, ଆଇଆଇସି ଗୁରୁତର



ଉଦଳା ,୯।୩ (ସଂଚାର ବ୍ୟୁରୋ): କିଏ ଜାଣିଥିଲା ଏମିତି ହେବ ବୋଲି। ସବୁଦିନ ପରି ସମସ୍ତେ ନିଜ କାର୍ଯ୍ୟସ୍ଥଳୀରେ କରୁଥିଲେ ନିଜ କାମ ସମ୍ପାଦନ। ହେଲେ କିଏ ଜାଣିଥିଲା ରୋଗୀଙ୍କ ଜୀବନ ବଞ୍ଚାଇବା କାମ କରୁଥିବା ଆମ୍ବୁଲାନ୍ସ ଜୀବନ ନେଇଯିବ। ଏକ ଛାତିଥରା ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ ଗୁରୁତର ହୋଇଛନ୍ତି। ପୋଲିସ ଗାଡି କୁ ଧକ୍କା ଦେଇଛି ୧୦୮ ଆମ୍ବୁଲାନ୍ସ।ରାତିରେ ପୋଲିସ ଗାଡ଼ିରେ ପେଟ୍ରୋଲିଙ୍ଗ କରୁଥିଲେ ଉଦଳା ଥାନା ଆଇଆଇସି ବନମାଳୀ ବାରିକଙ୍କ ସହିତ ଗାଡିର ଡ୍ରାଇଭର ସଦାନନ୍ଦ ସିଂ ଓ ହୋମଗାର୍ଡ ଲକ୍ଷ୍ମୀଧର ମହାନ୍ତ। ଉଦଳା ପେଟ୍ରୋଲ ପମ୍ପ ନିକଟରେ ମଧ୍ୟରାତ୍ରରେ ପୋଲିସ ଗାଡି ଚେକିଂ କରିବାକୁ ଛିଡା ହୋଇଥିବା ବେଳେ ବାରିପଦାରୁ ରୋଗୀଙ୍କୁ ଛାଡି କପ୍ତିପଦା କୁ ଫେରୁଥିବା ୧୦୮ ଆମ୍ବୁଲାନ୍ସ ଦ୍ରୁତ ଗତିରେ ଆସି ପୋଲିସ ଗାଡିକୁ ସାମ୍ନାରୁ ଧକ୍କା ଦେଇଥିଲା। ଯାହାର ଛାତି ଥରା ଭିଜୁଆଲ ସିସିଟିଭିରେ କଏଦ ହୋଇଛି। ଦୁର୍ଘଟଣା ଏତେ ତୀବ୍ର ଥିଲା ଯେ ପୋଲିସ ଗାଡି ୩ ରାଉଣ୍ଡ ଓଲଟି ପଡିଥିଲା। ଏବଂ ଏହି ଦୁର୍ଘଟଣା ରେ ପୋଲିସ ଗାଡ଼ିରେ ଥିବା ହୋମଗାର୍ଡ ଲକ୍ଷ୍ମୀଧର ମହାନ୍ତ ଗାଡି ତଳେ ଚାପି ହୋଇ ମୃତ୍ୟୁବରଣ କରିଥିଲେ। ଏହା ସହିତ ଆଇଆଇସି ବନମାଳୀ ବାରିକ ଏବଂ ଡ୍ରାଇଭର ସଦାନନ୍ଦ ସିଂ ଗୁରୁତର ହୋଇଥିଲେ। କେବଳ ସେତିକି ନୁହେଁ ଆମ୍ବୁଲାନ୍ସରେ ଥିବା ଗାଡିର ହେଲ୍ପର, ଫାର୍ମାସିଷ୍ଟ ଗୁରୁତର ହୋଇଥିବା ବେଳେ ଡ୍ରାଇଭର ଆହତ ହୋଇଥିଲେ। ସମସ୍ତଙ୍କୁ ଚିକିତ୍ସା ନିମନ୍ତେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ଆଇଆଇସି ଏବଂ ପୋଲିସ ଡ୍ରାଇଭରଙ୍କ ଅବସ୍ଥା ଶଙ୍କଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଆମ୍ବୁଲାନ୍ସର ୩ କର୍ମଚାରୀ ବାରିପଦାରେ ଚିକିତ୍ସାଧୀନ ରହିଛନ୍ତି। ହୋମଗାର୍ଡ ଲକ୍ଷ୍ମୀଧରଙ୍କ ମୃତ୍ୟୁ ପରେ ପରିବାରକୁ କ୍ଷତିପୂରଣ ଦାବି ଜିଦିରେ ଅଡ଼ି ବସିଥିଲେ କାର୍ଯ୍ୟରତ ହୋମଗାର୍ଡ। ହୋମଗାର୍ଡ ଡିଏସପି ଘଟଣାସ୍ଥଳରେ ପହଞ୍ଚି ପରିବାରକୁ ନିୟମ ଅନୁସାରେ ୧୦ ଲକ୍ଷ ଟଙ୍କା ଦିଆଯିବାର ପ୍ରତିଶୃତି ଦେବା ପରେ ଜିଦିରୁ ଓହରି ଥିଲେ ହୋମଗାର୍ଡ। ଏହା ସହିତ ମୃତ ଦେହକୁ ବ୍ୟବଛେଦ କରାଇ ପୋଲିସ ଲକ୍ଷ୍ମୀଧରଙ୍କ ମୃତଦେହକୁ ତାଙ୍କ ଗାଁ ବଡ଼ବିଲାକୁ ନେଇ ସେଠାରେ ତାଙ୍କୁ ଗାର୍ଡ ଅଫ ଅନର ଦିଆଯାଇଥିଲା। ଅନ୍ୟପଟେ ଘରୁ ବାହାରି ଆସିଥିବା ସ୍ୱାମୀ ଆଉ ଘରକୁ ଫେରିବ ନାହିଁ ଏହା ଭାବି ଘର ଦୁଆରେ ବସି ବାହୁନି କାନ୍ଦୁଛି ସ୍ତ୍ରୀ। ସେପଟେ ଗାଁ ରେ ମୃତଦେହ ପହଂଚିବା ପରେ ଛାତି ପିଟି କାନ୍ଦୁଛନ୍ତି ପରିବାର ଓ ଆତ୍ମୀୟସ୍ୱଜନ। ତେବେ କେଉଁ କାରଣରୁ ଏଭଳି ଛାତିଥରା ଦୁର୍ଘଟଣା ଆମ୍ବୁଲାନ୍ସ ଡ୍ରାଇଭର ଘଟାଇଲେ ତାହାକୁ ନେଇ ଉଠିଛି ଅନେକ ପ୍ରଶ୍ନ। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ଖୁବଶୀଘ୍ର ପୁରା ଘଟଣାର ଖୁଲାସା ହେବ ବୋଲି ଜଣାଯାଇଛି।

# ମୋହନ କଠୋର

## ବଙ୍ଗଳାଦେଶୀଙ୍କୁ ଗୋଡାଇଲାଣି ଓଡିଆ ଭୂତ



ଭୁବନେଶ୍ୱର,୯।୩ (ସଂଚାର ବ୍ୟୁରୋ): ଓଡିଶାରେ ଥିବା ବଙ୍ଗଳଦେଶୀ ବିଶେଷକରି ଯେଉଁମାନେ ବିନା କାଗଜପତ୍ରରେ ଆସି ଲୁଚି ଛପି ରହିଛନ୍ତି ସେମାନଙ୍କୁ ଏବେ ଓଡିଆ ଭୂତ ଗୋଡାଇଲାଣି । ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ବିଧାନସଭାରେ ବଙ୍ଗଳାଦେଶୀଙ୍କୁ ଚିହ୍ନଟ କରାଯିବା ବୋଲି କହିବାପରେ ସୋମନଙ୍କ ଛାତି ଧଡ ଧଡ । ଅନେକ ଓଡଶା ଛାଡିବାକୁ ମନସ୍ଥ କରୁଥିବାବେଳେ ଆଉ କିଛି ନିଜ ଚିହ୍ନା ପରିଚୟଙ୍କ ଘରେ ମାମଲା ଥଣ୍ଡା ପଡିବା ପର୍ଯ୍ୟନ୍ତ ଛପିଯିବାକୁ ଯୋଜନା ଚଳାଇଛନ୍ତି । ବଙ୍ଗଳାଦେଶରେ ସରକାର ପରିବର୍ତ୍ତନ ଓ ଭୀଷଣ ଦଙ୍ଗା ପରେ ସାରା ଦେଶ ସହିତ ଓଡିଶାରେ ବଙ୍ଗଳଦେଶୀଙ୍କ ଉପରେ କିଛି ସ୍ଥାନରେ ଚଢଉ ହୋଇଥିଲା । ବୁଲାବିକାଳି ମାନଙ୍କୁ ଲୋକେ ସେମାନଙ୍କ ପରିଚୟ ମାଗିଥିଲେ । ଅନେକ ନିଜର ପରିଚୟ ଦେଖାଇଥିବାବେଳେ ଯେଉଁମାନଙ୍କର ପରିଚୟ ନଥିଲା ସେମାନେ ରାତାରାତି ଓଡିଶା ଛାଡି ପଳାଇଥିଲେ । ଖୋଦ୍ ରାଜଧାନୀରେ ରାତି ପାହିଲେ ମାଳ ମାଳ ହୋଇ ପୁରୁଣା ସାମଗ୍ରୀ ସଂଗ୍ରହ କରୁଥିବା ଲୋକଙ୍କୁ ଆଉ ଦେଖିବାକୁ ମିଳୁନାହିଁ । ଏମାନଙ୍କ ମଧ୍ୟରୁ ଅନେକ ବଙ୍ଗଳାଦେଶୀ ଥିଲେ ବୋଲି କୁହାଯାଉଛି ।
ତେବେ ମୁଖ୍ୟମନ୍ତ୍ରୀ ମୋହନ ମାଝି ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି ଯେ ରାଜ୍ୟରେ ରହୁଥିବା ବଙ୍ଗଳାଦେଶୀମାନଙ୍କର ଚିହ୍ନଟ ହେବ । ଚିହ୍ନଟରେ ଯେଉଁମାନେ ବିନା କାଗଜପତ୍ରରେ ଧରାପଡିବେ ସେମାନଙ୍କ ବିରୁଦ୍ଧରେ କି କାର୍ଯ୍ୟାନୁଷ୍ଠାନ ହେବ କୁହାଯାଇନଥିଲେ ମଧ୍ୟ ଅନେକ ଭୟରେ ଏବେ ଓଡିଶା ଛାଡିବାକୁ ଚିନ୍ତା କରୁଥିବା ଜଣାଯାଇଛି । ଏପରିକି ଯେଉଁମାନଙ୍କ ଭରସାରେ ସେମାନେ ଏଠାରେ ଆସି ରହିଥିଲେ ସେମାନେ ମଧ୍ୟ ନିଜ ପାଖରେ ରଖିବାକୁ ରାଜି ହେଉନାହାନ୍ତି । ଉଲ୍ଲେଖନୀୟ ଯେ ପୂର୍ବରୁ ବିଧାନସଭାରେ ଦିଆଯାଇଥିବାସୂଚନା ଅନୁଯାୟୀ ୨୦୨୧ ଶେଷ ସୁଦ୍ଧା ଓଡିଶାରେ ୩୬୪୦ଜଣ ବଙ୍ଗଳାଦେଶୀ ରହିଥିଲେ । ଏମାନଙ୍କ ମଧ୍ୟରୁ କେନ୍ଦ୍ରାପଡାରେ ସର୍ବାଧିକ ୧୬୪୯ଥିବାବେଳେ ଜଗତ୍‌ସିଂହପୁରରେ ୧୧୧୨ ଜଣ ରହିଥିଲେ । ଏହାବାଦ୍ ବାଲେଶ୍ୱର, ଭଦ୍ରକ ଆଦି ଜିଲ୍ଲାରେ ମଧ୍ୟ କିଛି ବଙ୍ଗଳାଦେଶୀ ଅଛନ୍ତି । ଏହି ତାଲିକା ବାଦ୍ ବି ରାଜ୍ୟର ବଡ ବଡ ସହରରେ ଓ ଉପକୂଳ ଜିଲ୍ଲାରେ ଅନେକ ବଙ୍ଗଳାଦେଶୀ ଅନୁପ୍ରବେଶ କରି ବିଭିନ୍ନ ବେପାରରେ ମାତିଥିବା ଅନୁମାନ କରାଯାଉଛି । ରାଜଧାନୀରେ ଏମାନଙ୍କ ସଂଖ୍ୟା ବି ଢେର ଅଧିକ ବୋଲି ଆଲୋଚନା ହେଉଛି । ତେବେ ବଙ୍ଗଳାଦେଶରେ ଗୃହଯୁଦ୍ଧ ସ୍ଥିତି ପରେ ଅନେକ ବଙ୍ଗଳାଦେଶୀ ଓଡିଶାକୁ ଜଳପଥରେ ପ୍ରବେଶ କରିଥିବା ନେଇ ସନ୍ଦେହ କରାଯାଉଛି । ଜଳପଥରେ ପାଟ୍ରୋଲିଂ ବଢିବାପରେ ସେମାନେ ସ୍ଥଳପଥରେ ବି ଆସିଥାଇ ପାରନ୍ତି ।ବଙ୍ଗଳାଦେଶୀ ଅନୁପ୍ରବେଶକାରୀଙ୍କ ସମତେ ସେମାନଙ୍କ ସାଙ୍ଗରେ ରୋହିଙ୍ଗ୍ୟାମାନେ ଭାରତରେ ପ୍ରବେଶ କରୁଥିବାରୁ କେନ୍ଦ୍ରର ବିଜେପି ସରକାର ସେମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି । କାରଣ ଏମାନେ ନିଶା କାରବାର ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଆଇନଶୃଙ୍ଖଳା ଓ ଅପରାଧିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି । ଏଭଳି ସ୍ଥିତିରେ ଓଡିଶାର ବିଜେପି ସରକାର ତାଙ୍କ ଆଭିମୁଖ୍ୟ କଠୋର କରିବା ପରେ ଏବେ ବେଆଇନ୍ ଭାବେ ଓଡିଶାରେ ଆସ୍ଥାନ ଜମାଇଥିବା ବଙ୍ଗଳାଦେଶୀମାନେ ଚିନ୍ତାରେ ପଡିଛନ୍ତି ।

## ଟ୍ୱିନ୍ ସିଟି କ୍ରାଇମ୍

### ଝାରପଡ଼ା ଜେଲରେ ପୁଣି ଜଣଙ୍କ ହାତ ଭାଙ୍ଗିଲେ

ଭୁବନେଶ୍ୱର ୩।୯ (ସଂଚାର ବ୍ୟୁରୋ): ଝାରପଡ଼ା ଜେଲରେ ବିଚାରାଧୀନ କଏଦୀଙ୍କୁ ଆକ୍ରମଣ ବଢ଼ିବାରେ ଲାଗିଛି। ଜେଲ ଭିତରେ ଚାଲିଛି କଏଦୀ ଓ ଜେଲ କର୍ତ୍ତୃପକ୍ଷଙ୍କ ଗୁଣ୍ଡାରାଜ୍। ଖବର ବାହାରକୁ ଆସିଲେ କରାଯାଉଛି ମରଣାନ୍ତକ ଆକ୍ରମଣ। ଖାଲି ଆକ୍ରମଣ ନୁହଁ ହାତଗୋଡ ଭାଙ୍ଗି ଦେଉଛନ୍ତି ଜେଲରେ ରାଜୁତି କରୁଥିବା କଏଦୀ। ହେଲେ ଯାହା ଜଣାପଡ଼ିଛି କଏଦୀ ଓ ଜେଲ କର୍ତ୍ତୁପକ୍ଷଙ୍କ ଭିତରେ ଚାଲିଛି ମଧୁଚନ୍ଦ୍ରିକା। ଗଣମାଧ୍ୟମରେ ଖବର ବାଜିଲେ ଅଫିସର ହେଉଛନ୍ତି ଆକ୍ଟିଭ୍। ଗତ ରବିବାର ଜଣେ ବିଚାରାଧୀନ କଏଦୀ ଜେଲର ଭିତର ଗୁମୁର ଖୋଲି ଦେବାରୁ ତାଙ୍କୁ ଗ୍ୟାଙ୍ଗଷ୍ଟର ହାଇଦର ପୁଅ ମୁନା କରିଥିଲା ମରଣାନ୍ତକ ଆକ୍ରମଣ। ଯାହାକୁ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଘଟଣାକୁ ନେଇ କଡାକଡି ଭାବେ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ଜେଲ୍ ବିଭାଗ ଏଡିଜି ଅମିତାଭ ଠାକୁର। କଟକ ଡିଭିଜନ୍ ଡିଆଇଜି ଅନୁସୟା ଜେନା ଏହି ମାମଲାର ତଦନ୍ତ ଆରମ୍ଭ କରିଥିବା ବେଳେ, ଘଟଣାକୁ ୨୪ ଘଣ୍ଟା ନ ପୁରୁଣୁ ପୁଣି ଏକ ଜେଲ ଭିତରୁ ଆସିଛି ଆଉ ଏକ ସଂଗୀନ ଅଭିଯୋଗ। ଜଣେ କଏଦୀଙ୍କୁ ଜେଲ କର୍ତ୍ତୃପକ୍ଷ ଗତକାଲି ମରଣାନ୍ତକ ଆକ୍ରମଣ କରି ତାଙ୍କର ହାତ ଭାଙ୍ଗିଦେଇଥିବା ଜଣାପଡ଼ିଛି। ହେଲେ ଏହି ଖବର ବାହାରକୁ କେମିତି ନଯିବ ସେ ନେଇ ଆହତ କଏଦୀଙ୍କୁ ମେଡ଼ିକାଲ ନ ପଠାଯାଇ ତାଙ୍କୁ ଜେଲ ଭିତରେ ହିଁ ରଖାଯାଇଥିଲା। କିନ୍ତୁ ଏହି ଖବର ମଧ୍ୟ ଗଣମାଧ୍ୟମ ନିକଟରେ ପହଞ୍ଚିବା ପରେ ଜେଲ କର୍ତୁପକ୍ଷ ଏକ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ଆହତ କଏଦୀ ଜଣଙ୍କ ହେଲେ ଜି ଗଙ୍ଗା ରେଡ୍ଡୀ।
ରବିବାର ଦିନ ଝାରପଡ଼ା ଜେଲରେ ବିଚାରାଧିନ କଏଦୀ ସୌମ୍ୟକାନ୍ତ ମହାନ୍ତିଙ୍କୁ ଆକ୍ରମଣ ଘଟଣାକୁ ନେଇ ଆରମ୍ଭ ହୋଇଛି ଖୋଳତାଡ। ଜେଲ ଭିତରେ କଏଦୀଙ୍କ ସୁରକ୍ଷାଙ୍କୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ, ଜେଲର କିଛି ଅଧିକାରୀ ବି ଏଥିରେ ସାମିଲ ଥିବା ଅଭିଯୋଗ ହେଉଛି। ଯାହାକୁ ନେଇ କେମିତି ଓ କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା, ଝାରପଡ଼ା ଜେଲ ଯାଇ ତାହାର ତଦନ୍ତ କରିଛନ୍ତି ଡିଆଇଜି ଅନୁସୟା ଜେନା।ଜେଲର ଗୁମର ଫିଟାଇବାରୁ ଗ୍ୟାଙ୍ଗଷ୍ଟର ହାଇଦରର ପୁଅ ମୁନା ଓ ତାଙ୍କ ଗ୍ୟାଙ୍ଗ୍ ବିଚାରାଧୀନ କଏଦୀ ସୌମ୍ୟକାନ୍ତ ମହାନ୍ତିଙ୍କୁ ମାଡ ମାରି ଲହୁ ଲୁହାଣ କରିଥିବା ଅଭିଯୋଗ ହୋଇଛି। ପରେ ପୁଣି ଜଣେ କଏଦୀଙ୍କୁ ମାଡ ମାରି ହାତ ଭାଙ୍ଗିବା ନେଇ ମଧ୍ୟ ଜେଲ କର୍ତୁପକ୍ଷ ଏକ ମାମଲା ରୁଜୁକରିଥିବା ଜଣାପଡ଼ିଛି। ଏନେଇ ଜେଲର ସୁପରିଟେଣ୍ଡେଣ୍ଟ୍ ଓ ଜେଲରଙ୍କୁ ଯୋଗାଯୋଗ କରାଯାଇଥିଲେ ବି କୌଣସି ସୂଚନା ମିଳିପାରିନାହିଁ।

### ୧୦ ବର୍ଷ ପୂରଣ କଲା 'ମାଧ୍ୟମ'

ଭୁବନେଶ୍ୱର ୩।୯ (ସଂଚାର ବ୍ୟୁରୋ): କମିଶନରେଟ୍ ପୁଲିସ ଓ ଏସଡ଼ିର ମିଳିତ ସହଯୋଗରେ ଉଭୟ କଟକ ଓ ଭୁବନେଶ୍ୱରର ଡିସିପି ଅଫିସ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା "ମାଧ୍ୟମ' ମହିଳା ସହଯୋଗ କେନ୍ଦ୍ରକୁ ଆଜି ୧୦ ବର୍ଷ ପୁରିଛି। ଏହି ଅବସରରେ ଆଜି କମିଶନରେଟ୍ ପୁଲିସ ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ "ମାଧ୍ୟମ'ର ୧୦ ବର୍ଷର ବାର୍ଷିକ୍ ରିପୋର୍ଟକୁ ପୁଲିସ କମିଶନର ସଂଜୀବ୍ ପଣ୍ଡା ଉନ୍ମୋଚନ କରିଛନ୍ତି। ସୂଚନା ଯୋଗ୍ୟଯେ, ଉଭୟ କଟକ ଓ ଭୁବନେଶ୍ୱରର ପରିସଂଖ୍ୟାନ ଦେଖିଲେ ଦେଖାଯାଏ ଯେ, ବର୍ତ୍ତମାନ ଥାନା ଗୁଡ଼ିକ ଅପେକ୍ଷା ନ୍ୟାୟ ପାଇଁ ଲୋକେ "ମାଧ୍ୟମ'କୁ ଆସୁଛନ୍ତି। ଗତ ୧୦ ବର୍ଷ ମଧ୍ୟରେ ମୋଟ ୫୬୧୬ ଜଣ ମହିଳା ଏହି କେନ୍ଦ୍ରକୁ ଆସିଥିବା ବେଳେ ସେ ମଧ୍ୟରୁ ୪୩୯୨ଟି ଅଭିଯୋଗକୁ ପଞ୍ଜିକୃତ କରାଯାଇ ଉଭୟ ପକ୍ଷଙ୍କୁ ଡାକି ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇଥିଲା। ମୋଟ ପଞ୍ଜିକୃତ ୪୩୯୨ଟି ଅଭିଯୋଗ ମଧ୍ୟରୁ ୨୭୭୯ଟି କେସରେ ସମାଧାନ ହୋଇପାରିଛି। ଯେତେସବୁ କେସ ପଞ୍ଜୀକୃତ ସେ ମଧ୍ୟରୁ ପାରିବାରିକ ହିଂସା ସମ୍ବନ୍ଧୀୟ କେସ୍ ଅଧିକ ଆସିଛି। ଯାହା ପୁଲିସ ପାଖେ ସମୟ ହୋଇ ନଥାନ୍ତା ଏତେ ମାତ୍ରାରେ ସମୟ ଦେଇ କେସର ସମାଧାନ କରିବା ପାଇଁ ତେଣୁ "ମାଧ୍ୟମ' କେସ ସମାଧାନ କରିବାରେ ଏକ ବିଶେଷ ଭୂମିକା ତୁଲାଇଛି।

## ଖଣି ଉପନିର୍ଦ୍ଦେଶକ ଗିରଫ



ଅନୁଗୁଳ,୯।୩ (ସଂଚାର ବ୍ୟୁରୋ): ଅନୁଗୁଳ ଜିଲ୍ଲା ତାଳଚେର ଖଣି ଉପନିର୍ଦ୍ଦେଶକ (ଡିଡିଏମ୍)ଙ୍କର ଅମାପ ସମ୍ପତ୍ତି ବାହାରିବା ପରେ ତାଙ୍କୁ ବାନ୍ଧିଛି ଭିଜିଲାନ୍ସ। ଗତକାଲି ଖଣି ଉପନିର୍ଦ୍ଦେଶକଙ୍କ ଘରୁ ପୁଳା ପୁଳା ଆୟ ବର୍ହିଭୂତ୍ର ସମ୍ପତ୍ତି ବାହାରିଥିବା ବେଳେ ଆଜି ଖଣି ଉପନିର୍ଦ୍ଦେଶକ ଧରଣୀଧର ନାୟକ ଗିରଫ ହୋଇଛନ୍ତି। କାର୍ଯ୍ୟାଳୟ ଓ ସରକାରୀ ବାସଭବନରେ ଆଜି ଭିଜିଲାନ୍ସ ଟିମ୍ ପକ୍ଷରୁ ଚଢ଼ଉ କରାଯାଇଛି। ଭିଜିଲାନ୍ସ ୪ ଲକ୍ଷରୁ ଅଧିକ ଟଙ୍କା ଓ ଡିଡିଏମ୍‌ଙ୍କ ମୋବାଇଲ୍ ଫୋନ୍ ଜବତ କରିଛି।
ଖଣି ଉପନିର୍ଦ୍ଦେଶକଙ୍କ ସମ୍ପତ୍ତି ତାଲିକା ଦେଖି ତାଜୁବ ହୋଇ ଯାଇଛନ୍ତି ଭିଜିଲାନ୍ସ ଅଧିକାରୀ। ତାଙ୍କର ୧ କୋଟି ୩୦ ଲକ୍ଷର ଏକ ଫ୍ଲାଟ ଥିବା ବେଳେ ୧୧ଟି ପ୍ଲଟ ରହିଛି। ଏଥିସହ ବାବୁଙ୍କର ୨ଟି ମାର୍କେଟ କମ୍ପ୍ଲେକ୍ସ, ଭୁବନେଶ୍ୱରରେ ଗୋଟିଏ ଡୁପ୍ଲେକ୍ସ କୋଠା ଥିବା ବେଳେ ୫୩ ଲକ୍ଷର ବ୍ୟାଙ୍କ ଜମା ଠାବ ହୋଇଛି। ଏହାବାଦ ତାଙ୍କ ଘରୁ ୯ ଲକ୍ଷ ୮୫ ହଜାର ଟଙ୍କା ଜବତ ହୋଇଛି।

## 'ସୁଭଦ୍ରା' ଯୋଜନା ପ୍ରସ୍ତୁତି ସମୀକ୍ଷା



ଭୁବନେଶ୍ୱର ୩।୯ (ସଂଚାର ବ୍ୟୁରୋ): ସୁଭଦ୍ରା ଯୋଜନାର ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଆର୍ଥିକ ସହାୟତା ସେପ୍ଟେମ୍ବର ୧୭ରେ ପ୍ରଦାନ କରାଯିବ। ଏହି ଦିନ ଭୁବନେଶ୍ୱରସ୍ଥିତ ଜନତା ମୈଦାନ ଠାରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ରଲ ମୋଦି ଯୋଗଦେଇ ହିତାଧିକାରୀଙ୍କୁ ସୁଭଦ୍ରା କାର୍ଡ ବଣ୍ଟନ କରିବେ। କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପାଦନ କରିବା ତଥା ହିତାଧିକାରୀଙ୍କୁ ପ୍ରଥମ କିସ୍ତି ସହାୟତା ଅର୍ଥ ପ୍ରଦାନ କରାଯିବାକୁ ଥିବା ପରିପ୍ରେକ୍ଷୀରେ ମଙ୍ଗଳବାର ପୂର୍ବାହ୍ନରେ ସୁଭଦ୍ରା ଯୋଜନା ରାଜ୍ୟସ୍ତରୀୟ ପରିଚାଳନା କମିଟି ବୈଠକ ମୁଖ୍ୟ ଶାସନ ସଚିବ ତଥା କମିଟିର ଅଧ୍ୟକ୍ଷ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ପ୍ରସ୍ତୁତି ସଂପର୍କରେ ଉପସ୍ଥାପନ କରିଥିଲେ। ପ୍ରଶାସନିକ ସ୍ତରରେ ଗଠିତ ଅଭ୍ୟର୍ଥନା କମିଟି, ସାଂସ୍କୃତିକ କମିଟି, ସହର ସୌନ୍ଦର୍ଯ୍ୟକରଣ କମିଟି, ଲୋକସଂପର୍କ କମିଟି, ନାରୀଶକ୍ତି କମିଟି, ସମନ୍ୱୟ କମିଟି ଆଦି ଉପକମିଟିର କାର୍ଯ୍ୟ ଅଗ୍ରଗତି ଓ ପ୍ରସ୍ତୁତି ସଂପର୍କରେ ଆଲୋଚନା କରାଯାଇଥିଲା। ବିପୁଳ ଜନସମାଗମ ସମ୍ଭାବନା ଥିବାରୁ କାର୍ଯ୍ୟକ୍ରମ ସ୍ଥଳର ପ୍ରସ୍ତୁତି, ପାର୍କିଂ ସ୍ଥଳ, ଟ୍ରାଫିକ୍ ପରିଚାଳନା, ପରିବହନ ବ୍ୟବସ୍ଥା,ପାଶ୍ ପ୍ରଦାନ, ଗଣମାଧ୍ୟମ ପରିଚାଳନା ଆଦି ବ୍ୟବସ୍ଥା ସଂପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମ ସୁଚାରୁରୂପେ ସଂପାଦନ ପାଇଁ ମୁଖ୍ୟ ଶାସନ ସଚିବ ସମସ୍ତଙ୍କର ସହଯୋଗ କାମନା କରିଥିଲେ।

## ଓଟଡିସିର ମନ୍ତ୍ର: ଅତିଥି ଦେବୋ ଭବଃ

### ଆଜିଠୁ ଧଉଳିରେ ଲାଇଟ ଶୋ'

ଭୁବନେଶ୍ୱର, ୦୩। ୦୯ (ସଂଚାର ବ୍ୟୁରୋ): ଆଜି ଭୁବନେଶ୍ୱରସ୍ଥିତ ପାନ୍ଥନିବାସଠାରେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡ଼ିସି)ର ୪୫ତମ ପ୍ରତିଷ୍ଠା ଦିବସ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଟିଡ଼ିସି, ଓଡ଼ିଶାକୁ ଏକ ସୁପ୍ରତିଷ୍ଠିତ ବ୍ରାଣ୍ଡ ବୋଲି ଉଲ୍ଲେଖ କରିଥିଲେ। ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶା ପାଖେ ଅସୀମ ସୁଯୋଗ ଉପଲବ୍ଧ ଅଛି । ଓଡ଼ିଶାର ଆର୍ଥିକ ଅଭିବୃଦ୍ଧି ଏହାର ପର୍ଯ୍ୟଟନ କ୍ଷେତ୍ର ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ବୋଲି ସେ ମତବ୍ୟକ୍ତ କରିଥିଲେ। ସମଗ୍ର ଭାରତରେ ଓଡ଼ିଶାକୁ ଏକ ପର୍ଯ୍ୟଟନ ହବ୍ କରିବା ପାଇଁ ଆମ ସମସ୍ତଙ୍କୁ ଏକଜୁଟ ହୋଇ କାମ କରିବାକୁ ସେ ଆହ୍ୱାନ କରିଛନ୍ତି। ସୁସ୍ୱାଦୁ ଖାଦ୍ୟ, ସ୍ୱଚ୍ଛତା, ପରିମଳ ସହ ଅତ୍ୟାଧୁନିକ ବ୍ୟବସ୍ଥା ଯୋଗାଇ ଦେଇ ଆମେ ପର୍ଯ୍ୟଟକମାନଙ୍କୁ ଏକ ସୁନ୍ଦର ଅନୁଭୂତି ପ୍ରଦାନ କରିପାରିବା ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ମତ ପ୍ରକାଶ କରିଛନ୍ତି। ରାଜ୍ୟ ପର୍ଯ୍ୟଟନ ବିଭାଗର ପ୍ରତ୍ୟେକ ପର୍ଯ୍ୟଟନସ୍ଥଳୀ ଭିତ୍ତିଭୂମି ସ୍ଥାପନରେ ନିଗମ ପ୍ରମୁଖ ଭୂମିକା ଗ୍ରହଣ କରି ଆସିଛି ବୋଲି ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ବଲବନ୍ତ ସିଂ ଉଲ୍ଲେଖ କରିଛନ୍ତି। ଓଡ଼ିଶାକୁ ଆସୁଥିବା ପର୍ଯ୍ୟଟକଙ୍କୁ ଉଚ୍ଚଶ୍ରେଣୀର ସେବା ଯୋଗାଇ ଦେବା ପାଇଁ ଆମେ ପ୍ରୟାସ ଜାରି ରଖିବୁ ବୋଲି ସେ ମତବ୍ୟକ୍ତ କରିଛନ୍ତି।
ପର୍ଯ୍ୟଟକମାନଙ୍କୁ ଉତ୍ତମ ସେବା ପ୍ରଦାନ କରିବା ନିମନ୍ତେ



ଏହି ଅବସରରେ ଓଟିଡ଼ିସିର ୧୪ଟି ୟୁନିଟକୁ ପୁରସ୍କୃତ କରାଯାଇଛି। ସର୍ବାଧିକ ବାର୍ଷିକ ଆୟ ପାଇଁ ପୁରୀ ପାନ୍ଥନିବାସ, ଉତ୍ତମ ପର୍ଯ୍ୟଟକ-ଅନୁକୂଳ ୟୁନିଟ୍ ପାଇଁ ଗୋପାଳପୁର ପାନ୍ଥନିବାସ, ଓ ଉତ୍ତମ ପରିବେଶ ପାଇଁ ରାଉରକେଲାକୁ ପୁରସ୍କୃତ କରାଯାଇଛି । ଏହାସହ ଓଟିଡ଼ିସିର ଆତିଥ୍ୟ, ହାଉସକିପିଂ, ଇଞ୍ଜିନିୟରିଂ ଏବଂ ଅନ୍ୟାନ୍ୟ ବିଭାଗର ଶ୍ରେଷ୍ଠ ୨୨ ଜଣ ଯୋଗ୍ୟ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଛି ।ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଓଟିଡ଼ିସି ପକ୍ଷରୁ ଏକ ବେକରୀ ଭ୍ୟାନକୁ ଉଦଘାଟନ କରିଥିଲେ।
ଏହି ଅବସରରେ ଓଟିଡ଼ିସି ଜେନେରାଲ ମ୍ୟାନେଜର ଡ. ଲଲାଟେନ୍ଦୁ ସାହୁ ସ୍ୱାଗତ ଭାଷଣ ଦେବା ସହ ଓଟିଡ଼ିସି କର୍ମଚାରୀ ସଂଘର କାର୍ଯ୍ୟକାରୀ ସଭାପତି ଶ୍ରୀ ବେଣୁଧର ପାତ୍ର କର୍ମଚାରୀମାନଙ୍କ କଲ୍ୟାଣ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଟିଡ଼ିସି ବୋର୍ଡର ନିର୍ଦ୍ଦେଶକମାନଙ୍କ ସହ ଅନ୍ୟାନ୍ୟ ଅଧିକାରୀବୃନ୍ଦ ମାନେ ଉପସ୍ଥିତ ଥିଲେ ।

## ବିଧାନସଭାରୁ



### ପ୍ରକଳ୍ପ ପାଇଁ କଟାଯାଇଛି ୧୮,୯୭୯ ହେକ୍ଟର ଜଙ୍ଗଲ

ଭୁବନେଶ୍ୱର, ୦୩।୦୯ : ଜଙ୍ଗଲ ଜମିରେ ଶିଳ୍ପ, ଖଣି ଓ ସଡକ, ରେଳପଥ ପ୍ରକଳ୍ପ ନିମନ୍ତେ ରାଜ୍ୟରେ ଗତ ୧୦ବର୍ଷରେ ଅର୍ଥାତ୍ ୨୦୧୪ ରୁ ୨୦୨୩ ମଧ୍ୟରେ ବିଭିନ୍ନ ଜିଲ୍ଲାରେ ମୋଟ୍ ୧୮,୯୭୯. ୫୨୬ ହେକ୍ଟର ରକ୍ଷିତ ଜଙ୍ଗଲ ଜମି, ପ୍ରସ୍ତାବିତ ରକ୍ଷିତ ଜଙ୍ଗଲ ଜମି,ଗ୍ରାମ୍ୟ ଜଙ୍ଗଲ ଜମି, ଡିଏଲ୍‌ସି ଜମି ଓ ଅନ୍ୟାନ୍ୟ କିସମର ଜଙ୍ଗଲ ଜମିକୁ ଭାରତ ସରକାରଙ୍କ ପରିବେଶ, ଜ=ଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଚୂଡାନ୍ତ ଅନୁମୋଦନ ଅନୁମୋଦନ ପ୍ରଦାନ କରିଛନ୍ତି।
ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ବିଧାନସଭାରେ ଏହି ସୂଚନା ଦେଇଛନ୍ତି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ। ମନ୍ତ୍ରୀ କହିଛନ୍ତିଯେ ଉପରୋକ୍ତ ଜଙ୍ଗଲ ଜମି ପ୍ରତି ବଦଳରେ ବିଭିନ୍ନ ଜିଲ୍ଲାରେ ୧୨,୬୨୫ ହେକ୍ଟର ଜଙ୍ଗଲ ଜମିରେ ଏବଂ ୬୧୦୧ ହେକ୍ଟର ଅଣଜଙ୍ଗଲ ଜମିରେ କ୍ଷତିପୂରକ ବନୀକରଣ କରାଯାଇ ୫୪କୋଟି ୭୩ଲକ୍ଷ ୬୧ହଜାର ୩୮୩ ଟଙ୍କା ବ୍ୟୟରେ ନୂତନ ଜଙ୍ଗଲ ସୃଷ୍ଟି କରାଯାଇଛି।

### ପ୍ରକଳ୍ପ ପାଇଁ ଗ୍ରାମସଭା ନେବ ନିଷ୍ପତ୍ତି

ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ଗ୍ରାମସଭା ବସି ନିଷ୍ପତ୍ତି ନେବାର ନିମୟ ରହିଛି। ପ୍ରତି ପଞ୍ଚାୟତରେ ବର୍ଷକୁ ଦୁଇଥର ଗ୍ରାମସଭା ହୋଇଥାଏ ବୋଲି ସୂଚନା ଦେଇଛନ୍ତି ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାଏକ।ପଞ୍ଚାୟତରେ ଗ୍ରାମସଭା ବସିବା ନେଇ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି ଯେ ପ୍ରତି ପଞ୍ଚାୟତରେ ବାର୍ଷିକ ଓ ଅର୍ଦ୍ଧବାର୍ଷିକ ଆକାରରେ ବର୍ଷକୁ ଦୁଇଥର ଯଥା ଫେବୃୟାରୀ ଓ ଜୁନ୍ ମାସରେ ଗାମସଭା ବସିଥାଏ। ଏହାବାଦ୍ ଗ୍ରାମପଞ୍ଚାୟତ ନିୟମାବଳୀ ୨୦୧୪ ଅନୁସାରେ ବର୍ଷକୁ ଚାରିଥର ଯଥା ଜାନୁୟାରୀ ୨୬, ମଇ ୧, ଅଗଷ୍ଟ ୧୫ ଓ ଅକ୍ଟୋବର ୨ତାରିଖରେ ଗ୍ରାମସଭା ବସିବାର ନିୟମ ରହିଛି। ଝାରସୁଗୁଡା ଜିଲ୍ଲାରେ ମୋଟ୍ ୭୮ଟି ପଞ୍ଚାୟତ ରହିଛି ଏବଂ ଝାରସୁଗୁଡା ଜିଲ୍ଲା ଅର୍ନ୍ତଗତ ସମସ୍ତ ଗ୍ରାମ ପଞ୍ଚାୟତରେ ନିମୟିତ ଭାବରେ ଗ୍ରାମସଭା ବୈଠକ ବସୁଥିବା ମନ୍ତ୍ରୀ ଶ୍ରୀ ନାଏକ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି।

### ୨୫ ଉଦ୍ୟୋଗରେ ୫୫୨ ଅବସରପ୍ରାପ୍ତ କର୍ମଚାରୀ

ରାଜ୍ୟରେ ଲାଭରେ ଚାଲୁଥିବା ୨୫ଟି ଉଦ୍ୟୋଗରେ ଅବସରଗ୍ରହଣ କରିଥିବା ୫୫୨ ଜଣ କର୍ମଚାରୀ ସେଠରେ ପୁନଃ ନିଯୁକ୍ତି ପାଇଥିବାବେଳେ ବାହାରୁ ଆସି ଉଦ୍ୟୋଗଗୁଡିକରେ ୫ହଜାରରୁ ଅଧିକ ଲୋକ ନିଯୁକ୍ତ ହୋଇଛନ୍ତି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନାଦେଇଛନ୍ତି ସରକାରୀ ଉଦ୍ୟୋଗ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର। ମନ୍ତ୍ରୀ ଦର୍ଶାଇଚନ୍ତି ଯେ ଲାଭରେ ଥିବା ୨୫ଟି ସରକାରୀ ଉଦ୍ୟୋଗରୁ ଅବସର ନେଇଥିବା ୫୫୨ଜଣ ଅବସର ପରେ ସେଠାରେ ନିଯୁକ୍ତ ହୋଇଥିବାବେଳେ ଅନ୍ୟ ସ୍ଥାନରୁ ଆସି ୧୫୧୦ଜଣ ସେଠାରେ ନିଯୁକ୍ତ ହୋଇଛନ୍ତି। ଓଡିଶା ବନ ଉନ୍ନୟନ ନିଗମରୁ ଅବସର ନେଇଥିବା ୨୩୭ଜଣ ସେଠାରେ ପୁନଃ ନିଯୁକ୍ତ ହୋଇଥବାବେଳେଏହି ନିଗମରେ ୧୯୨ଜଣ ବାହାରୁ ଆସି ନିଯୁକ୍ତ ହୋଇଛନ୍ତି। ସେହିଭଳି ଓଡିଶା ନିର୍ମାଣ ନିଗମରେ ୫୬୫ ଜଣ ବାହାରୁ ଆସି ନିଯୁକ୍ତ ହୋଇଥିବାବେଳେ ଓଡିଶା ଉଠାଜଳସେଚନ ନିଗମରେ ୩୧୬ଜଣ, ଓଡିଶା ଜଳବିଦ୍ୟୁତ୍ ନିଗମରେ ୧୫୮ଜଣ, ଓଡିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମରେ ୧୧୩ଜଣ, ଓଡିଶା ପୁଲିସ୍ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ ଲିମିଟେଡରେ ୪୭ଜଣ ଏବଂ ଓ୍ୱାଟ୍‌କୋରେ ୩୨ଜଣ କର୍ମଚାରୀ ବାହାରୁ ଆସି ନିଯୁକ୍ତ ହୋଇଛନ୍ତି। ଓ୍ୱାଟକୋରୁ ଅବସର ନେଇଥିବା ୧୮ଜଣ କର୍ମଚାରୀ ମଧ୍ୟ ସେଠାରେ ପୁନଃ ନିଯୁକ୍ତି ପାଇଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି।

# ବେଆଇନ ମଦ କାରବାର ଉପରେ ଚଢ଼କ

## ପୂର୍ବର ସମସ୍ତ କାରବାରକୁ ମୂଳପୋଛ କରାଯିବ





ଭଙ୍ଗା ହେଲା ୧୪୪୩ ବେଆଇନ ଭାଟି
୧୯୫୭ ଜଣ ଗିରଫ, ୧୮୩ ଗାଡି ଜବତ

ଭୁବନେଶ୍ୱର, ୦୩। ୦୯ (ସଂଚାର ବ୍ୟୁରୋ): ବେଆଇନ ମଦ କାରବାର ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ଅଗଷ୍ଟ ମାସ ୨୦ ତାରିଖରୁ ଆରମ୍ଭ ହୋଇଥିବା ଚଢ଼ାଉ ଅଭିଯାନ ଆଜିବି ଜାରି ରହିଛି । ଦୀର୍ଘ ୧୫ ଦିନ ଧରି ଚାଲିଥିବା ଏହି ଚଢ଼ାଉ ସମଗ୍ର ରାଜ୍ୟରେ ଦୀର୍ଘତମ ତଥା ସର୍ବବୃହତ ଚଢ଼ାଉ ଅଭିଯାନ ବୋଲି ବିବେଚନା କରାଯାଉଛି । ରାଜ୍ୟସରକାରଙ୍କ କଡା ଆଭିମୁଖ୍ୟ ସ୍ୱରୂପ ପୂର୍ବରୁ ରହି ଆସିଥିବା ଏହି ବେଆଇନ ମଦ ଭାଟି ଓ ବିକ୍ରୟ କେନ୍ଦ୍ର ଗୁଡ଼ିକୁ ଅବକାରୀ ବିଭାଗର ବିଭିନ୍ନ ଟିମ ପକ୍ଷରୁ ଖୋଜି ବାହାର କରିବା ସହିତ ସମ୍ପୂର୍ଣ୍ଣ ରୂପେ ଭଙ୍ଗା ଯାଉଛି । ଏହି କ୍ରମରେ ସମଗ୍ର ରାଜ୍ୟର ୧୪୪୩ଟି ବେଆଇନ ମଦ ଭାଟିକୁ ଭାଙ୍ଗି ନଷ୍ଟ କରାଯିବା ସହ ପାଖାପାଖି ୧୦ ଟିରୁ ଉର୍ଦ୍ଧ ଭାଟିକୁ ବୁଲଡୋଜର ଯୋଗେ ସମ୍ପୂର୍ଣ୍ଣ ରୂପେ ଧୂଳିସାତ କରାଯାଇଛି । ଏଥିମଧ୍ୟରୁ କେବଳ ରାଜଧାନୀର ୫୧ ଟି ବେଆଇନ ମଦ ଭାଟିକୁ ନଷ୍ଟ କରାଯାଇଛି । ଅବକାରୀ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ବେଆଇନ ମଦ କାରବାର ନେଇ ୩୬୧୮ ଟି ମାମଲା ରୁଜୁ ହେବା ସହିତ ୧୫୧୯ ସ୍ଥାନରେ ଚଢ଼ାଉ କରାଯାଇ ୧୯୫୭ ଜଣଙ୍କୁ ଗିରଫ କରାଯାଇଛି । ଏହି କ୍ରମରେ ୧ ଲକ୍ଷ ୮୩ ହଜାର ୬୬୯ ଲିଟର ବେଆଇନ ମଦ ଏବଂ ୧୭ ଲକ୍ଷ ୨୬ ହଜାର ୫୦୯ କେଜି ପ୍ରସ୍ତୁତି ସାମଗ୍ରୀ ଜବତ ହୋଇଛି । ଏଥି ସହ ବେଆଇନ କାର୍ଯ୍ୟରେ ବ୍ୟବହୃତ ୧୮୩ ଟି ଗାଡିକୁ ମଧ୍ୟ ଅବକାରୀ ବିଭାଗ ପକ୍ଷରୁ ଜବତ ହୋଇଛି । ଏହି ଚଢ଼ାଉ କାର୍ଯ୍ୟକ୍ରମ ସମ୍ପର୍କରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରତିକ୍ରିୟା ରଖି କହିଛନ୍ତି ଯେ ପୂର୍ବରୁ ଚାଲି ଆସିଥିବା ଏହି ସମସ୍ତ ବେଆଇନ କାରବାର ଉପରେ ରାଜ୍ୟ ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିବେ । ଆଗକୁ ଏହି ଭଳି ଅଭିଯାନକୁ ଆହୁରି ଜୋରଦାର କରାଯିବ ଏବଂ ସମସ୍ତ ବେଆଇନ କାରବାର ଉପରେ ରୋକ ଲଗାଯିବ ।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha)
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର